52 YEARS
ORISSA RADIO HOUSE
ORISSA RADIO HOUSE
ଓଡ଼ିଶା ରେଡ଼ିଓ ହାଉସ୍
Berhampur Stadium Road, Opp. Trekker Stand
M: 7008348352,9861013516,7008809075

# ଦୈନିକ ଆଶା

Dainik Asha, The Oldest Odiya Daily,
ପ୍ରତିଷ୍ଠାତା: ଶଶିଭୂଷଣ ରଥ

ସର୍ବ ପୁରାତନ ଦୈନିକ ଖବର କାଗଜ
ସଂସ୍ଥାପକ : ବୃନ୍ଦାବନ ନାୟକ

dainikasha.press
dainikasha.press
dainikasha.press

RNI NO-42004/83 | Vol. : 45/ Issue : 146 | Brahmapur | Thursday 9 July 2026 | ବର୍ଷ: ୪୫/ ଅଙ୍କ: ୧୪୬ | ଗୁରୁବାର ୯ ଜୁଲାଇ ୨୦୨୬ | ବ୍ରହ୍ମପୁର | ପୃଷ୍ଠା:୮ | ମୂଲ୍ୟ: ଟ.୫.୦୦

## ସାବାଡ ହେବେ ସାଇବର ଠକ

# 'ଇ-ଜିରୋ ଏଫ୍ଆଇଆର୍' ଶୁଭାରମ୍ଭ

କଟକ ୮।୭: ସାଇବର ଆର୍ଥିକ ଠକେଇ ମାମଲାର ଶୀଘ୍ର ପଞ୍ଜୀକରଣ, ଦ୍ରୁତ ତଦନ୍ତ ଏବଂ ପୀଡ଼ିତଙ୍କୁ ଶୀଘ୍ର ନ୍ୟାୟ ପ୍ରଦାନ ଉଦ୍ଦେଶ୍ୟରେ ଓଡ଼ିଶା ପୋଲିସ ଆଜି 'ଇ-ଜିରୋ ଏଫ୍ଆଇଆର୍ ବ୍ୟବସ୍ଥାର ଶୁଭାରମ୍ଭ କରିଛି। ରାଜ୍ୟ ପୋଲିସ ମୁଖ୍ୟାଳୟରେ ଆୟୋଜିତ



କାର୍ଯ୍ୟକ୍ରମରେ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆ ଏହି ବ୍ୟବସ୍ଥାର ଉଦ୍ଘାଟନ କରିଥିଲେ। ସାଇବର ଆର୍ଥିକ ଠକେଇ ଘଟଣା ବଢ଼ୁଥିବାରୁ ଅଭିଯୋଗ ପଞ୍ଜୀକରଣକୁ ଅଧିକ ଦ୍ରୁତ, ସରଳ ଓ ପ୍ରଭାବଶାଳୀ କରିବା ସହ ଠକେଇ ହୋଇଥିବା ଅର୍ଥ ଉଦ୍ଧାରର ସମ୍ଭାବନା ବଢ଼ାଇବା ପାଇଁ ଏହି ପଦକ୍ଷେପ ନିଆଯାଇଛି। ଏହା ନାଗରିକଙ୍କୁ ଅଧିକ ସ୍ୱଚ୍ଛ, ଦକ୍ଷ ଓ ଜନକଲ୍ୟାଣମୂଳକ ପୋଲିସ ସେବା ପ୍ରଦାନ ଦିଗରେ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ଏହି ବ୍ୟବସ୍ଥାରେ ରାଜ୍ୟ ଅପରାଧ ଅଭିଲେଖ ବ୍ୟୁରୋ ଜାତୀୟ ସାଇବର ହେଲ୍ପଲାଇନ୍ ୧୯୩୦କୁ ସହ ସମନ୍ୱୟ କରିଛି। ନୂତନ ବ୍ୟବସ୍ଥା ଅନୁଯାୟୀ, ୧୦ ଲକ୍ଷ ଟଙ୍କା କିମ୍ବା ତା'ଠାରୁ ଅଧିକ ସାଇବର ଆର୍ଥିକ ଠକେଇ ସମ୍ବନ୍ଧୀୟ ଅଭିଯୋଗ ୧୯୩୦ରେ ପଞ୍ଜୀକୃତ ହେଲେ, ରେ ସ୍ୱୟଂଚାଳିତ ଭାବେ - ଅନୁରୋଧ ସୃଷ୍ଟି ହେବ ଏବଂ ତାହା ଅପରାଧ ଶାଖାର ସାଇବର ପୋଲିସ ଷ୍ଟେସନ୍କୁ ପଠାଯିବ। ପ୍ରାଥମିକ ଯାଞ୍ଚ ପରେ ସାଇବର ପୋଲିସ ଷ୍ଟେସନ୍ ନିୟମିତ ଏଫ୍ଆଇଆର୍ ପଞ୍ଜୀକରଣ କରି ତଦନ୍ତ ଆରମ୍ଭ କରିପାରିବ। ପ୍ରୟୋଜନ ଅନୁଯାୟୀ ମାମଲାକୁ ସମ୍ପୃକ୍ତ ଥାନାକୁ ସ୍ଥାନାନ୍ତର, ଜିରୋ ଏଫ୍ଆଇଆର୍ ଭାବେ ପଞ୍ଜୀକରଣ, ପୂର୍ବରୁ ଥିବା ମାମଲା ସହ ସଂଯୋଗ କିମ୍ବା ନିର୍ଦ୍ଧାରିତ ମାନଦଣ୍ଡ ପୂରଣ ନ କରୁଥିବା ଅଭିଯୋଗକୁ ବନ୍ଦ କରାଯାଇପାରିବ। ଏହି ବ୍ୟବସ୍ଥା ମାଧ୍ୟମରେ ମାମଲା ପଞ୍ଜୀକରଣ ଓ ସୂଚନା ଆଦାନ-ପ୍ରଦାନ ଅଧିକ ଦ୍ରୁତ ଏବଂ ସୁବ୍ୟବସ୍ଥିତ ହେବ। ଅଭିଯୋଗକାରୀମାନେ ମଧ୍ୟ ନିଜ ମାମଲାର ଅଗ୍ରଗତି ସମ୍ପର୍କରେ ସହଜରେ ସୂଚନା ପାଇପାରିବେ।

ଏହି ଅବସରରେ ଡିଜିପି ଯୋଗେଶ ବାହାଦୁର ଖୁରାନିଆ କହିଥିଲେ, ''ସାଇବର ଅପରାଧର ମୁକାବିଲା ପାଇଁ ଆଧୁନିକ ପ୍ରଯୁକ୍ତିର ସର୍ବାଧିକ ବ୍ୟବହାର କରି ନାଗରିକଙ୍କୁ ତ୍ୱରିତ, ସ୍ୱଚ୍ଛ ଓ ଜନକଲ୍ୟାଣମୂଳକ ପୋଲିସ ସେବା ପ୍ରଦାନ କରିବାକୁ ଓଡ଼ିଶା ପୋଲିସ ପ୍ରତିବଦ୍ଧ। ସେ ସାଧାରଣ ଲୋକଙ୍କୁ ଅନୁରୋଧ କରିଥିଲେ ଯେ, ସାଇବର ଆର୍ଥିକ ଠକେଇର ଶିକାର ହେଲେ ବିଳମ୍ବ ନ କରି ତୁରନ୍ତ ୧୯୩୦ରେ ଅଭିଯୋଗ କରନ୍ତୁ। ଶୀଘ୍ର ଅଭିଯୋଗ କଲେ ପୋଲିସ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେଇପାରିବ ଏବଂ ଠକେଇ ହୋଇଥିବା ଅର୍ଥ ଫେରିପାଇବାର ସମ୍ଭାବନା ମଧ୍ୟ ବଢ଼ିବ। ଡିଜିପି ଏହି ବ୍ୟବସ୍ଥାର ସଫଳ କାର୍ଯ୍ୟକାରିତା ପାଇଁ ରାଜ୍ୟ ଅପରାଧ ଅଭିଲେଖ ବ୍ୟୁରୋ, ଅପରାଧ ଶାଖା ଓ ସମ୍ପୃକ୍ତ ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କ ପ୍ରୟାସକୁ ପ୍ରଶଂସା କରିଥିଲେ।

'ଇ-ଜିରୋ ଏଫ୍ଆଇଆରବ୍ୟବସ୍ଥା ଓଡ଼ିଶା ପୋଲିସର ପ୍ରଯୁକ୍ତିନିର୍ଭର, ଆଧୁନିକ ଓ ଦକ୍ଷ ପୋଲିସିଂ ବ୍ୟବସ୍ଥା ଗଠନ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ଏହା ସାଇବର ଅପରାଧର ମୁକାବିଲା ସହ ପୀଡ଼ିତଙ୍କୁ ଶୀଘ୍ର ନ୍ୟାୟ ପ୍ରଦାନରେ ସହାୟକ ହେବ।

## ଗୁଜରାଟରେ ଲଗାଣ ବର୍ଷା

# ସୁରତରେ ୯ ମୃତ, ହଜାର ହଜାର ଲୋକ ବେଘର

ଅହମଦାବାଦ, ୮।୭: ଗୁଜରାଟରେ ଲଗାଣ ବର୍ଷା ଯୋଗୁ ଜନଜୀବନ ଗୁରୁତର ଭାବେ ପ୍ରଭାବିତ ହୋଇଛି। ବିଶେଷକରି ସୁରତ ସହର ଓ ଦକ୍ଷିଣ ଗୁଜରାଟର ଅନେକ ଅଞ୍ଚଳ ବନ୍ୟା ପରିସ୍ଥିତିର ସମ୍ମୁଖୀନ ହୋଇଛି। ଗତ ଦୁଇ ଦିନ ମଧ୍ୟରେ କେବଳ ସୁରତରେ ବର୍ଷାଜନିତ ବିଭିନ୍ନ ଘଟଣାରେ ୯ ଜଣଙ୍କର ମୃତ୍ୟୁ ଘଟିଥିବାବେଳେ ୩ ଜଣ ଆହତ ହୋଇଛନ୍ତି। ରାଜ୍ୟରେ ଏକାସାଙ୍ଗରେ ପାଞ୍ଚଟି ପାଣିପାଗ ପ୍ରଣାଳୀ ସକ୍ରିୟ ଥିବାରୁ ଦକ୍ଷିଣ ଗୁଜରାଟ ଓ ସୌରାଷ୍ଟ୍ରର କିଛି ଅଞ୍ଚଳରେ ଅତି ପ୍ରବଳ ବର୍ଷା ଜାରି ରହିଛି । ଗତ ୨୪ ଘଣ୍ଟାରେ ରାଜ୍ୟର ୧୯୫ଟି ତହସିଲରେ ବର୍ଷା ରେକର୍ଡ କରାଯାଇଛି। ସେଥିମଧ୍ୟରୁ ୬ଟି ତହସିଲରେ ୧୦ ଇଞ୍ଚରୁ ଅଧିକ ବର୍ଷା ହୋଇଛି। ସୁରତ ଜିଲ୍ଲାର ପାଲସାନାରେ ସର୍ବାଧିକ ୧୮ ଇଞ୍ଚ ବର୍ଷା ହୋଇଥିବାବେଳେ କାମରେଜରେ ୧୭ ଇଞ୍ଚ, ନବସାରୀରେ ୧୫ ଇଞ୍ଚ, ସୁରତ ସହରରେ ୧୪ ଇଞ୍ଚ, ବଲସାଡ଼ର କପରାଡାରେ ୧୩ ଇଞ୍ଚ ଓ ଜଲାଲପୁରରେ ୧୧ ଇଞ୍ଚ ବର୍ଷା ହୋଇଛି।

ଜୁଲାଇ ୬ ଓ ୭ ତାରିଖରେ ସୁରତରେ ପ୍ରାୟ ୧୮ ଇଞ୍ଚ ବର୍ଷା ହେବାରୁ ସହରର ପାଞ୍ଚଟି ପ୍ରମୁଖ ପ୍ରାକୃତିକ ଝରଣା ମଧ୍ୟରୁ ଚାରିଟି ଉଚ୍ଛୁଳି ପଡ଼ିଥିଲା। ଫଳରେ ଆବାସିକ ଅଞ୍ଚଳ, ବସ୍ତି, ବ୍ୟବସାୟିକ ପ୍ରତିଷ୍ଠାନ ଓ ପ୍ରମୁଖ ରାସ୍ତାଗୁଡ଼ିକ ପାଣିରେ ବୁଡ଼ି ଯାଇଥିଲା। ସହରର ଅନେକ ସ୍ଥାନରେ ୧୧ରୁ ୧୯ ଇଞ୍ଚ ପର୍ଯ୍ୟନ୍ତ ବର୍ଷା ରେକର୍ଡ ହୋଇଥିବାରୁ ୧୯୪୧ ପରେ ଜୁଲାଇ ମାସର ସର୍ବାଧିକ ବର୍ଷାର ୮୫ ବର୍ଷର ପୁରୁଣା ରେକର୍ଡ ଭାଙ୍ଗିଯାଇଛି।

ବର୍ଷା କମିଥିଲେ ମଧ୍ୟ ସହରର ଅନେକ ଅଞ୍ଚଳରେ ପାଣି ଜମି ରହିଥିବାରୁ ସାଧାରଣ ଜୀବନ ସ୍ୱାଭାବିକ ହୋଇପାରିନାହିଁ। ଘର, ଦୋକାନ ଓ ବ୍ୟବସାୟିକ ପ୍ରତିଷ୍ଠାନରେ ପାଣି ପଶି କୋଟି କୋଟି ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଛି। ବନ୍ୟାରେ ଫସିଥିବା ଲୋକଙ୍କୁ ଉଦ୍ଧାର କରିବା ପାଇଁ ଟ୍ରାକ୍ଟର, ଡମ୍ପର ଓ ସ୍ୱତନ୍ତ୍ର ଉଦ୍ଧାର ଉପକରଣ ନିୟୋଜିତ କରାଯାଇଛି। ୩ଟି ଏନ୍‌ଡିଆର୍ଏଫ୍ ଓ ୪ଟି ଏସ୍‌ଡିଆର୍ଏଫ୍ ଦଳ ସୁରତ ମହାନଗର ନିଗମ ଓ ଜିଲ୍ଲା ପ୍ରଶାସନ ସହ ମିଶି ଦିନରାତି ଉଦ୍ଧାର କାର୍ଯ୍ୟ ଚଳାଉଛନ୍ତି। ପ୍ରାୟ ୩,୪୦୦ ଜଣଙ୍କୁ ସୁରକ୍ଷିତ ସ୍ଥାନ ଓ ରିଲିଫ୍ ଶିବିରକୁ ସ୍ଥାନାନ୍ତର କରାଯାଇଛି।

ମୃତକଙ୍କ ମଧ୍ୟରୁ ୪ ଜଣ ବିଦ୍ୟୁତ୍ ସ୍ପର୍ଶରେ, ୨ ଜଣ ଗଛ ପଡ଼ିବାରୁ, ୨ ଜଣ ସଚିନ ଜିଆଇଡିସି ଅଞ୍ଚଳରେ ବୁଡ଼ିଯିବାରୁ ଏବଂ ଜଣେ କାମରେଜର ଏକ ପ୍ରାକୃତିକ ଝରଣାରେ ଭାସିଯିବାରୁ ପ୍ରାଣ ହରାଇଛନ୍ତି। ସାରା ରାଜ୍ୟରେ ସତର୍କତାମୂଳକ ପଦକ୍ଷେପ ସ୍ୱରୂପ ୧,୫୨୮ ଜଣଙ୍କୁ ସୁରକ୍ଷିତ ସ୍ଥାନକୁ ନିଆଯାଇଥିବାବେଳେ ୧୩୪ ଜଣଙ୍କୁ ଉଦ୍ଧାର କରାଯାଇଛି। ସମ୍ଭାବ୍ୟ ବିପଦକୁ ଦୃଷ୍ଟିରେ ରଖି ରାଜ୍ୟର ସମ୍ବେଦନଶୀଳ ଅଞ୍ଚଳରେ ମୋଟ ୩୬ଟି ଏନ୍‌ଡିଆର୍ଏଫ୍ ଓ ଏସ୍‌ଡିଆର୍ଏଫ୍ ଦଳ ମୁତୟନ କରାଯାଇଛି। ମୁଖ୍ୟମନ୍ତ୍ରୀ ଭୂପେନ୍ଦ୍ର ପଟେଲ ପରିସ୍ଥିତିର ସମୀକ୍ଷା କରି ଉଦ୍ଧାର, ରିଲିଫ୍ ଓ ପୁନର୍ବାସ କାର୍ଯ୍ୟକୁ ଆହୁରି ଜୋରଦାର କରିବାକୁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

# ଆବାସ ସହ ଯୋଡ଼ିହେବ ସୂର୍ଯ୍ୟଘର

ଭୁବନେଶ୍ୱର ୮।୭: ପିଏମ୍-ସୂର୍ଯ୍ୟ ଘରକୁ ପିଏମ୍ ଆବାସ ଯୋଜନା ସହ ଯୋଡ଼ାଯିବ । ଏ ନେଇ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ବସିଥିଲା । ତେବେ ଏହା ସେମାନଙ୍କ ଇଚ୍ଛାଧୀନ ରହିବ କହିଲେ ଉପ ମୁଖ୍ୟମନ୍ତ୍ରୀ କେ.ଭି. ସିଂହଦେଓ । ଉପ ମୁଖ୍ୟମନ୍ତ୍ରୀ ତଥା ଶକ୍ତି ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଶକ୍ତି କ୍ଷେତ୍ରର ସୁଧାର, ସୁରକ୍ଷା ଏବଂ କେନ୍ଦ୍ର ଓ ରାଜ୍ୟ ଯୋଜନାର କାର୍ଯ୍ୟକାରିତା ଉପରେ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ କରିଥିଲେ । ନବୀକରଣୀୟ ଶକ୍ତି ଏବଂ ସୁଲଭ ଗୃହ ନିର୍ମାଣ ଉପରେ ଗୁରୁତ୍ୱ ଦେଇ ଉପ ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି ଯେ, ପିଏମ୍-ସୂର୍ଯ୍ୟ ଘର ଯୋଜନାକୁ ଓଡ଼ିଶା ସରକାରଙ୍କ ବିଭିନ୍ନ ଗୃହ ନିର୍ମାଣ ଯୋଜନା ଯଥା ପିଏମ୍-ଆବାସ ଯୋଜନା ସହ ଯୋଡ଼ାଯିବ । ଏହା ସେମାନଙ୍କ ଇଚ୍ଛାଧୀନ ରହିବ । ଆମର ଲକ୍ଷ୍ୟ ହେଉଛି ପିଏମ୍ ଆବାସ ଏବଂ ଅନ୍ୟାନ୍ୟ ଗୃହ ଯୋଜନାର ପ୍ରତ୍ୟେକ ହିତାଧିକାରୀ ମଧ୍ୟ ସୌର ଶକ୍ତିର ସୁବିଧା ପାଇପାରନ୍ତୁ । ରାଜ୍ୟ ଗୃହ ଯୋଜନା ସହ ପିଏମ୍-ସୂର୍ଯ୍ୟ ଘରକୁ ଯୋଡ଼ିକରି ଆମେ ଲୋକଙ୍କୁ ୨୪ ଘଣ୍ଟିଆ ପରିଷ୍କାର ଏବଂ ସୁଲଭ ବିଜୁଳି ଯୋଗାଇ ଦେବା ସହ ସେମାନଙ୍କ ବିଜୁଳି ବିଲ୍ ମଧ୍ୟ ହ୍ରାସ କରିବ ବୋଲି ଉପମୁଖ୍ୟମନ୍ତ୍ରୀ କହିଛନ୍ତି । ଏହି ଯୋଜନା ଅଧୀନରେ ସହରାଞ୍ଚଳରେ ୧ କିଲୋ ୱାଟ ବିଶିଷ୍ଟ ଛାତ ଉପର ସୌର ଶକ୍ତି ପ୍ୟାନେଲ ସ୍ଥାପନ ପାଇଁ କେନ୍ଦ୍ରରୁ ₹୩୦୦୦୦ ଟଙ୍କା ଏବଂ ରାଜ୍ୟରୁ ₹୨୫୦୦୦ ଟଙ୍କା ସବସିଡି ସହାୟତା ଦିଆଯାଉଛି । ହିତାଧିକାରୀଙ୍କୁ ମାତ୍ର ₹୧୮୭୫ ଟଙ୍କା ବ୍ୟୟରେ ଏହି ସୁବିଧା ମିଳିବ । ସହରାଞ୍ଚଳ ଏବଂ ଗ୍ରାମାଞ୍ଚଳରେ ଜନ ସୁରକ୍ଷାକୁ ପ୍ରାଥମିକତା ଦେବାକୁ ଡିସ୍କମ୍ ମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଓଡ଼ିଶାର ସମସ୍ତ ୪ଟି ବିଦ୍ୟୁତ ବିତରଣ କମ୍ପାନୀ ଅଧୀନରେ ₹୩୭୦୮ କୋଟି ବ୍ୟୟରେ ଭୂତଳ କେବୁଲ ତାର ବିଛାଯିବ । ଏହା ଦ୍ୱାରା ବାତ୍ୟା କିମ୍ବା କାଳବୈଶାଖୀ ସମୟରେ ବିଦ୍ୟୁତ ସେବା ବାଧାପ୍ରାପ୍ତ ହେବ ନାହିଁ ।

# ନାବାଳିକା ଦୁଷ୍କର୍ମ ଓ ହତ୍ୟାର ଅଭିଯୁକ୍ତକୁ ଏନକାଉଣ୍ଟରରେ ମାରିଲା ପୁଲିସ୍

ନୂଆଦିଲ୍ଲୀ, ୮।୭ : ପୁଲିସ ଏନକାଉଣ୍ଟରରେ ନାବାଳିକା ଦୁଷ୍କର୍ମ ଓ ହତ୍ୟା ମାମଲାର ମୁଖ୍ୟ ଅଭିଯୁକ୍ତ ସଫା। ପଶ୍ଚିମବଙ୍ଗ ବାରୁଇପୁରରେ ଜଣେ ୧୨ ବର୍ଷୀୟ ଝିଅକୁ ଦୁଷ୍କର୍ମ ଓ ହତ୍ୟା ଘଟଣାରେ ପୁଲିସ୍ ନେଇଛି ଏପରି ପଦକ୍ଷେପ। ଗିରଫ ପରେ କ୍ରାଇମ ସେନ୍ସ ରିକ୍ରିଏସନ ପାଇଁ ଅଭିଯୁକ୍ତକୁ ନେଇଥିଲା ପୁଲିସ। ଏହି ସମୟରେ ଜଣେ ପୁଲିସ୍ କର୍ମଚାରୀଙ୍କ ଠାରୁ ବନ୍ଧୁକ ଛଡ଼ାଇ ନେଇ ଅଭିଯୁକ୍ତ ଜଣକ ଚଳାଇଥିଲା ଗୁଳି। ହେଲେ ପୁଲିସ୍‌ର ପାଲଟା ଜବାବରେ ଅଭିଯୁକ୍ତ ଜଣକ ଘଟଣା ସ୍ଥଳରେ ହିଁ ପ୍ରାଣ ହରାଇଛି।

ଚଳିତ ସପ୍ତାହରେ ବାରୁଇପୁରର ଗୋଟିଏ ପୋଖରୀ ଭିତରେ ପଡ଼ିଥିବା ଅଖା ଭିତରୁ ମିଳିଥିଲା ଜଣେ ନାବାଳିକାଙ୍କ କ୍ଷତାକ୍ତ ମୃତଦେହ। ତାଙ୍କୁ ଦୁଷ୍କର୍ମ କରିବା ପରେ ଅତ୍ୟନ୍ତ ନିର୍ମମ ଭାବେ ହତ୍ୟା କରାଯାଇଥିବା ଜଣାପଡ଼ିବା ପରେ ପୂରା ବେଙ୍ଗଲରେ ଦେଖାଯାଇଥିଲା ହଇଚଇ। ଏହି ଘଟଣାରେ ପୁଲିସ ୩ ଜଣଙ୍କୁ ଗିରଫ କରିଥିଲା। ଘଟଣାର ମୁଖ୍ୟ ଅଭିଯୁକ୍ତ ଭାବେ ପୁଲିସ୍ ପ୍ରଭାସ ମଣ୍ଡଳକୁ ଚିହ୍ନଟ କରିଥିଲା। ଏବେ ପୁଲିସ୍ ଗୁଳିରେ ପ୍ରଭାସ ପ୍ରାଣ ହରାଇଛି। ବାରୁଇପୁରର ସୂର୍ଯ୍ୟପୁରର ଯେଉଁ ସ୍ଥାନରୁ ନାବାଳିକାଙ୍କ ମୃତଦେହ ମିଳିଥିଲା ସେଠାକୁ ପୁଲିସ୍ ରାତି ପ୍ରାୟ ୧୨.୪୫ରେ ଅଭିଯୁକ୍ତ ପ୍ରଭାସ ମଣ୍ଡଳକୁ କ୍ରାଇମ ସିନ୍ ରିକ୍ରିଏସନ୍ ପାଇଁ ନେଇଥିଲା। ରିକ୍ରିଏସନ ପାଇଁ ପୁଲିସ୍ ପ୍ରସ୍ତୁତ ହେଉଥିବା ବେଳେ ପ୍ରଭାସ ହଠାତ୍ ଜଣେ ପୁଲିସ୍ କର୍ମଚାରୀଙ୍କ ଠାରୁ ବନ୍ଧୁକ ଛଡ଼ାଇ ନେଇଥିଲା। ସେ ସେଥିରୁ ଗୋଟିଏ ରାଉଣ୍ଡ ଗୁଳି ଚଳାଇ ଖସି ଯିବାକୁ ଚେଷ୍ଟା କରିଥିଲା। ହେଲେ ପୁଲିସ୍ ଟିମର ପାଲଟା ଗୁଳି ମାଡ଼ରେ ସେ ଜଖମ ହୋଇଥିଲା। ତା'କୁ ତୁରନ୍ତ ବାରୁଇପୁର ହସ୍ପିଟାଲ ଅଣା ଯାଇଥିଲେ ହେଁ ସେଠାରେ ଡାକ୍ତର ତା'କୁ ମୃତ ଘୋଷଣା କରିଥିଲେ। ଜୁଲାଇ ୫ ପରେ ନାବାଳିକାଙ୍କ କ୍ଷତାକ୍ତ ମୃତଦେହ ମିଳିବା ପୂର୍ବରୁ ସେ ନିଖୋଜ ଥିଲେ। ମୃତଦେହ ମିଳିବା ପରେ ସ୍ଥାନୀୟ ଲୋକମାନେ ବ୍ୟାପକ ପୋଡ଼ାଜଳା ଓ ହିଂସାକାଣ୍ଡ ମଧ୍ୟ ଘଟାଇଥିଲେ। ଅପରାଧରେ ଇନ୍ଦରଜିତ ମଣ୍ଡଳ ନାମକ ଜଣେ ବ୍ୟକ୍ତି ସାମିଲ ଥିବା ସନ୍ଦେହ କରି ଲୋକମାନେ ତାଙ୍କୁ ପିଟିପିଟି ମଧ୍ୟ ମାରି ଦେଇଥିଲେ। ନାବାଳିକାଙ୍କ ମୃତଦେହ ମିଳିବା ପରେ ହିଁ ଏପରି ଭିଡ଼ ହିଂସା ଦେଖିବାକୁ ମିଳିଥିଲା। ତେବେ ଇନ୍ଦରଜିତ ମଣ୍ଡଳ ଅପରାଧରେ କୌଣସି ପ୍ରକାରର ସାମିଲ ନଥିବା ପୁଲିସ୍ ପରବର୍ତ୍ତୀ ଅବସ୍ଥାରେ ସ୍ପଷ୍ଟ କରିଥିଲା। ଭିଡ଼ ହିଂସା ଘଟଣାରେ ପୁଲିସ୍ କିଛି ଜଣଙ୍କୁ ଗିରଫ କରିଥିଲା ଓ ଦୁଷ୍କର୍ମ-ହତ୍ୟା ମାମଲାର ତଦନ୍ତ ପାଇଁ ୬ ଜଣିଆ ଏସ୍ଆଇଟି ମଧ୍ୟ ଗଠନ କରିଥିଲା।

# ଯୁକ୍ତ ୨ ପ୍ରଥମ ମେରିଟ୍ ଲିଷ୍ଟ: କଟ୍-ଅଫ୍‌ରେ ପୁଣି ଶୀର୍ଷରେ ରେଭେନ୍ସା

ଭୁବନେଶ୍ୱର ୦୮।୦୭ : ପ୍ରକାଶ ପାଇଲା ମେରିଟ୍ ଲିଷ୍ଟ । ପ୍ରକାଶ ପାଇଲା ଯୁକ୍ତ ଦୁଇ ପ୍ରଥମ ପର୍ଯ୍ୟାୟ ନାମଲେଖା ମେରିଟ ଲିଷ୍ଟ। ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ, ପକ୍ଷରୁ ୨୦୨୬-୨୭ ଶିକ୍ଷାବର୍ଷ ପାଇଁ ଯୁକ୍ତ ଦୁଇ ଇ-ନାମଲେଖାର ପ୍ରଥମ ପର୍ଯ୍ୟାୟ ମନୋନୟନ ପ୍ରକ୍ରିୟା ଶେଷ ହୋଇଛି।

ଏଥିରେ ମୋଟ ୪,୬୧,୩୨୫ ଆବେଦନକାରୀଙ୍କ ମଧ୍ୟରୁ ପ୍ରାୟ ୯୩.୦୪ ପ୍ରତିଶତ ଅର୍ଥାତ୍ ୪,୨୯,୨୧୯ ଛାତ୍ରଛାତ୍ରୀ ଯୋଗ୍ୟ ବିବେଚିତ ହୋଇଛନ୍ତି। ଏହି ମନୋନୀତ ଶିକ୍ଷାର୍ଥୀଙ୍କ ମଧ୍ୟରେ କଳାରେ ୨,୭୬,୯୨୫, ବିଜ୍ଞାନରେ ୧,୨୧,୪୯୪, ବାଣିଜ୍ୟରେ ୧୯,୮୪୪, ଉପଶାସ୍ତ୍ରୀରେ ୬,୧୩୪, ଧନ୍ଦାମୂଳକ ଶିକ୍ଷାରେ ୪,୮୨୨ ଜଣ ରହିଛନ୍ତି।ସେହିଭଳି ୨,୦୦,୪୯୩ ଛାତ୍ର ଥିବା ବେଳେ ୨,୨୮,୬୭୫ ଛାତ୍ରୀ ଏବଂ ୫୧ ଜଣ ଅନ୍ୟାନ୍ୟ ବର୍ଗର ଛାତ୍ରଛାତ୍ରୀ ଅଛନ୍ତି।

ଏଥିସହ ମୋଟ ମନୋନୀତଙ୍କ ମଧ୍ୟରୁ ୨, ୭୪,୪୫୪ ଜଣଙ୍କୁ ସେମାନଙ୍କର ପ୍ରଥମ ପସନ୍ଦର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ମିଳିଥିବା ବେଳେ ୩୨,୧୦୬ ଜଣ




ପ୍ରଥମ ପର୍ଯ୍ୟାୟରେ ଅନୁପଯୁକ୍ତ ରହି ଦ୍ୱିତୀୟ ଓ ସ୍ପଟ୍ ସିଲେକ୍ସନ ପାଇଁ ସୁଯୋଗ ପାଇବେ। ବିଭିନ୍ନ ବିଭାଗର କଟ୍-ଅଫ୍ ମାର୍କକୁ ଦେଖିଲେ, କଟକର ରେଭେନ୍ସା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ କଳାରେ ୮୧%, ବାଣିଜ୍ୟରେ ୮୨.୪୦% ଏବଂ ବିଜ୍ଞାନରେ ସର୍ବାଧିକ ୯୩.୪୦% କଟ୍-ଅଫ୍ ସହ ଶୀର୍ଷରେ ରହିଛି। ଯେଉଁଠି ଧନ୍ଦାମୂଳକ ଶିକ୍ଷାରେ କଳାହାଣ୍ଡି ଧର୍ମଗଡ଼ର ସରକାରୀ ଭୋକେସନାଲ୍ ବିଦ୍ୟାଳୟ ୭୪.୬୭%, ଉପଶାସ୍ତ୍ରୀରେ କନ୍ଧମାଳ ଚକାପାଦର ଗୁରୁକୁଳ ସଂସ୍କୃତ ବିଦ୍ୟାଳୟ ୫୭% ନିଜ ନିଜ ବର୍ଗରେ ଆଗୁଆ ରହିଛନ୍ତି। ଏହାସହ ବିଏସଇ ଓଡ଼ିଶାରୁ ଆବେଦନ କରିଥିବା ୪,୨୬,୪୦୬ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୩,୯୫,୬୮୧ ଜଣ ଏହି ରାଉଣ୍ଡରେ ସ୍ଥାନ ପାଇଛନ୍ତି। ଆସନ୍ତା ଜୁଲାଇ ୨୩ ତାରିଖରୁ ରାଜ୍ୟର ସମସ୍ତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଯୁକ୍ତ ଦୁଇ ପ୍ରଥମ ବର୍ଷ ଶ୍ରେଣୀ ଗୃହ ପାଠପଢ଼ା ଆରମ୍ଭ ହେବାକୁ ଯାଉଥିବା ଜଣାପଡ଼ିଛି ।

# ଆଜି ଖୋଲିବ ହୀରାକୁଦ ଡ୍ୟାମ୍ ଗେଟ୍

ଭୁବନେଶ୍ବର ୮।୭: ଆଜି (ଗୁରୁବାର) ନିଷ୍କାସିତ ହେବ ହୀରାକୁଦରୁ ପ୍ରଥମ ବନ୍ୟା ଜଳ । ଏ ନେଇ ସୂଚନା ଦେଲେ ଜଳ ସମ୍ପଦ ସର୍ବୋଚ୍ଚ ଯନ୍ତ୍ରୀ ଦିଲ୍ଲୀପ ରାଉତ । ତାଙ୍କ ସୂଚନା ଅନୁଯାୟୀ, ଦିନ ୧୧ଟାରେ ହୀରାକୁଦର ୪ଟି ଗେଟ୍ ଖୋଲାଯିବ । କ୍ରମଶଃ ଅଧିକ ଗେଟ୍ ଖୋଲି ୧ ଲକ୍ଷ କ୍ୟୁସେକ ପର୍ଯ୍ୟନ୍ତ ପାଣି ନିଷ୍କାସନ କରାଯିବ । ବର୍ତ୍ତମାନ ହୀରାକୁଦରେ ୬୧୧.୨୩ ଫୁଟ ଜଳ ଅଛି । ୨ ଲକ୍ଷ ୬୨ ହଜାର କ୍ୟୁସେକ ପାଣି ହୀରାକୁଦକୁ ଇନ୍‌ଫ୍ଲୋ ହେଉଛି । ମୁଣ୍ଡଳୀରେ ୫ ଲକ୍ଷ ୫୪ ହଜାର କ୍ୟୁସେକ ଜଳ ମଙ୍ଗଳବାର ରାତିରେ ପ୍ରବାହିତ ହେଉଥିବା ବେଳେ ଏବେ ୪ ଲକ୍ଷ ୮୦ ହଜାର କ୍ୟୁସେକ ଜଳ ପ୍ରବାହିତ ହେଉଛି। ଏହା କ୍ରମଶଃ କମିବ । ତେଣୁ ତଳମୁଣ୍ଡରେ ବନ୍ୟାର ସମ୍ଭାବନା ନାହିଁ । ସେପଟେ ମହାନଦୀରେ ବନ୍ୟା ନିୟନ୍ତ୍ରଣ ପାଇଁ ସମ୍ବଲପୁର ହୀରାକୁଦରେ ବସିଛି ବଡ଼ ବୈଠକ । କେନ୍ଦ୍ରୀୟ ଜଳ ଆୟୋଗଙ୍କ ଅଧକ୍ଷତାରେ ଫ୍ଲଡ୍ କ୍ରାଇସେସ୍ ମ୍ୟାନେଜମେଣ୍ଟ ଟିମ୍‌ର ବୈଠକ ଚାଲିଛି । ବୈଠକରେ ଓଡ଼ିଶା ଓ ଛତିଶଗଡ ସରକାରଙ୍କ ବରିଷ୍ଠ ଯନ୍ତ୍ରୀ ଯୋଗ ଦେଇଛନ୍ତି । ମୌସୁମୀ ବେଳେ ବନ୍ଧର ପରିଚାଳନା କିପରି ଠିକ୍ ଭାବେ କରାଯିବ ସେ ନେଇ ଆଲୋଚନା ହେଉଛି ବୋଲି ସର୍ବୋଚ୍ଚ ଯନ୍ତ୍ରୀ କହିଛନ୍ତି ।

# ଆଶାକର୍ମୀଙ୍କୁ ସାମାଜିକ ବାସନ୍ଦ

ପାରଳାଖେମୁଣ୍ଡି,୮।୭: ଗଜପତି ଜିଲ୍ଲାରୁ ଏକ ଚିନ୍ତାଜନକ ଘଟଣା ସାମ୍ନାକୁ ଆସିଛି। ସରକାରୀ ସ୍ୱାସ୍ଥ୍ୟସେବା ଯୋଗାଇବା ପାଇଁ ନିୟୋଜିତ ଜଣେ ଆଶାକର୍ମୀଙ୍କୁ ଧାର୍ମିକ ଓ ସାମାଜିକ କାରଣ ଦର୍ଶାଇ ସାମାଜିକ ବାସନ୍ଦ କରାଯାଇଥିବା, ହିନ୍ଦୁ ପରିବାରଙ୍କୁ ସ୍ୱାସ୍ଥ୍ୟସେବା ନ ଦେବାକୁ ବାରଣ କରାଯାଇଥିବା ଏବଂ ଗ୍ରାମ ବୈଠକରେ ୫ ହଜାର ଟଙ୍କା ଜରିମାନା ଲାଗୁ କରାଯାଇଥିବା ଗୁରୁତର ଅଭିଯୋଗ ଉଠିଛି। ଘଟଣାଟି କେବଳ ଜଣେ ଆଶାକର୍ମୀଙ୍କ ପ୍ରତି ଅନ୍ୟାୟର ପ୍ରସଙ୍ଗ ନୁହେଁ, ବରଂ ସରକାରୀ ସ୍ୱାସ୍ଥ୍ୟସେବା, ସାମାଜିକ ସଦ୍ଭାବ ଓ ସମ୍ବିଧାନ ପ୍ରଦତ୍ତ ଅଧିକାରକୁ ନେଇ ଗୁରୁତର ପ୍ରଶ୍ନ ଉଠାଇଛି। ଅଭିଯୋଗ ଅନୁଯାୟୀ, ଗଜପତି ଜିଲ୍ଲାର ରାୟଗଡ଼ା ଥାନା ଅନ୍ତର୍ଗତ ଜିରଙ୍ଗ ଖ୍ରୀଷ୍ଟିଆନ ସାହିର ବାସିନ୍ଦା ସୁନନ୍ଦିନୀ ମିଶଲ ଜେକି ଜଣେ ଆଶାକର୍ମୀ ଭାବେ କାର୍ଯ୍ୟରତ। ସରକାରୀ ଦାୟିତ୍ୱ ଅନୁସାରେ ସେ ଗର୍ଭବତୀ ମହିଳା, ଶିଶୁ ଓ ସାଧାରଣ ଲୋକଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇ ଆସୁଥିଲେ। କିନ୍ତୁ ସେ ଖ୍ରୀଷ୍ଟିଆନ ଧର୍ମାବଲମ୍ବୀ ହୋଇଥିବାରୁ ହିନ୍ଦୁ ପରିବାର ସହ ସମ୍ପର୍କ ନ ରଖିବା, ସେମାନଙ୍କ ସହ କଥାବାର୍ତ୍ତା ନ କରିବା ଏବଂ ସରକାରୀ ସ୍ୱାସ୍ଥ୍ୟସେବା ନ ଦେବାକୁ କିଛି ଲୋକ ବାରଣ କରିଥିବା ସେ ଅଭିଯୋଗ କରିଛନ୍ତି। ଗ୍ରାମ ବୈଠକରେ ନିଷ୍ପତ୍ତି, ୫ ହଜାର ଟଙ୍କା ଜରିମାନା ପୀଡ଼ିତାଙ୍କ କହିବା ଅନୁସାରେ, ଗ୍ରାମରେ ବୈଠକ ଡାକି ତାଙ୍କ ବିରୋଧରେ ସାମାଜିକ ନିଷ୍ପତ୍ତି ନିଆଯାଇଥିଲା। କେବଳ ସେତିକି ନୁହେଁ, ତାଙ୍କ ଉପରେ ୫ ହଜାର ଟଙ୍କା ଜରିମାନା ମଧ୍ୟ ଲାଗୁ କରାଯାଇଥିବା ସେ ଅଭିଯୋଗ କରିଛନ୍ତି। ଜରିମାନା ଦେଇଥିଲେ ମଧ୍ୟ ତାଙ୍କୁ ସମାଜରେ ପୁଣି ସ୍ଥାନ ଦିଆଯାଇନଥିଲା। ବରଂ ଭବିଷ୍ୟତରେ ଏହି ନିଷ୍ପତ୍ତିକୁ ଅମାନ୍ୟ କଲେ ଆହୁରି କଠୋର ପରିଣାମ ଭୋଗିବାକୁ ପଡ଼ିବ ବୋଲି ଧମକ ଦିଆଯାଇଥିବା ସେ କହିଛନ୍ତି। ଆଶାକର୍ମୀମାନେ ସରକାରଙ୍କ ସ୍ୱାସ୍ଥ୍ୟ ବ୍ୟବସ୍ଥାର ମୂଳଦୁଆ। ଗାଁ ଗାଁରେ ମା ଓ ଶିଶୁ ସ୍ୱାସ୍ଥ୍ୟ, ଟିକାକରଣ, ପରିବାର ନିୟୋଜନ, ପୋଷଣ ଓ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମକୁ ସେମାନେ ଲୋକଙ୍କ ପାଖରେ ପହଞ୍ଚାଇଥାନ୍ତି। ଏଭଳି ସମୟରେ କେବଳ ଧର୍ମକୁ ଆଧାର କରି ଜଣେ ଆଶାକର୍ମୀଙ୍କୁ ସରକାରୀ କାମ କରିବାରୁ ବାରଣ କରାଯିବା ଓ ସାମାଜିକ ବାସନ୍ଦ କରାଯିବା ଘଟଣା ଅତ୍ୟନ୍ତ ଗୁରୁତର ବୋଲି ବିଭିନ୍ନ ମହଲରେ ମତ ପ୍ରକାଶ ପାଇଛି। ପୂର୍ବରୁ ମଧ୍ୟ କରିଥିଲେ ଅଭିଯୋଗ, ମିଳିଲାନି ସୁରକ୍ଷା । ପୀଡ଼ିତା କହିଛନ୍ତି ଯେ, ଏହି ଘଟଣା ପରେ ସେ ପୂର୍ବରୁ ଜିଲ୍ଲା ମୁଖ୍ୟ ସ୍ୱାସ୍ଥ୍ୟ ଅଧିକାରୀ (ସିଡିଏମ୍ଓ) ଏବଂ ରାୟଗଡ଼ା ଥାନାରେ ଲିଖିତ ଅଭିଯୋଗ କରିଥିଲେ। କିନ୍ତୁ ଅଭିଯୋଗ ପରେ ମଧ୍ୟ ତାଙ୍କୁ କୌଣସି ପ୍ରକାର ସୁରକ୍ଷା କିମ୍ବା ନ୍ୟାୟ ମିଳିନଥିବା ସେ ଦାବି କରିଛନ୍ତି। ଏହାପରେ ବାଧ୍ୟ ହୋଇ ସେ ଓ ତାଙ୍କ ପରିବାର ଜିଲ୍ଲା ପୋଲିସ ଅଧୀକ୍ଷକ (ଏସ୍‌ପି)ଙ୍କ ଦ୍ୱାରସ୍ଥ ହୋଇ ନିରପେକ୍ଷ ତଦନ୍ତ ଓ ସୁରକ୍ଷା ଦାବି କରିଛନ୍ତି। ଏହି ଘଟଣା କେବଳ ଜଣେ ବ୍ୟକ୍ତିଙ୍କ ଅଭିଯୋଗରେ ସୀମିତ ନୁହେଁ। ଏହା ଧାର୍ମିକ ସହାବସ୍ଥାନ, ସାମାଜିକ ସଦ୍ଭାବ ଏବଂ ସରକାରୀ ସେବା ପ୍ରଦାନରେ ବାଧା ସୃଷ୍ଟି ଭଳି ସମ୍ବେଦନଶୀଳ ପ୍ରସଙ୍ଗ ସହ ଜଡ଼ିତ।

## ହୀରାକୁଦ ବନ୍ୟା ପରିଚାଳନାରେ ବଡ଼ ଫାଟ!

# ଅକାମୀ ଗେଜ୍ ଷ୍ଟେସନ୍, ଛତିଶଗଡ଼ରୁ ମିଳୁନି ସଠିକ୍ ତଥ୍ୟ

## ବର୍ଷା ବେଳେ ଚେତିଲେ ସରକାର

ଭୁବନେଶ୍ୱର, ୮।୭: ବର୍ଷା ଆରମ୍ଭ ହୋଇଗଲାଣି, ମହାନଦୀରେ ଜଳସ୍ତର ବଢ଼ୁଛି, ହୀରାକୁଦ ଜଳଭଣ୍ଡାରକୁ ପାଣି ଆସିବା ଆରମ୍ଭ ହୋଇଛି। ଠିକ୍ ଏହି ସମୟରେ ସାମ୍ନାକୁ ଆସିଛି ଏକ ଚିନ୍ତାଜନକ ସତ୍ୟ। ଯେଉଁ ଗେଜ୍ ଷ୍ଟେସନ୍ ଉପରେ ଭରସା କରି ଦୀର୍ଘ ବର୍ଷ ଧରି ବନ୍ୟା ପରିଚାଳନା କରାଯାଉଥିଲା, ସେଗୁଡ଼ିକ ଏବେ ଅକାମୀ ହୋଇପଡ଼ିଛି। ଅନ୍ୟପଟେ ଛତିଶଗଡ଼ରେ ଥିବା ବ୍ୟାରେଜ୍‌ରୁ କେତେ ପାଣି ଛାଡ଼ାଯାଉଛି, ସେନେଇ ଓଡ଼ିଶାକୁ ସଠିକ୍ ତଥ୍ୟ ମିଳୁନାହିଁ। ଏଭଳି ସ୍ଥିତିରେ ବନ୍ୟା ପରିଚାଳନା କେତେ ସୁରକ୍ଷିତ, ତାହାକୁ ନେଇ ବଡ଼ ପ୍ରଶ୍ନ ଉଠିଛି। ମହାନଦୀ ବେସିନକୁ ନେଇ ଓଡ଼ିଶା ଓ ଛତିଶଗଡ଼ ମଧ୍ୟରେ ହୋଇଥିବା ବୈଠକ ପରେ ଏହି ତଥ୍ୟ ସାମ୍ନାକୁ ଆସିଛି। ବୈଠକରେ ଜଣାପଡ଼ିଛି ଯେ, ହୀରାକୁଦ ଜଳଭଣ୍ଡାରର ସଠିକ୍ ପରିଚାଳନା ପାଇଁ ଯେଉଁ ଡାଟା ଆବଶ୍ୟକ, ତାହା ଏବେ ବି ନିୟମିତ ଭାବେ ମିଳୁନାହିଁ। ଅର୍ଥାତ୍ ବନ୍ୟା ଆସିବା ପୂର୍ବରୁ ଯେଉଁ ପ୍ରସ୍ତୁତି ହେବା କଥା, ତାହା ବର୍ଷା ଆରମ୍ଭ ପରେ ହେଉଛି।ବ୍ୟାରେଜ୍ ହେଲା, କିନ୍ତୁ ବଦଳିଲାନି ବ୍ୟବସ୍ଥା ଛତିଶଗଡ଼ରେ ସରାଡ଼ିହି ଓ ସିଓରିନାରାୟଣ ସମେତ ଅନେକ ବ୍ୟାରେଜ୍ ନିର୍ମାଣ ହୋଇସାରିଛି। ଏହା ପରେ ପୁରୁଣା ଗେଜ୍ ଷ୍ଟେସନ୍‌ରୁ ମିଳୁଥିବା ଜଳସ୍ତର ତଥ୍ୟ ଆଉ ବିଶ୍ୱସନୀୟ ନୁହେଁ। ଏହା ହୀରାକୁଦ କର୍ତ୍ତୃପକ୍ଷ ନିଜେ ସ୍ୱୀକାର କରିଛନ୍ତି। ପ୍ରଶ୍ନ ହେଉଛି, ବ୍ୟାରେଜ୍ ନିର୍ମାଣ ଆଜିର କଥା ନୁହେଁ। ତାହାହେଲେ ବିକଳ୍ପ ଗେଜ୍ ବ୍ୟବସ୍ଥା କିମ୍ବା ଆଧୁନିକ ଡିଜିଟାଲ୍ ମନିଟରିଂ ସିଷ୍ଟମ୍ ଏତେ ଦିନ ଧରି କାହିଁକି ସ୍ଥାପନ କରାଗଲା ନାହିଁ ବନ୍ୟା ପରିଚାଳନା ଭଳି ସମ୍ବେଦନଶୀଳ କ୍ଷେତ୍ରରେ ଏଭଳି ଅବହେଳା ଛତିଶଗଡ଼ର ତଥ୍ୟ ଭରସାରେ ହୀରାକୁଦ!ହୀରାକୁଦ ଡ୍ୟାମ୍‌ରୁ କେବେ ଗେଟ୍ ଖୋଲାଯିବ, କେତେ ପାଣି ଛାଡ଼ାଯିବ ଓ କେଉଁ ଜିଲ୍ଲାକୁ ସତର୍କ କରାଯିବ, ସବୁକିଛି ଉପରମୁଣ୍ଡରୁ ଆସୁଥିବା ପାଣିର ତଥ୍ୟ ଉପରେ ନିର୍ଭର କରେ।କିନ୍ତୁ ବୈଠକ ପରେ ସ୍ପଷ୍ଟ ହୋଇଛି ଯେ ଛତିଶଗଡ଼ରେ ଥିବା କଲମା, ସରାଡ଼ିହି, ବସନ୍ତପୁର, ମିରୌନୀ, ସିଓରିନାରାୟଣ ଓ ସାମୋଦା ବ୍ୟାରେଜ୍‌ରୁ

### ଭାଗ୍ୟ ଭରସାରେ ତଳମୁଣ୍ଡ ଲୋକ

ଜଳ ନିଷ୍କାସନର ସଠିକ୍ ତଥ୍ୟ ଓଡ଼ିଶା ପାଖରେ ନାହିଁ। ଯଦି ଉପରମୁଣ୍ଡରେ ହଠାତ୍ ଅଧିକ ପାଣି ଛାଡ଼ାଯାଏ ଏବଂ ସେହି ସୂଚନା ସମୟରେ ମିଳିନାହିଁ, ତାହାହେଲେ ହୀରାକୁଦ ପରିଚାଳନା ଉପରେ ସିଧାସଳଖ ପ୍ରଭାବ ପଡ଼ିବ। ଏହାର ପରିଣାମ ତଳମୁଣ୍ଡ ଜିଲ୍ଲାର ଲକ୍ଷ ଲକ୍ଷ ଲୋକଙ୍କୁ ଭୋଗିବାକୁ ପଡ଼ିପାରେ।

ସବୁଠାରୁ ଆଶ୍ଚର୍ଯ୍ୟର କଥା ହେଉଛି, ଏହି ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଆଦାନପ୍ରଦାନ ପାଇଁ ଏକ ଗୁଗୁଲ୍ ସିଟ୍ କିମ୍ବା ହ୍ୱାଟସ୍‌ଆପ୍ ଗ୍ରୁପ୍ ତିଆରି କରିବା ପ୍ରସ୍ତାବ ଦିଆଯାଇଛି। ଯେଉଁ ହୀରାକୁଦ ଡ୍ୟାମ୍ ଉପରେ ଓଡ଼ିଶାର ବନ୍ୟା ନିୟନ୍ତ୍ରଣ ନିର୍ଭର କରେ, ସେହି ବ୍ୟବସ୍ଥାରେ ଆଜି ପର୍ଯ୍ୟନ୍ତ ଅତ୍ୟାଧୁନିକ ଅଟୋମେଟେଡ୍ ରିଅଲ୍-ଟାଇମ୍ ଡାଟା ସିଷ୍ଟମ୍ ନଥିବା ଆଶ୍ଚର୍ଯ୍ୟର ବିଷୟ। ଏବେ ବର୍ଷା ମଝିରେ ହ୍ୱାଟସ୍‌ଆପ୍ ଓ ଗୁଗୁଲ୍ ସିଟ୍ କଥା ଉଠିବା ପ୍ରଶାସନର ପ୍ରସ୍ତୁତି ଉପରେ ପ୍ରଶ୍ନ ସୃଷ୍ଟି କରୁଛି।

ପ୍ରତିବର୍ଷ ବର୍ଷା ଆସିଲେ ବୈଠକ, ଚିଠି, ତଥ୍ୟ ମାଗିବା ଓ ପ୍ରସ୍ତୁତିର କଥା ସାମ୍ନାକୁ ଆସେ। କିନ୍ତୁ ବର୍ଷା ଆସିବା ପୂର୍ବରୁ କାହିଁକି ସବୁ ବ୍ୟବସ୍ଥା ସଜାଡ଼ି ରଖାଯାଏ ନାହିଁ । ଯଦି ଗେଜ୍ ଷ୍ଟେସନ୍ ଅକାମୀ ହୋଇଥିଲା, ତେବେ ନୂଆ ବ୍ୟବସ୍ଥା କାହିଁକି କରାଗଲା ନାହିଁ ଯଦି ଛତିଶଗଡ଼ ସହ ତଥ୍ୟ ବିନିମୟରେ ସମସ୍ୟା ଥିଲା, ତାହାର ସ୍ଥାୟୀ ସମାଧାନ ଏତେ ଦିନ ଧରି କାହିଁକି ହୋଇନି ଏବେ ବର୍ଷା ମଝିରେ ବୈଠକ କରି ସମାଧାନ ଖୋଜିବାକୁ ନେଇ ସାଧାରଣରେ ଅସନ୍ତୋଷ ଦେଖାଦେଇଛି। ଅନେକଙ୍କ କହିବା କଥା, ଏହା ଠିକ୍ ବାହାଘର ବେଳେ ବାଇଗଣ ରୁଆ ଭଳି। ବିପଦ ଦ୍ୱାରରେ ପହଞ୍ଚିବା ପରେ ପ୍ରସ୍ତୁତି କଥା କହିଲେ ତାହା କେତେ ପ୍ରଭାବୀ ହେବ । ହୀରାକୁଦରୁ ପାଣି ଛାଡ଼ିଲେ ସମ୍ବଲପୁର, ସୋନପୁର, ବୌଦ୍ଧ, ଅନୁଗୁଳ, କଟକ, ନୟାଗଡ଼, ଜଗତସିଂହପୁର, କେନ୍ଦ୍ରାପଡ଼ା, ପୁରୀ ସମେତ ଅନେକ ଅଞ୍ଚଳ ପ୍ରଭାବିତ ହୁଏ। ସଠିକ୍ ତଥ୍ୟ ଓ ଆଗୁଆ ସତର୍କତା ନଥିଲେ ହଜାର ହଜାର ପରିବାର କ୍ଷତିଗ୍ରସ୍ତ ହୋଇପାରନ୍ତି। ତେଣୁ ପ୍ରଶ୍ନ ଉଠୁଛିବର୍ଷା ଆରମ୍ଭ ହୋଇସାରିବା ପରେ ହିଁ କାହିଁକି ପ୍ରଶାସନର ନିଦ ଭାଙ୍ଗୁଛି ବନ୍ୟା ପରିଚାଳନା ଭଳି ସମ୍ବେଦନଶୀଳ ବିଷୟରେ ପୂର୍ବରୁ ଦୃଢ଼ ବ୍ୟବସ୍ଥା କରିବା ପରିବର୍ତ୍ତେ ଶେଷ ମୁହୂର୍ତ୍ତର ପ୍ରସ୍ତୁତି କି ଲୋକଙ୍କ ସୁରକ୍ଷା ପାଇଁ ପର୍ଯ୍ୟାପ୍ତ

## ଗୁପ୍ତ ତଥ୍ୟ ଯୋଗାଇବା ଅଭିଯୋଗ

# ଏଏସଆଇ, କନେଷ୍ଟବଳ ନିଲମ୍ବିତ




ବାରିପଦା/ସରସକଣା, ୮।୭ (ଆନିସ): ଗୁପ୍ତ ତଥ୍ୟ ଗୋ ମାଫିଆଙ୍କୁ ଯୋଗାଇବା ଏବଂ ପୁଲିସ ବିଭାଗର ବିଶ୍ୱାସନୀୟତା ଉପରେ ଆଞ୍ଚ ଆଣିବା ଅଭିଯୋଗରେ ମୟୂରଭଞ୍ଜ ଜିଲ୍ଲା ପୁଲିସ ପକ୍ଷରୁ ନିଆଯାଇଛି ଦୃଢ଼ କାର୍ଯ୍ୟାନୁଷ୍ଠାନ। ଗୋ ମାଫିଆଙ୍କ ସହ ମଧୁଚନ୍ଦ୍ରିକା ରଖି ଖବର ଲିକ୍ କରିବା ଅଭିଯୋଗରେ ଜିଲ୍ଲାର ଝାରପୋଖରିଆ ଥାନାର ଜଣେ ଏଏସଆଇ ଏବଂ ଜଣେ କନେଷ୍ଟବଳଙ୍କୁ ନିଲମ୍ବିତ କରାଯାଇଥିବା ବେଳେ ଜଣେ ହୋମଗାର୍ଡଙ୍କୁ ବହିଷ୍କାର କରିବା ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି। ମୟୂରଭଞ୍ଜ ଏସପି ଏହି ତିନି କର୍ମଚାରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଏଏସଆଇ ରଣଜିତ ନାଏକ, କନେଷ୍ଟବଳ ଆଶିଷ ନାଏକ ଓ ହୋମଗାର୍ଡ ସୁବ୍ରତ ପାଢ଼ୀଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିଛନ୍ତି। ସୂଚନା ଅନୁଯାୟୀ, ଗତ ଜୁନ୍ ୧୩ ତାରିଖରେ ମୟୁରଭଞ୍ଜ ଜିଲ୍ଲାରେ ଗୋ ମାଫିଆ ଓ ଗଞ୍ଜେଇ ମାଫିଆଙ୍କ ବିରୋଧରେ ଏକ ବଡ଼ ଧରଣର ଚଢ଼ାଉ ପାଇଁ ଯୋଜନା ପ୍ରସ୍ତୁତ ହୋଇଥିଲା। ଏହି କ୍ରମରେ ଝାଁରିପୋଖରିଆ ଅଞ୍ଚଳର ଜଣେ ହାଇପ୍ରୋଫାଇଲ୍ ଗୋ ମାଫିଆଙ୍କ ଘରେ ଚଢ଼ାଉ କରିବାକୁ ପୁଲିସ ପ୍ରସ୍ତୁତ ହେଉଥିବା ବେଳେ ଥାନାର କିଛି କର୍ମଚାରୀ ସମ୍ପୃକ୍ତ ମାଫିଆଙ୍କୁ ପୂର୍ବରୁ ଗୁପ୍ତ ସୂଚନା ଦେଇଦେଇଥିଲେ। ଫଳରେ ପୁଲିସ ଦଳ ସେଠାରେ ପହଞ୍ଚିବା ପୂର୍ବରୁ ହିଁ ଚତୁରତାର ସହ ମାଫିଆ ଜଣକ ଖସି ପଳାଇବାରେ ସଫଳ ହୋଇଥିଲେ। ପୁଲିସ ର ଏହି ବଡ ଧରଣର ରେଡ ଫେଲ୍ ହେବା ପଛର କାରଣ ଖୋଜୁ ଖୋଜୁ ଝାରପୋଖରିଆ ଥାନା ଆଇଆଇସିଙ୍କ ସନ୍ଦେହ ନିଜ କର୍ମଚାରୀଙ୍କ ଉପରକୁ ଯାଇଥିଲା। ବିଭାଗୀୟ ତଦନ୍ତ ପରେ ସ୍ପଷ୍ଟ ହୋଇଥିଲା ଯେ ଏଏସଆଇ ରଣଜିତ ନାଏକ, କନେଷ୍ଟବଳ ଆଶିଷ ନାଏକ ଏବଂ ହୋମଗାର୍ଡ ସୁବ୍ରତ ପାଢ଼ୀ ହିଁ ମାଫିଆଙ୍କୁ ସୂଚନା ଦେଇଥିଲେ। ଏହି ଗୁରୁତର ଶୃଙ୍ଖଳାଗତ ତ୍ରୁଟିକୁ ଆଦୌ ବରଦାସ୍ତ କରାଯିବ ନାହିଁ ବୋଲି ସ୍ପଷ୍ଟ କରିଛନ୍ତି ମୟୂରଭଞ୍ଜ ଏସପି ବରୁଣ ଗୁଣ୍ଟୁପାଲି। ସେ ଦୁଇ ପୁଲିସ କର୍ମଚାରୀଙ୍କୁ ତତ୍କାଳ ନିଲମ୍ବନ କରିବା ସହ ହୋମଗାର୍ଡ ସୁବ୍ରତ ପାଢ଼ୀଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରିଛନ୍ତି ଓ ତାଙ୍କୁ ଚାକିରିରୁ ବହିଷ୍କାର କରିବା ପାଇଁ ଗୃହରକ୍ଷୀ ବାହିନୀର ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଚିଠି ଲେଖିଛନ୍ତି।

ଅପରାଧୀଙ୍କ ସହ ସଲାସୁତୁରା କରୁଥିବା କୌଣସି କର୍ମଚାରୀଙ୍କୁ ଛଡ଼ାଯିବ ନାହିଁ। ପୁଲିସ ବିଭାଗର ସ୍ୱଚ୍ଛତା ଏବଂ ନିଷ୍ଠା ସବୁଠୁ ଉପରେ। ଯେଉଁମାନେ ଆଇନର ଗୋପନୀୟତା ଭଙ୍ଗ କରିବେ, ସେମାନଙ୍କ ବିରୋଧରେ ଏଭଳି କଠୋର ଆଭିମୁଖ୍ୟ ଜାରି ରହିବ ବୋଲି ମୟୁରଭଂଜ ଅତିରିକ୍ତ ଏସପି ଦୀପକ ଗୋଛାୟତ ପ୍ରକାଶ କରିଛନ୍ତି ।

# ପଟ୍ଟାମୁଣ୍ଡାଇ :ଗୋବରୀ ନଦୀକୁ ଡେଇଁ ମହିଳାଙ୍କ ଆତ୍ମହତ୍ୟା ଉଦ୍ୟମ, ଲୋକଙ୍କ ଦ୍ୱାରା ଉଦ୍ଧାର

ପଟ୍ଟାମୁଣ୍ଡାଇ,୮।୭ (ଆନିସ): କେନ୍ଦ୍ରାପଡା ଜିଲା ପଟ୍ଟାମୁଣ୍ଡାଇ ଗ୍ରାମାଂଚଳ ଥାନା ଅଧିନରେ ଥିବା ସାନଜରିଆ ପଂଚାୟତରେ ଆଜି ଏକ ଅଭାବନୀୟ ଚାଂଚଲ୍ୟକର ଘଟଣା ଘଟିଛି ସ୍ଥାନୀୟ ଭେଡିସାହି ଗ୍ରାମର ଜନୈକା ମହିଳା ଗୋବରୀ ନଦୀକୁ ଡେଇଁ ଆତ୍ମହତ୍ୟା ଉଦ୍ୟମ କରିଥିବା ଦେଖିବାକୁ ମିଳିଛି ତେବେ ସେଠାରେ ଉପସ୍ଥିତ ସ୍ଥାନୀୟ ଲୋକମାନେ ଅତ୍ୟନ୍ତ ତତ୍ପରତା ଓ ସାହସିକତାର ସହିତ ନଦୀ ମଧ୍ୟରୁ ମହିଳାଙ୍କୁ ଉଦ୍ଧାର କରିବା ଫଳରେ ମହିଳା ଜଣକ ଅଳ୍ପକେ ମୃତ୍ୟୁ ମୁଖରୁ ରକ୍ଷା ପାଇ ଯାଇଛନ୍ତି। ପ୍ରତ୍ୟକ୍ଷଦର୍ଶୀଙ୍କ ସୂଚନା ଅନୁଯାୟୀ ସାନଜରିଆ ଭେଡିସାହି ଗ୍ରାମର କରୁଣୀ ସେଠୀଙ୍କ ପତ୍ନୀ ଇଚ୍ଛା ସେଠୀ (୬୨) ନାମକ ଜନୈକା ମହିଳା ସକାଳ ୯ଘଟିକା ସମୟରେ ଗଣ୍ଡାକିଆ ପୋଲ ନିକଟରେ ପହଂଚି ପୋଲ ଉପରୁ ହଠାତ ଗୋବରୀ ନଦୀ ନଦୀ ଗର୍ଭକୁ ଡେଇଁ ପଡ଼ିଥିଲେ। ନଦୀର ପ୍ରଖର ସ୍ରୋତରେ ସେ ଭାସି ଯାଉଥିବା ଦେଖି ପୋଲ ନିକଟରେ ଥିବା ଲୋକମାନେ ମହିଳାଙ୍କୁ ବୁଡ଼ି ଯାଉଥିବା ଅବସ୍ଥାରେ ଉଦ୍ଧାର କରି କୂଳକୁ ଆଣିଥିଲେ। ନଦୀ ମଧ୍ୟରୁ ଜୀବନ୍ତ ଉଦ୍ଧାର କରାଯିବା ପରେ ମହିଳାଙ୍କୁ ପ୍ରାଥମିକ ଚିକିତ୍ସା କରା ଯାଇଥିଲା । ପ୍ରାଥମିକ ଚିକିତ୍ସା ପରେ ସେ ବର୍ତ୍ତମାନ ସୁରକ୍ଷିତ ଥିବା ଜଣାପଡ଼ିଛି। ଏହି ଅଭାବନୀୟ ଘଟଣାର ପ୍ରକୃତ କାରଣ ସ୍ପଷ୍ଟ ହୋଇନଥିଲେ ମଧ୍ୟ ପାରିବାରିକ କଳହ ଯୋଗୁଁ ମହିଳା ଜଣକ ଏଭଳି ଚରମ ନିଷ୍ପତି ନେଇଥାଇ ପାରନ୍ତି ବୋଲି ଅନୁମାନ କରାଯାଉଛି।

# ବନ୍ଦେ ଭାରତମର ଚମକ: ଗୌତମ ଆଦାନୀଙ୍କ ପ୍ରୟାସକୁ ବିଶ୍ୱସ୍ତରୀୟ ପ୍ରଶଂସା




ଭୁବନେଶ୍ୱର, ୮।୭ (ଆନିସ): ଭାରତର ଆଗାମୀ ପିଢ଼ିର ଉଦ୍ୟୋଗୀ, ଉଦ୍ଭାବକ ଏବଂ ପରିବର୍ତ୍ତନକାରୀଙ୍କୁ ସଶକ୍ତ କରିବା ଲକ୍ଷ୍ୟରେ ଆରମ୍ଭ ହୋଇଥିବା ଜାତୀୟସ୍ତରୀୟ କାର୍ଯ୍ୟକ୍ରମ ବନ୍ଦେ ଭାରତମ କୁ ସାରା ବିଶ୍ୱରେ ଅଭୂତପୂର୍ବ ପ୍ରତିକ୍ରିୟା ମିଳିଛି। ଆଦାନୀ ଗ୍ରୁପର ଚେୟାରମ୍ୟାନ ଗୌତମ ଆଦାନୀଙ୍କ ଦ୍ୱାରା ପ୍ରତିଷ୍ଠିତ ଏହି ସ୍ୱତନ୍ତ୍ର ପ୍ଲାଟଫର୍ମ କେବଳ ଭାରତ ନୁହେଁ, ବରଂ ଆମେରିକା, ବ୍ରିଟେନ, କାନାଡ଼ା ଏବଂ ୟୁଏଇ ଭଳି ପ୍ରମୁଖ ଦେଶଗୁଡ଼ିକରୁ ମଧ୍ୟ ପ୍ରତିଭାବାନ ଯୁବକଯୁବତୀଙ୍କୁ ଆକର୍ଷିତ କରିବାରେ ସଫଳ ହୋଇଛି। ଆବେଦନଗୁଡ଼ିକ ମଧ୍ୟରେ ଟେକ୍ନୋଲୋଜି, ଏଆଇ ଏବଂ ଡିପ୍ ଟେକ୍ ବା ଗଭୀର ପ୍ରଯୁକ୍ତିବିଦ୍ୟା ଶ୍ରେଣୀରେ ସବୁଠାରୁ ଅଧିକ ଉତ୍ସାହ ଦେଖିବାକୁ ମିଳିଛି। ଏହାଛଡ଼ା କୃଷି, ଗ୍ରାମୀଣ ଅର୍ଥନୀତି, ସ୍ୱାସ୍ଥ୍ୟ ଏବଂ ଫାର୍ମା, ଶିକ୍ଷା, ଖୁଚୁରା ବ୍ୟବସାୟ ଏବଂ ମାନୁଫ୍ୟାକଚରିଂ କ୍ଷେତ୍ରରୁ ମଧ୍ୟ ଅନେକ ଅଭିନବ ଏବଂ ପରିବର୍ତ୍ତନଶୀଳ ଚିନ୍ତାଧାରା ଆସି ପହଞ୍ଚିଛି। ବିଶେଷ କରି ମହିଳା ଉଦ୍ୟୋଗୀ, ଗ୍ରାମୀଣ ଅଞ୍ଚଳର ପରିବର୍ତ୍ତନକାରୀ ଏବଂ ପରିବେଶ ଅନୁକୂଳ ଚିନ୍ତାଧାରା ରଖୁଥିବା ଯୁବପିଢ଼ି ଏଥିରେ ବହୁ ସଂଖ୍ୟାରେ ଅଂଶଗ୍ରହଣ କରିଛନ୍ତି। ବୋର୍ଡରୁମରେ ନୁହେଁ, ବାହାରେ ଲେଖାହେଉଛି ଭାରତର ସଫଳତା: ଗୌତମ ଆଦାନୀଏହି ଅଭୁତପୂର୍ବ ସଫଳତା ଉପରେ ନିଜର ମତ ରଖି ଆଦାନୀ ଗ୍ରୁପର ଅଧ୍ୟକ୍ଷ ଶ୍ରୀ ଗୌତମ ଆଦାନୀ କହିଛନ୍ତି: ବନ୍ଦେ ଭାରତମ କେବଳ ଏକ ପ୍ରତିଯୋଗିତା ନୁହେଁ, ଏହା ଏକ ଦୃଢ଼ ବିଶ୍ୱାସ। ଏହି ବିଶ୍ୱାସ ଆମକୁ ଶିଖାଏ ଯେ ଭାରତକୁ ବଦଳାଇବା ଭଳି ନୂଆ ଚିନ୍ତାଧାରା କେବଳ ପାରମ୍ପରିକ ଜାଗାରୁ ଆସିବ ନାହିଁ। ଭାରତର ସବୁଠାରୁ ଗୌରବମୟ ଅଧ୍ୟାୟ କୌଣସି ବଡ଼ କମ୍ପାନୀର ବୋର୍ଡରୁମରେ ଲେଖା ହେଉନାହିଁ, ବରଂ ଏହା ସେହିମାନଙ୍କ ଦ୍ୱାରା ଲେଖା ହେଉଛି ଯେଉଁମାନଙ୍କୁ କେବେ ସୁଯୋଗ ମିଳିନଥିଲା। ଏବେ ସେହି ସମୟ ବଦଳିବାକୁ ଯାଉଛି। କାର୍ଯ୍ୟକ୍ରମର ରୂପରେଖ ଓ ମୁଖ୍ୟ ଆକର୍ଷଣଗ୍ରାଣ୍ଡ ଆମ୍ବାସଡର: ଜନପ୍ରିୟ ଅଭିନେତା ତଥା ଉପସ୍ଥାପକ ରାଜୀବ ଖଣ୍ଡେଲୱାଲ ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଉପସ୍ଥାପନା ଏବଂ ପ୍ରଚାର ଦାୟିତ୍ୱ ତୁଲାଉଛନ୍ତି।ଚୟନ ପ୍ରକ୍ରିୟା: ରାଜ୍ୟ ଓ ଆଞ୍ଚଳିକ ସ୍ତରରେ ଯାଞ୍ଚ ପରେ ୭୫ ଜଣ ଶ୍ରେଷ୍ଠ ପ୍ରତିଯୋଗୀଙ୍କୁ ଅହମଦାବାଦ ଅଣାଯିବ। ସେଠାରେ ସେମାନଙ୍କୁ ଦେଶର ବଡ଼ ବଡ଼ ଶିଳ୍ପପତି ଏବଂ ବିଶେଷଜ୍ଞଙ୍କ ଦ୍ୱାରା ମେଣ୍ଟରସିପ୍ ଏବଂ ତାଲିମ ପ୍ରଦାନ କରାଯିବ।ଆର୍ଥିକ ସହାୟତା: ସମସ୍ତ ବିଜେତାଙ୍କୁ ବ୍ୟବସାୟ ବଢ଼ାଇବା ପାଇଁ ପୁରସ୍କାର ରାଶି ଏବଂ ଇନକ୍ୟୁବେସନ ସହାୟତା ଯୋଗାଇ ଦିଆଯିବ।ଗ୍ରାଣ୍ଡ ଫିନାଲେ: ଭାରତର ସ୍ୱାଧୀନତା ଦିବସ (୧୫ ଅଗଷ୍ଟ) ଆଖପାଖ ସମୟରେ ଏହାର ଗ୍ରାଣ୍ଡ ଫିନାଲେ ଅନୁଷ୍ଠିତ ହେବ। ଯଦି ଆପଣଙ୍କ ପାଖରେ କୌଣସି ନୂଆ ଆଇଡିଆ, ପ୍ରୋଟୋଟାଇପ୍ କିମ୍ବା ଷ୍ଟାର୍ଟଅପ୍ ରହିଛି, ତେବେ ଆପଣ ୧୯ ଜୁଲାଇ ୨୦ ସୁଦ୍ଧା ଏହାର ଅଫିସିଆଲ୍ ୱେବସାଇଟ୍ . କୁ ଯାଇ ଆବେଦନ କରିପାରିବେ।

# ସମ୍ବଲପୁରରେ ରାଜ୍ୟସ୍ତରୀୟ ସମ୍ବଲପୁରୀ ଦିନ ପାଇଁ ପ୍ରସ୍ତୁତି



ସମ୍ବଲପୁର,୮।୭ (ଆନିସ): ସମ୍ବଲପୁରୀ ସଂସ୍କୃତିର ପୁରୋଧା ଗୁରୁ ସତ୍ୟନାରାୟଣ ବହିଦାର ଙ୍କର ଜନ୍ମଦିନ ଅଗଷ୍ଟ ଏକ ତାରିଖରେ ରାଜ୍ୟସ୍ତରୀୟ ସମ୍ବଲପୁରୀ ଦିନ ପାଇଁ ମଙ୍ଗଳବାର ପଶ୍ଚିମାଞ୍ଚଳ ଏକତା ମଞ୍ଚ ପକ୍ଷରୁ ଗୁରୁ ସତ୍ୟନାରାୟଣ ସଂସ୍କୃତି ଭବନ ଠାରେ ରାଜେଶ ସ୍ବାଇଁଙ୍କ ସଂଯୋଜନାରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜେଲ ଛକ ନିକଟସ୍ଥ ସମ୍ବଲପୁରୀ ଡେରାରେ ଅଗଷ୍ଟ ଏକ ତାରିଖରେ ଚଳିତ ବର୍ଷ ଭବ୍ୟ ଆକାରରେ ୧୪ ତମ ସମ୍ବଲପୁରୀ ଦିନ ଆୟୋଜନ ନେଇ ମଞ୍ଚର ସଦସ୍ୟ ମାନେ ବିଭିନ୍ନ ପ୍ରସ୍ତାବ ଦେଇଥିଲେ। ଚଳିତ ବର୍ଷ ଅଗଷ୍ଟ ଏକରୁ ଦୁଇ ଦିନିଆ ସମ୍ବଲପୁରୀ ଦିନ ଆୟୋଜନ କରାଯିବା ନେଇ ସ୍ଥିର କରାଯାଇଛି ।

ସମ୍ବଲପୁରୀ ଲୋକ ସଂସ୍କୃତି କୁ ଆଧାର କରି ଆୟୋଜନ ହେଉଥିବା ଏହି କାର୍ଯ୍ୟକ୍ରମରେ ସମ୍ବଲପୁରୀ ସାମଗ୍ରୀ ପ୍ରଦର୍ଶନୀ ସହ ବିକ୍ରୟ ଆଦି ବ୍ୟବସ୍ଥା କରାଯିବ । ସମ୍ବଲପୁରୀ ଦିନ ଏବଂ ଗୁରୁ ବହିଦାରଙ୍କ ସମ୍ବଲପୁରୀ ପ୍ରତି ଅବଦାନ ବିଷୟରେ ଲୋକଙ୍କୁ ଅବଗତ କରାଯିବ । ସମ୍ବଲପୁରୀ ଦିନ ପାଇଁ ଡେରା ପରିସରରେ ନିର୍ମାଣ କାର୍ଯ୍ୟ କୁ ତ୍ୱରାନ୍ୱିତ କରାଯାଇଛି। ସୂଚନା ଯୋଗ୍ୟ ଯେ, ପଶ୍ଚିମାଞ୍ଚଳ ଏକତା ମଞ୍ଚର ପ୍ରୟାସରେ ଗୁରୁ ବହିଦାରଙ୍କ ଜନ୍ମ ଶତବାର୍ଷିକୀ ପାଳନ ବର୍ଷ ୨୦୧୩ ଠାରୁ ଅଗଷ୍ଟ ଏକ ତାରିଖରେ ସମ୍ବଲପୁରୀ ଦିନ ପାଳନ କରାଯାଇ ଆସୁଛି । ଆଜିର ନିଯୁତା କାର୍ଯ୍ୟକ୍ରମ ରେ ଶୋଭାଗିନୀ ପଟେଲ, ପଙ୍କଜିନୀ ମେହେର, ଭୂମି ସୂତା ମେହେର, ପଙ୍କଜିନୀ ବୈଠାରୁ, ଯାମିନୀ ଠାକୁର, ଲଳିତା ଭୋଇ, ରୀତା ସ୍ବାଇଁ, ସୁନିତା ପତି, ସିପ୍ରା ଚକ୍ରବର୍ତ୍ତୀ, ଦୀପା ରାଉତ, ଅନୁପମା ରାଉତ, ଜୁଲି ମହାପାତ୍ର, ଝରଣା ମେହେର, ରାଜେଶ ସ୍ବାଇଁ, ଶଙ୍କର ମେହେର, ରାହୁଲ ଗୁପ୍ତା, ପ୍ରେମ ସାହାଣୀ, ପ୍ରସିସ ପଣ୍ଡା, ମାନସ ରଞ୍ଜନ ବକ୍ସି, ଭବାନୀଶ ଭୋଇ, ରଂଜିତ ସାହୁ, ଗୋପବନ୍ଧୁ ସେନାପତି, ସୁଷମା ପ୍ରଧାନ,ଅମନ ଚିରଗୁନ ପ୍ରମୁଖ କାର୍ଯ୍ୟକ୍ରମରେ ଉପସ୍ଥିତ ରହିଥିଲେ।

# ଦଳପଡା ପଞ୍ଚାୟତ ଉଚ୍ଚ ବିଦ୍ୟାଳୟରେ ବନମହୋତ୍ସବ

ଫୁଲବାଣୀ, ୮।୭ (ଆନିସ): ରାଜ୍ୟରେ ପରିବେଶକୁ ସୁଦୃଢ଼ କରିବା ପାଇଁ ବୃକ୍ଷ ରୋପଣ ଆଜିକା ଦିନରେ ଅତ୍ୟାବଶ୍ୟକୀୟ ହୋଇଥିବା ବେଳେ ତୃଣମୂଳ ସ୍ତରରେ ବୃକ୍ଷର ଅଭିବୃଦ୍ଧି ନଘଟିଲେ ଆମର ଆଗାମୀ ଭବିଷ୍ୟତ ଏହାର ବିପତ୍ତିର ଶୀକାର ହେବା ସୁନିଶ୍ଚିତ । ତେଣୁ ରାଜ୍ୟରେ ବୃକ୍ଷରୋପଣ ଅତ୍ୟନ୍ତ ଆବଶ୍ୟକ ହୋଇଛି । ଏହି ପରିପ୍ରେକ୍ଷୀରେ ଭାରତୀୟ ସ୍କାଉଟ ଓ ଗାଇଡ ଏବଂ ଇକୋ କ୍ଲବ୍, ଖଜୁରୀପଡ଼ା ବ୍ଲକ ଅନ୍ତର୍ଗତ ଦଳପଡା ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ଆନୁକୂଲ୍ୟରେ ସୋମବାର ବିଦ୍ୟାଳୟ ପରିସରରେ ବନମହୋତ୍ସବ କାର୍ଯ୍ୟକ୍ରମ ଆଡ଼ମ୍ବରପୂର୍ଣ୍ଣ ଭାବେ ପାଳିତ ହୋଇଯାଇଛି। ଏହି ଅବସରରେ ସ୍ଥାନୀୟ ସରପଞ୍ଚ ଶ୍ରୀମତୀ ପଦ୍ମିନୀ ମଲିକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବୃକ୍ଷରୋପଣର ଆବଶ୍ୟକତା ଓ ପରିବେଶ ସୁରକ୍ଷାରେ ଏହାର ଗୁରୁତ୍ୱ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ବିଦ୍ୟାଳୟ ପରିସରରେ ଯାଇତ୍ରୀ, ଜାମ୍ବରୋଳା, ଆମ୍ବ, କାଜୁ, ଲେମ୍ବୁ ଓ କମଳା ଆଦି ବିଭିନ୍ନ ପ୍ରଜାତିର ଫଳଜ ବୃକ୍ଷ ରୋପଣ କରାଯାଇଥିଲା ।କାର୍ଯ୍ୟକ୍ରମରେ ଦଳପଡା ପଞ୍ଚାୟତ ସଭାପତି ଶ୍ରୀ ସୁବାଷ ଚନ୍ଦ୍ର ପ୍ରଧାନ, ପ୍ରଧାନ ଶିକ୍ଷକ ଶ୍ରୀ ପୂର୍ଣ୍ଣଚନ୍ଦ୍ର ବାରିକ, ସ୍କାଉଟ ଓ ଗାଇଡ ଶିକ୍ଷକ ଶ୍ରୀ ରାଜନାରାୟଣ ଦାଶ, ଇକୋ କ୍ଲବ୍ ଶିକ୍ଷକ ଶ୍ରୀ ପ୍ରଦୀପ କୁମାର ପ୍ରଧାନ, କ୍ରୀଡା ଶିକ୍ଷକ ଶ୍ରୀ ସନ୍ତୋଷ କୁମାର ପ୍ରଧାନ, ଶିକ୍ଷକ ଶ୍ରୀ ଉଦୟନାଥ ପ୍ରଧାନ, ଶିକ୍ଷୟିତ୍ରୀ ଶ୍ରୀମତୀ ସସ୍ମିତା କାନୁନଗୋ, ସ୍ୱେଚ୍ଛାସେବୀ ତଥା ପୂର୍ବତନ କିରାଣୀ ଶ୍ରୀ ଶଙ୍କର୍ଷଣ ଜାନୀ, କର୍ମଚାରୀ ଶ୍ରୀ ଅନନ୍ତ ଜାନୀ, ଶ୍ରୀ ନିରଞ୍ଜନ ପ୍ରଧାନ ଓ ଶ୍ରୀ କିଶୋର ଚନ୍ଦ୍ର ପ୍ରଧାନଙ୍କ ସହ ବହୁ ସଂଖ୍ୟକ ଛାତ୍ରଛାତ୍ରୀ ଅଂଶଗ୍ରହଣ କରି ବୃକ୍ଷରୋପଣ କାର୍ଯ୍ୟରେ ସାମିଲ ହୋଇଥିଲେ। ପରିବେଶ ସୁରକ୍ଷା ଓ ସବୁଜ ପରିବେଶ ସୃଷ୍ଟିର ବାର୍ତ୍ତା ପ୍ରଦାନ କରିବା ସହ ଛାତ୍ରଛାତ୍ରୀଙ୍କ ମନରେ ବୃକ୍ଷପ୍ରେମ ଓ ପରିବେଶ ସଚେତନତା ବୃଦ୍ଧି କରିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା।

# ଅସହାୟ ବୃଦ୍ଧାଙ୍କୁ ସହାୟତା

ବିନିକା, ୮।୭(ଆନିସ ) : ବିନିକା ଥାନା ଅନ୍ତର୍ଗତ ବାଞ୍ଜିପାଲି ଗ୍ରାମରେ ଅସହାୟ ଅବସ୍ଥାରେ ରହୁଥିବା ଜଣେ ବୃଦ୍ଧାଙ୍କ ଘରକୁ ଜିଲ୍ଲାପାଳ ପହଞ୍ଚି ଦୁଃଖ ବୁଝିଛନ୍ତି ସୂଚନା ଅନୁସାରେ ବୟସ୍କା ବୃଦ୍ଧା ପ୍ରମୋଦିନି ହୋତା ଦୀର୍ଘ ବର୍ଷହେଲା ରୋଗରେ ପୀଡିତ ହେବା ସହ ଚଲାବୁଲା କରିନପାରି ଭଙ୍ଗା ଦଦରା ଚାଳଘରେ ପଡ଼ିରହିଛନ୍ତି ଖବର ପାଇଁ ବୃଦ୍ଧାଙ୍କ ଘରକୁ ଜିଲ୍ଲାପାଳ ଡ଼.ନୃପରାଜ ସାହୁ ପହଂଚି ମହାନତା ଦେଖାଇଛନ୍ତି ଜିଲାପାଳ ବୃଦ୍ଧାଙ୍କୁ ସୁବିଧା ଅସୁବିଧା ପଚାରି ବୁଝିଥିଲେ ତୁରନ୍ତ ତାଙ୍କୁ ହଜାରେ ଟଙ୍କା ଭତ୍ତା,୨୫ କିଲୋ ଚାଉଳ ଯୋଗାଇବା ସହ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ପକ୍କାଘର ଯୋଗାଇଦେବେ ବୋଲି ପ୍ରତିଶୃତି ଦେଇଛନ୍ତି ଫଳରେ ବୃଦ୍ଧାଙ୍କ ମୁହଁରେ ଟିକିଏ ହସ ଫୁଟିଥିଲା ଜିଲ୍ଲାପାଳଙ୍କ ଏଭଳି ମହାନତାକୁ ଗ୍ରାମବାସି ପ୍ରସଂଶା କରିଛନ୍ତି ଜିଲାପାଳଙ୍କ ଗସ୍ତ ସମୟରେ ତହସିଲଦାର ରଶ୍ମୀ ଭୋଇ, ଯୋଗାଣ ନିରୀକ୍ଷକ ପ୍ରମୋଦ ପଣ୍ଡା, ସରପଂଚ ଧର୍ମପଦ ଥପାଙ୍କ ସମେତ ଉପସ୍ଥିତ ରହିଥିଲେ



# ପଟ୍ଟାମୁଣ୍ଡାଇ ରଥଯାତ୍ରା ପାଇଁ ପ୍ରସ୍ତୁତି ବୈଠକ

ପଟ୍ଟାମୁଣ୍ଡାଇ, ୮।୭ (ଆନିସ): ପଟ୍ଟାମୁଣ୍ଡାଇ ଅଂଚଳରେ ବିପୁଳ ଆନନ୍ଦ ଉଲ୍ଲାସ ର ସହିତ ପବିତ୍ର ରଥ ଯାତ୍ରା ଉତ୍ସବ ପାଳନ ପାଇଁ ଏକ ପ୍ରସ୍ତୁତି ବୈଠକ ପୋଖରୀଆପଡା ପତିତପାବନ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି ରାଜନଗର ବିଧାୟକ ଧ୍ରୁବ ସାହୁ ବୈଠକରେ ପୌରହିତ୍ୟ କରି ଆଗାମୀ ରଥ ଯାତ୍ରାକୁ ରୀତିନୀତି ଅନୁଯାୟୀ ଶାନ୍ତି ଶୃଙ୍ଖଳାର ସହିତ ତ୍ରୁଟିଶୁନ୍ୟ ଭାବେ ପାଳନ କରିବା ପାଇଁ ଆବଶ୍ୟକ ସମସ୍ତ ପଦକ୍ଷେପ ନେବାକୁ ଉପସ୍ଥିତ ବିଭାଗୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ ବିଶେଷ କରି ପାନୀୟ ଜଳ, ଟ୍ରାଫିକ ସମସ୍ୟା, ନିଶା ନିବାରଣ,ନିରାପଦ ବିଦ୍ୟୁତ ବ୍ୟବସ୍ଥା, ବିଦ୍ୟୁତ ତାର ଉପରୁ ଗଛ କଟା, ରଥ ଯିବା ରାସ୍ତା ସଫା କରିବା,ରାସ୍ତା ମରାମତି, ଉଜ୍ଜଳ ଆଲୋକ ବ୍ୟବସ୍ଥା ଉପରେ ଗୁରୁତ୍ୱାରୋପ କରିବା ସହିତ ଯେକୌଣସି ପରିସ୍ଥିତି ପାଇଁ ପୋଲିସ ଓ ଅଗ୍ନିଶମ ବାହିନୀ ସଜାଗ ରହିବାକୁ ପରାମର୍ଶ ଦେଇଥିଲେ ଏହି ବୈଠକରେ ପଟ୍ଟାମୁଣ୍ଡାଇ ପୌର ପରିଷଦ ଅଧକ୍ଷ ହେମନ୍ତ ସାହୁ, ବିଡ଼ିଓ ଶୀତଲ ଅଗ୍ରୱାଲ,ଅତିରିକ୍ତ ତହସିଲଦାର ଥାନା ଆଇ ଆଇ ସି ବନ୍ଦନା ପାତ୍ର ପଟ୍ଟାମୁଣ୍ଡାଇ କଲେଜ ଅଧକ୍ଷ ମନୋଜ ପରିଡା ପତିତପାବନ ମନ୍ଦିର ପରିଚାଳନା କମିଟି ସଭାପତି ଇଂ ପ୍ରକାଶ ଦାଶ ସମ୍ପାଦକ ନରହରି ଲେଙ୍କା କୋଷାଧକ୍ଷ ଶୁକଦେବ ସ୍ୱାଇଁ,ବିଦ୍ୟା ଭୂଷଣ ପାଠୀ ଦିଲ୍ଲୀପ କୁମାର ଜେନା ବିଜୟ କୁମାର ମହାନ୍ତି ଇଂ ତ୍ରିଲୋଚନ ସୂତାର, ଦଇତାପତି ସଭାପତି ସୁଶୀଲ ପାଠୀ, ଚିତ୍ତ ରଞ୍ଜନ ଦାଶ ମାଉସୀ ମା ମନ୍ଦିର ସଭାପତି ଅର୍ଜୁନ ନାୟକ ପୂର୍ତ୍ତ ବିଭାଗ ସହ ନିର୍ବାହୀଯନ୍ତ୍ରୀ ସତ୍ୟବ୍ରତ ପଣ୍ଡା, ବିଦ୍ୟୁତ ବିଭାଗ ଯନ୍ତ୍ରୀ ସୂର୍ଯ୍ୟକାନ୍ତ ପାଢ଼ୀ, ଜନସ୍ୱାସ୍ଥ୍ୟ ବିଭାଗ ଯନ୍ତ୍ରୀ ସୁଦାମ ସାହୁ କାଉନସିଲର ମୃତ୍ୟୁଞ୍ଜୟ ପାଢ଼ୀ ନଗର ବିଜେଡି ସଭାପତି ବୁଢ଼ା ଲେଙ୍କା, ମନ୍ଦିର ପୂଜକ ସନ୍ତୋଷ ଦାଶ ତପନ କୁମାର ବାରିକ ପ୍ରମୁଖ ଯୋଗ ଦେଇ ରଥଯାତ୍ରାକୁ ଶାନ୍ତିଶୃଙ୍ଖଳାର ସହିତ ଆୟୋଜନ କରିବା ପାଇଁ ନିଜ ନିଜର ମତାମତ ଉପସ୍ଥାପନ କରିଥିଲେ ଏହି ବୈଠକକୁ ପରିଚାଳନା କମିଟି ସଦସ୍ୟ ଓ ଦଇତାପତି ସଂଘ କର୍ମକର୍ତ୍ତାମାନେ ପରି ଚଳନା କରିଥିଲେ ଏହି ବୈଠକରେ ଦଇତାପତି ମନୋରଞ୍ଜନ ପରିଡାଙ୍କ ଅକାଳ ବିୟୋଗରେ ୨ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା ଶେଷରେ ସମ୍ପାଦକ ନରହରି ଲେଙ୍କା ଧନ୍ୟବାଦ ଦେଇଥିଲେ

# ଅଭାବ,ଅସୁବିଧାରେ ୫୦ ବର୍ଷ ପୁରୁଣା ଖରସ୍ରୋତା ମହାବିଦ୍ୟାଳୟ

## ବିଷୟ ଭିତ୍ତିକ ଅଧ୍ୟାପକ ଓ କର୍ମଚାରୀ ଅଭାବ, ଖେଳ ପଡିଆ ଥାଇ ନଥିବା ଭଳି

ବିଂଝାରପୁର ୮/୭ (ଆନିସ ) ସୁବର୍ଣ୍ଣ ଜୟନ୍ତୀ ପାଳନ କରିବାକୁ ଅପେକ୍ଷାରେ ଥିବା ଖରସ୍ରୋତା ମହାବିଦ୍ୟାଳୟ ଏବେ ନାନାଦି ସମସ୍ୟା ମଧ୍ୟରେ ଗତି କରୁଛି। ଉଚ୍ଚ ଶିକ୍ଷା ବିଭାଗର ଶୁଭ ଦୃଷ୍ଟି ନପଡ଼ିଲେ ଏହାର ଗରିମା ଅକ୍ଷୁର୍ଣ୍ଣ ରଖିବା କଷ୍ଟକର। ୫ ଦଶନ୍ଧି ତଳେ ପ୍ରତିଷ୍ଠା ଲାଭ କରିଥିବା ଶିକ୍ଷାନୁଷ୍ଠାନ ଏବେ ଅବହେଳିତ । ବିଞ୍ଝାରପୁର ବ୍ଲକର ସିଂହପୁର ସ୍ଥିତ ଖରସ୍ରୋତା ମହାବିଦ୍ୟାଳୟରେ ବିଷୟ ଭିତ୍ତିକ ଅଧ୍ୟାପକ ଓ କର୍ମଚାରୀଙ୍କ ଘୋର ଅଭାବ ରହିଛି । ଫଳରେ ଶିକ୍ଷାଦାନ ସମେତ ଅନ୍ୟାନ୍ୟ ସମସ୍ୟା ଦେଖାଦେଇଛି । ଆଗକୁ ଉଚ୍ଚ ଶିକ୍ଷା ବିଭାଗର ଶୁଭ ଦୃଷ୍ଟି ଏହି ଶିକ୍ଷାନୁଷ୍ଠାନ ପ୍ରତି ନ ପଡ଼ିଲେ ଗୁଣାତ୍ମକ ଶିକ୍ଷା ପ୍ରଦାନରେ ବଡ ସଙ୍କଟ ଆସିବ ବୋଲି ବୁଦ୍ଧିଜୀବି କୁହନ୍ତି।

୧୯୭୬ ମସିହାରେ ଶିକ୍ଷାପ୍ରେମୀ ସ୍ବର୍ଗତ ବୈକୁଣ୍ଠ ନାଥ ମଲ୍ଲିକ, ସିଦ୍ଧେଶ୍ୱର ବେହୁରିଆଙ୍କ ସମେତ ଆଖ ପାଖ ଅଞ୍ଚଳର ବହୁ ବୁଦ୍ଧିଜୀବୀଙ୍କ ଉଦ୍ୟମ ଯୋଗୁଁ ଏହି ମହାବିଦ୍ୟାଳୟ ପ୍ରତିଷ୍ଠା ଲାଭ କରିଥିଲା । ଗାଁରୁ ଛଣ, ବାଉଁଶ, ସରକାରୀ ବସ୍, ବଦାନ୍ୟ ବ୍ୟକ୍ତିଙ୍କ ପ୍ରଦତ୍ତ ଅନୁଦାନରେ ପ୍ରଥମେ ଚାଳ ଘରେ ପାଠ ପଢା ଯାଉଥିଲା। ରାଜକନିକା, ଆଳି, ବରୀ, ଦଶରଥପୁର ଓ ବିଞ୍ଝାରପୁର ବ୍ଲକ୍‌ର ପିଲା ଘରୁ ଶାଗ ପଖାଳ ଖାଇ ଉଚ୍ଚ




ଶିକ୍ଷା ଲାଭ କରିଥିଲେ । ମହାବିଦ୍ୟାଳୟ ପ୍ରତିଷ୍ଠାର ୪୭ ବର୍ଷ ପରେ ଆଙ୍ଗିକ ବିକାଶ ଘଟିବା ସହ ବହୁ ମୌଳିକ ଆବଶ୍ୟକତା ପୂରଣ ହୋଇଛି । ଯୁକ୍ତ ଦୁଇ ଓ ଯୁକ୍ତ ୩ର କଳା, ବିଜ୍ଞାନ ଓ ବାଣିଜ୍ୟ ବିଭାଗରେ ଏବେ ପ୍ରାୟ ୧୩ ଶହ ଛାତ୍ର ଛାତ୍ରୀ ଏଠାରେ ଅଧ୍ୟୟନ କରୁଛନ୍ତି । ପରିପାଟୀ ବଦଳିଛି ମାତ୍ର ଅଧ୍ୟାପକ ଓ କର୍ମଚାରୀଙ୍କ ଘୋର ଅଭାବ ରହିଛି । ଏସବୁ ସତ୍ତ୍ୱେ ଏବେ ଅଧ୍ୟକ୍ଷ ଡ ବ୍ରଜକିଶୋର ସାହୁ ଗୁଣାତ୍ମକ ଶିକ୍ଷା, ଶୈକ୍ଷିକ ପରିବେଶ ଓ ମହାବିଦ୍ୟାଳୟରେ ଶୃଙ୍ଖଳା ଜ୍ଞାନ ଉପରେ ଗୁରୁତ୍ୱାରୋପ କରି ଜଣେ ଦକ୍ଷପ୍ରଶାସକ ଭାବେ କାର୍ଯ୍ୟ କରୁଛନ୍ତି । ଏ ସଂପର୍କରେଏସମ୍ପର୍କରେ ଅଧ୍ୟକ୍ଷ ଡ ବ୍ରଜକିଶୋର ସାହୁ କୁହନ୍ତି ଯେ ଗତବର୍ଷ ସେ ଅଧ୍ୟକ୍ଷ ଦାୟିତ୍ୱ ନେଇଛନ୍ତି । ଅଭାବ ଅସୁବିଧା ସତ୍ତ୍ୱେ ଗୁଣାତ୍ମକ ଶିକ୍ଷା ପ୍ରଦାନ ପାଇଁ କର୍ତ୍ତୃପକ୍ଷ ଯଥାସମ୍ଭବ ଉଦ୍ୟମ ଚଳାଇଛନ୍ତି । ମାତ୍ର ଖାଲି ପଡ଼ୁଥିବା ପ୍ରତ୍ୟକ୍ଷ ଦରମା ପାଉଥିବା ଅଧ୍ୟାପକ ଓ କର୍ମଚାରୀଙ୍କ ଅବସର ପରେ ସେମାନଙ୍କ ସ୍ଥାନରେ ନିଯୁକ୍ତି ଦିଆ ଯାଉନାହିଁ ।

ଅଧ୍ୟକ୍ଷ ଶ୍ରୀସାହୁଙ୍କ ସୂଚନା ମୁତାବକ ୩ଟି କିରାଣୀଙ୍କ ଜାଗାରେ ଜଣେ ମାତ୍ର କିରାଣୀ କାର୍ଯ୍ୟ ତୁଲାଉଛନ୍ତି । ୧୨ଟି ଚତୁର୍ଥ ଶ୍ରେଣୀ କର୍ମଚାରୀ ପଦ ଖାଲି ପଡ଼ିଛି । ଇଂରାଜୀ, ଗଣିତ, ଇତିହାସ, ରାଜନୀତି ବିଜ୍ଞାନ, ଅର୍ଥନୀତି ଓ ଓଡ଼ିଆ ବିଷୟ ଭିତ୍ତିକ ବିଭାଗରେ ବହୁ ସଂଖ୍ୟକ ପଦବୀ ଖାଲି ପଡ଼ିଛି। ନିର୍ମାଣଧୀନ ପରୀକ୍ଷାଗାର ଅଧାପନ୍ତରିଆ ଭାବରେ ପଡ଼ିରହିଛି ଏହା ସଂପୂର୍ଣ୍ଣ ହେଉ ନଥିବାରୁ ସମସ୍ୟା ସୃଷ୍ଟି ହେଉଛି। ଅଧକ୍ଷ ଓ ଅନ୍ୟ ମାନଙ୍କ ଆନ୍ତରିକ ଉଦ୍ୟମ ଯୋଗୁଁ ପାଠ ପଢ଼ା ଓ ପରୀକ୍ଷା ଫଳ ଉତ୍ସାହ ଜନକ। ଏହି ଶିକ୍ଷାନୁଷ୍ଠାନ ଛାତ୍ରୀ ପ୍ରମିଳା ମଲ୍ଲିକ

ବିଧାୟକ, ମନ୍ତ୍ରୀ ଓ ବାଚସ୍ପତି ଭଳି ଗୁରୁତ୍ୱପୂର୍ଣ୍ଣ ପଦ ପଦବୀରେ ରହି ସୁନାମ ବୃଦ୍ଧି କରିଛନ୍ତି। ଛାତ୍ର ଦେବାଶିଷ ସାହୁ ଓ ଶୁଭମ୍ ସାହୁ ଯଥାକ୍ରମେ ଆଇ ଆଇ ଟି ଖଡଗପୁର ଓ ଧାନବାଦରେ ପଢ଼ିବାର ସୁଯୋଗ ପାଇଛନ୍ତି । ସେହିପରି ଏହି ମହାବିଦ୍ୟାଳୟର ଛାତ୍ର ଛାତ୍ରୀ ମାନେ ଜିଲା ଓ ରାଜ୍ୟ ସ୍ତରରେ ବିଭିନ୍ନ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରି ନିଜର ପାରଦର୍ଶିତା ପ୍ରଦର୍ଶନ କରୁଛନ୍ତି ।ପରୀକ୍ଷା ହବ କେନ୍ଦ୍ର, ଉଚ୍ଚ କୋଟିର ସେମିନାର, ପରିବେଶ ସୁରକ୍ଷା, ଏଡ୍ସ , ପ୍ଲାଷ୍ଟିକ ବ୍ୟବହାର ନକରିବା ଉପରେ ମହାବିଦ୍ୟାଳୟ ପକ୍ଷରୁ ବିଭିନ୍ନ ସମୟରେ ସଚେତନତା ସୃଷ୍ଟି କରାଯାଉଛି। ତେବେ ସକରାତ୍ମକ ମନୋବୃତ୍ତି ଓ ଗଠନ ମୂଳକ ସହଯୋଗ ରହିଲେ ମହାବିଦ୍ୟାଳୟ ଗରିମା ବୃଦ୍ଧି ପାଇବ।

ଶିକ୍ଷାନୁଷ୍ଠାନରେ ପାନୀୟ ଜଳ ସମସ୍ୟା ଉତ୍କଟ । ଅଗଭୀର ନଳକୂପ ଅଛି ମାତ୍ର ଏହାର ପାଣି ବ୍ୟବହାର ଅନୁପଯୋଗୀ। ଶିକ୍ଷାନୁଷ୍ଠାନ ପରିସରରେ ଥିବା କ୍ୟାଣ୍ଟିନ କାର୍ଯ୍ୟକ୍ଷମ ହେଉନଥିବାରୁ ଅସୁବିଧାର ସମ୍ମୁଖିନ ହେଉଛନ୍ତି ଛାତ୍ର ଛାତ୍ରୀ ଓ ଅନ୍ୟମାନେ। ଖେଳ ପଡିଆଟିଏ ଅଛି। ମାତ୍ର ଖାଲୁଆ ଯୋଗୁଁ ପାଣି ଜମି ରହୁଛି । ଜଳ ନିଷ୍କାସନର ବାଟ ବନ୍ଦ। ମାଟି ପକାଇ ପଡ଼ିଆର ଉଚ୍ଚତା ବୃଦ୍ଧି ନିହାତି ଆବଶ୍ୟକ। ପ୍ରତିବର୍ଷ ବାର୍ଷିକ କ୍ରୀଡା ଉତ୍ସବ ବେଳେ ୨୫ରୁ ୩୦ ହଜାର ଟଙ୍କା ଖର୍ଚ୍ଚ କରାଯାଇ ଖେଳ ପଡିଆକୁ ବ୍ୟବହାର ଉପଯୋଗୀ କରିବାକୁ ପଡ଼ୁଛି । ଅତିରିକ୍ତ ଶ୍ରେଣୀ କୋଠରୀ ଓ ୫ଟି ଶୌଚାଳୟ ଆବଶ୍ୟକ । ୧୯୮୯ରୁ ୧୯୯୫ ମଧ୍ୟରେ ପରିଚାଳନା ପରିଷଦ ଦ୍ବାରା ନିଯୁକ୍ତି ପାଇଥିବା ଅଧ୍ୟାପକ ଓ କର୍ମଚାରୀଙ୍କୁ ବ୍ଲକ୍ ଗ୍ରାଣ୍ଟ ହିସାବରେ ଦରମା ମିଳୁଛି ମାତ୍ର ସେମାନଙ୍କ ଚାକିରୀ ସର୍ତ୍ତାବଳୀ ନାହିଁ ଏହି ବର୍ଗରେ ୧୪ ଜଣ କର୍ମଚାରୀ ଦୀର୍ଘ ଦିନ ଚାକିରି କରି ଏବେ ଭାଗ୍ୟକୁ ନିନ୍ଦୁଛନ୍ତି । ମୁଖ୍ୟ ରାସ୍ତାରେ ବର୍ଷା ଜଳ ଜମି ରହୁଥିବାରୁ ଯାତାୟତରେ ଅସୁବିଧା ହେଉଛି। କଲେଜ୍ ରାସ୍ତାରେ ଷ୍ଟ୍ରିଟ ଲାଇଟ୍, ଖେଳ ପଡ଼ିଆର ଉନ୍ନତିକରଣ, ଅଧାପନ୍ତରିଆ ଭାବେ ପଡିରହିଥିବା ଗୃହ ଗୁଡିକର ନିର୍ମାଣ ସଂପୂର୍ଣ୍ଣ ହେଲେ ସୁଫଳ ମିଳନ୍ତା । ସରକାର ଏଥିପ୍ରତି ଦୃଷ୍ଟି ଦେଇ ଆବଶ୍ୟକ ପଦକ୍ଷେପ ନେବାକୁ ଅଞ୍ଚଳର ବୁଦ୍ଧିଜୀବୀ ଦାବି କରିଛନ୍ତି । ଖୁବ୍ ଶୀଘ୍ର ଅଞ୍ଚଳର ବୁଦ୍ଧିଜୀବି ସମସ୍ୟାର ପ୍ରତିକାର ପାଇଁ ବିଭାଗୀୟ ଉଚ୍ଚ ଶିକ୍ଷା ମନ୍ତ୍ରୀଙ୍କୁ ଭେଟିବେ ବୋଲି ବରିଷ୍ଠ ନାଗରିକ ମଞ୍ଚ ଓ ଶିକ୍ଷା ପ୍ରେମୀଙ୍କ ପକ୍ଷରୁ କୁହାଯାଇଛି ।

### ଅଧ୍ୟକ୍ଷ ପଦବୀ ନିର୍ବାଚନ ସ୍ଥଗିତକୁ ନେଇ ଜନପ୍ରତିନିଧିଙ୍କ ଅସନ୍ତୋଷ

# ବିନା ବ୍ୟକ୍ତିଗତ ସୂଚନାରେ ନିର୍ବାଚନ ସ୍ଥଗିତ ଅଭିଯୋଗ

ଚିକିଟି,୮।୭ (ଆନିସ): ଚିକିଟି ବ୍ଲକ ଅଧ୍ୟକ୍ଷ ପଦବୀ ନିର୍ବାଚନ ସ୍ଥଗିତକୁ ନେଇ ବ୍ଲକ କାର୍ଯ୍ୟାଳୟରେ କିଛି ସମୟ ପାଇଁ ଉତ୍ତେଜନା ଦେଖାଦେଇଛି। ଅଧ୍ୟକ୍ଷ ନିର୍ବାଚନ ସ୍ଥଗିତ ସମ୍ପର୍କରେ ସମିତି ସଭ୍ୟ ଓ ସଭ୍ୟାମାନଙ୍କୁ ନିୟମାନୁସାରେ ପୂର୍ବରୁ ଲିଖିତ ସୂଚନା ଦିଆଯାଇନଥିବା ଅଭିଯୋଗ କରି ସମିତି ସଭ୍ୟ, ସଭ୍ୟା, ସରପଞ୍ଚ ଓ ଜିଲ୍ଲା ପରିଷଦ ମାନେ ଚିକିଟି ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ନିକଟରେ ନିର୍ବାଚନ ଅଧିକାରୀ ଏହାର ଜବାବ ଦେବାକୁ ଦାବି କରିଥିଲେ।



ସୂଚନା ଅନୁଯାୟୀ ଗତ ମଇ ମାସ ୨୯ ତାରିଖରେ ଚିକିଟୀ ବ୍ଲକ ଅଧ୍ୟକ୍ଷ ଆପାନା ସେଠୀଙ୍କ ବିୟୋଗ ପରେ ଅଧ୍ୟକ୍ଷ ପଦବୀ ଖାଲି ପଡିଥିଲା। ଏହି ସ୍ଥାନ ପୁରଣ ପାଇଁ ଗତ ଜୁନ୍ ୩୦ ତାରିଖରେ ନିର୍ବାଚନ ଅଧିକାରୀଙ୍କ ପକ୍ଷରୁ ଚଳିତ ମାସ ୮ ତାରିଖରେ ଚିକିଟୀ ବ୍ଲକ ଅଧ୍ୟକ୍ଷ ପଦବୀ ପାଇଁ ନିର୍ବାଚନ ଅନୁଷ୍ଠିତ ହେବ ବୋଲି ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଏଥି ସହିତ ନିର୍ବାଚନ ପାଇଁ ସବୁ ପ୍ରକାର ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଥିଲା। ଏନେଇ ବ୍ଲକର ସମସ୍ତ ସମିତି ସଭ୍ୟ ଓ ସଭ୍ୟାଙ୍କୁ ଚିଠି ମାଧ୍ୟମରେ ସୂଚନା ଦିଆଯାଇଥିଲା। ସେହି ଅନୁଯାୟୀ ସମସ୍ତେ ନିର୍ଦ୍ଧାରିତ ଦିନରେ ନିର୍ବାଚନରେ ଯୋଗଦେବା ପାଇଁ ପ୍ରସ୍ତୁତି କରିଥିଲେ। କିନ୍ତୁ ଏହି ଉପ ନିର୍ବାଚନ ସ୍ଥଗିତ କରିବା ପାଇଁ ବ୍ଲକର ତିନି ଜଣ ସମିତି ସଭ୍ୟ ମାନ୍ୟବର ହାଇକୋର୍ଟରେ ପିଟିସନ ଦାୟର କରିଥିଲେ। ଏହାକୁ ଦୃଷ୍ଟିରେ ରଖି ମାନ୍ୟବର ହାଇକୋର୍ଟଙ୍କ ପକ୍ଷରୁ ଚିକିଟୀ ବ୍ଲକ ଅଧ୍ୟକ୍ଷ ପଦବୀ ନିର୍ବାଚନ ଉପରେ ସ୍ଥଗିତାଦେଶ ଜାରି କରାଯାଇଛି। ଏହାପରେ ନିର୍ବାଚନ ଅଧିକାରୀ ୭ ତାରିଖ ସନ୍ଧ୍ୟାରେ ନିର୍ବାଚନ ସ୍ଥଗିତ ହେବା ନେଇ ବିଜ୍ଞପ୍ତି ଜାରି କରିଥିଲେ।

ତେବେ ଅଭିଯୋଗ ହୋଇଛି ଯେ, ସରକାରୀ ନିୟମାନୁସାରେ ସମିତି ସଭ୍ୟ ଓ ସଭ୍ୟାମାନଙ୍କୁ ବ୍ୟକ୍ତିଗତ ଭାବେ ଚିଠି ମାଧ୍ୟମରେ ସୂଚନା ଦିଆଯାଇନଥିଲା। ଫଳରେ ବହୁ ସମିତି ସଭ୍ୟ ନିର୍ଦ୍ଧାରିତ ସମୟରେ ନିର୍ବାଚନ ସ୍ଥଳରେ ପହଞ୍ଚିବା ପରେ ନିର୍ବାଚନ ସ୍ଥଗିତ ହୋଇଥିବା ଜାଣି ଅସନ୍ତୋଷ ପ୍ରକାଶ କରିଥିଲେ।

ଏହାକୁ ନେଇ ବିଜେଡି ସମର୍ଥିତ ସମିତି ସଭ୍ୟ, ସଭ୍ୟା, ସରପଞ୍ଚ, ଜିଲ୍ଲା ପରିଷଦ, ବିଜେଡି ବିଧାୟକ ପ୍ରାର୍ଥୀ ଚିନ୍ମୟାନନ୍ଦ ଶ୍ରୀରୁପ ଦେଓ,ଚିକିଟୀ ବିଜେଡି ସଭାପତି ହେରମ୍ବ ରେଡି, ବରିଷ୍ଠ ବିଜେଡି ସଂଗଠନ ସୁରେନ୍ଦ୍ର ମଣ୍ଡଳ ଓ ବହୁ ବିଜେଡି ସମର୍ଥକ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ କାର୍ଯ୍ୟାଳୟରେ ପହଞ୍ଚି କାହିଁକି ପୂର୍ବରୁ ସମସ୍ତଙ୍କୁ ଲିଖିତ ଭାବେ ସୂଚନା ଦିଆଯାଇନଥିଲା ସେନେଇ ପ୍ରଶ୍ନ ଉଠାଇଥିଲେ। ଏହି ଘଟଣାକୁ ନେଇ ବ୍ଲକ କାର୍ଯ୍ୟାଳୟ ପରିସରରେ କିଛି ସମୟ ପର୍ଯ୍ୟନ୍ତ ଉତ୍ତେଜନା ଲାଗି ରହିଥିଲା।

ଅପରପକ୍ଷରେ, ହାଇକୋର୍ଟଙ୍କ ସ୍ଥଗିତାଦେଶକୁ ପାଳନ କରିବା ସରକାରୀ କର୍ତ୍ତବ୍ୟ ହୋଇଥିବା ବେଳେ, ସମୟୋପଯୁକ୍ତ ଭାବେ ସମସ୍ତ ସମ୍ପୃକ୍ତ ସଦସ୍ୟଙ୍କୁ ସୂଚନା ପ୍ରଦାନରେ ଅବହେଳା ହୋଇଥିବା ଅଭିଯୋଗକୁ ନେଇ ପ୍ରଶାସନିକ ବ୍ୟବସ୍ଥା ଉପରେ ପ୍ରଶ୍ନ ଉଠିଛି। ଏନେଇ ଚିକିଟୀ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ସହିତ ଯୋଗାଯୋଗ କରିବାରୁ ଯାହାକି ଗତକାଲି ରାତି ୯ ଘଣ୍ଟା ସମୟରେ ନିର୍ବାଚନ ଅଧିକାରୀଙ୍କ ପକ୍ଷରୁ ବ୍ଲକକୁ ଚିଠି ପଠାଯାଇଥିଲା। ଉକ୍ତ ଚିଠିକୁ ଆଧାର କରି ତୁରନ୍ତ ନିର୍ବାଚନ ସ୍ଥଗିତ ବିଷୟରେ କିଛି ଜନ ପ୍ରତିନିଧିଙ୍କୁ ଫୋନ ମାଧ୍ୟମରେ ସୂଚନା ଦିଆଯାଇଛି। ଏଥି ସହିତ ବୁଧବାର ସକାଳ ସମୟରେ ଜନପ୍ରତିନିଧି ତଥା ସମିତି ସଭ୍ୟ ଓ ସଭ୍ୟା ମାନଙ୍କ ନିଜ ନିଜର ପଞ୍ଚାୟତ ମାନଙ୍କରେ ଚିଠି ଲଟକା ଯାଇଛି। ଯେହେତୁ ବିଳମ୍ବ ହୋଇଛି କିନ୍ତୁ ସୂଚନା ଦିଆଯାଇଛି ବୋଲି ବିଡ଼ିଓ ବିବେକାନନ୍ଦ ମିଶ୍ର କହିଛନ୍ତି।

# ଗାଲେରୀ କଲେଜରେ ବନ ମହୋତ୍ସବ

ଜଗନ୍ନାଥ ପ୍ରସାଦ, ୮।୭ (ଆନିସ): ଗାଲେରୀ ସ୍ଥିତ ଦଣ୍ଡପାଣି ମହାରଥା ବିଜ୍ଞାନ ମହାବିଦ୍ୟାଳୟରେ ଅଧ୍ୟକ୍ଷ ସୁଶାନ୍ତ କୁମାର ନାୟକ ଙ୍କ ପୌରୋହିତ୍ୟ ରେ ବନ ମହୋତ୍ସବ ବୃକ୍ଷ ରୋପଣ ଅନୁଷ୍ଠିତ ହୋଇଥିଲା। ଏଥିରେ ଗାଲେରି ବନ୍ୟାଞ୍ଚଳ ର ରେଞ୍ଜର ଦଥଖ ଅନ୍ୟ କର୍ମଚାରୀ ମାନେ,ଯୁବ ସାମ୍ବାଦିକ ସୁଶାନ୍ତ କୁମାର ସାହୁ, ଅଧାପକ ଦିବ୍ୟ ଲୋଚନ ବିଶ୍ବାଳ,ବିରୁପାକ୍ଷ ସାହୁ ଅତିଥି ରୂପେ ଯୋଗଦେଇ କାର୍ଯ୍ୟକ୍ରମ କୁ ସାଫଲ୍ୟ ମଣ୍ଡନ କରିଥିଲେ। ଅତିଥି ମାନଙ୍କ ଗହଣ ରେ ଅଧକ୍ଷ ପ୍ରଦୀପ ପ୍ରଜ୍ଜ୍ୱଳନ କରି ଉତ୍ସବ ର ଶୁଭାରମ୍ଭ କରି ଥିଲେ। ଛାତ୍ରୀ ସ୍ୱାଗତିକା ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ। ମଞ୍ଚାସୀନ ଅତିଥି ମାନେ ଉତପ୍ତ ପୃଥିବୀକୁ ଶୀତଳ କରିବା ପାଇଁ ବୃକ୍ଷ ରୋପଣ ହିଁ ଏକମାତ୍ର ଉପାୟ ଓ ବୃକ୍ଷ ରୋପଣ ର ପ୍ରାଧାନ୍ୟ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରି ଛାତ୍ରଛାତ୍ରୀମାନଙ୍କୁ ବୃକ୍ଷ ରୋପଣ ଓ ସୁରକ୍ଷା କୁ ସର୍ବଶ୍ରେଷ୍ଠ ବୋଲି କହିଥିଲେ। ପରବର୍ତ୍ତୀ ସମୟରେ ଅତିଥି ମାନେ ଓ ଏନ୍ ଏସ୍ ଏସ୍ ର ଭଲ୍ୟୁଣ୍ଟର ମାନେ କଲେଜ ପରିସରରେ ରେ ବୃକ୍ଷ ରୋପଣ କରିଥିଲେ। ଆଗାମୀ ଦିନରେ ଚାରିଶହ ବୃକ୍ଷ କଲେଜ ପରିସରରେ ଓ ନୋଡାଲ ଭିଲେଜ ରେ ରୋପଣ କରିବା କାର୍ଯ୍ୟକ୍ରମ ର ଶୁଭାରମ୍ଭ ହୋଇଥିଲା। ଏଥିପାଇଁ ଆବଶ୍ୟକ ଚାରା ବନବିଭାଗ ଯୋଗାଇଦେବା ପାଇଁ ସମ୍ମତି ପ୍ରଦାନ କରିଥିବା ଯୋଗୁଁ ଅଧ୍ୟକ୍ଷ ସୁଶାନ୍ତ କୁମାର ନାୟକ ଉତ୍ତର ଘୁମୁସର ବନଖଣ୍ଡ ଅଧିକାରୀ ପ୍ରଶାନ୍ତ ମହାନ୍ତି ଓ ଅନ୍ୟ ସମସ୍ତ କର୍ମଚାରୀଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଅଧାପକ ଦିବ୍ୟ ଲୋଚନ ଅଦିଥି ପରିଚୟ ପ୍ରଦାନ କରିଥିଲେ ଏନ୍ ଏସ୍ ଏସ୍ ର ସମସ୍ତ ଛାତ୍ରଛାତ୍ରୀ ଭଲ୍ୟୁଣ୍ଟର ଉପସ୍ଥିତ ଥିଲେ। ପ୍ରଶାନ୍ତ, ଇତିଶ୍ରୀ, ଜ୍ୟୋତି ରାଣୀ, ମୀରା,ଲକି, ରାହୁଲ, ପ୍ରଦୀପ, ରୁଦ୍ରନାରାୟଣ,ଝୁମୁରୀ ଆଦି ଛାତ୍ରଛାତ୍ରୀ ପରିଚାଳନା ରେ ସହଯୋଗ କରିଥିଲେ। ଜାତୀୟ ସେବା ଯୋଜନା ଅଧିକାରୀ ଅଧାପକ ଦୁର୍ଗା ମାଧବ ଦାଶ ମନ୍ତ୍ର ପାଠ, ସ୍ବାଗତ ଭାଷଣ ଦେବା ସହ ସଂଯୋଜନା କରିଥିଲେ।ବିରୁପାକ୍ଷ ଅନ୍ତିମ ସଙ୍ଗୀତ ଗାନ ସହିତ ଧନ୍ୟବାଦ ଅର୍ପଣ କରିଥିଲେ। ଏଥିରେ ସମସ୍ତ ଛାତ୍ରଛାତ୍ରୀ ଓ କର୍ମଚାରୀ ଉପସ୍ଥିତ ଥିଲେ ।




### ବାଲିପଦର ଆଞ୍ଚଳିକ ବିଜ୍ଞାନ ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ

## ରେଡ ରିବନ କ୍ଲବ ତରଫରୁ ଏଚ.ଆଇ.ଭି/ଏଡସ୍ ସଚେତନତା କାର୍ଯ୍ୟକ୍ରମ

ବୁଗୁଡା,୮।୭ (ଆନିସ): ବୁଗୁଡ଼ା ବ୍ଲକ୍ ଅନ୍ତର୍ଗତ ଆଞ୍ଚଳିକ ବିଜ୍ଞାନ ଉଚ୍ଚମାଧ୍ୟମିକ ମହାବିଦ୍ୟାଳୟର ରେଡ କ୍ରସ ଶାଖାର ରେଡ ରିବନ କ୍ଲବ ତରଫରୁ ଏଡସ୍/ଏଚ.ଆଇ.ଭି ସଚେତନତା ଉପରେ ଏକ କର୍ମଶାଳା ଓ ରାଲି ଆୟୋଜିତ ହୋଇଯାଇଛି ଏଥିରେ ଉଚ୍ଚମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ସରୋଜ କାନ୍ତ ଦାସଙ୍କ ଅଧ୍ୟକ୍ଷତା ରେ ଏକ ସଭା ଅନୁଷ୍ଠିତହୋଇ ଥିବାବେଳେ ଅତିଥି ଭାବେ ଡ଼ିଗ୍ରୀ ମହାବିଦ୍ୟାଳୟର ଅଧ୍ୟକ୍ଷ ଗୋପୀନାଥ ମହାନ୍ତି ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିବା ସହିତ ଗଞ୍ଜାମ ଜିଲ୍ଲା ଯୁବ ରେଡ କ୍ରସ ସଂଯୋଜକ ଡ଼କ୍ଟର ଜଗଦିଶ ଚନ୍ଦ୍ର ପାଲ୍,ପ୍ରାଧାପକ ଡ଼କ୍ଟର ଶିଶିର କୁମାର ନାୟକ,କିଶୋର ଚନ୍ଦ୍ର ପଣ୍ଡା, ସୁଜାତା କୁମାରୀ ପଟନାୟକ, କାହ୍ନୁଚରଣ ଦାସ, ସଞ୍ଜୟ କୁମାର ପାତ୍ର, ପ୍ରେମାନନ୍ଦ ପ୍ରଧାନ ଯୋଗ ଦେଇଥିଲେ କର୍ମଶାଳାରେ ଯୋଗ ଦେଇଥିବା ଅତିଥି ମାନେ ଏଚଆଇଭି ଓ ଏଡସ ରୋଗର କାରଣ, ଭୟାଭୟତା ଓ ତାର ପ୍ରତିଷେଧକ ଉପରେ ଛାତ୍ରଛାତ୍ରୀ ମାନଙ୍କୁ ଉଦବୋଧନ ଦେଇଥିଲେ ପୂର୍ବରୁ ଏଥି ସମ୍ପର୍କିତ ବକ୍ତୃତା, ସଂଗୀତ ଓ ବିଭିନ୍ନ ପ୍ରତିଯୋଗିତାରେ ସଫଳ ହୋଇଥିବା ପ୍ରତିଯୋଗୀ ମାନଙ୍କୁ ପ୍ରମାଣ ପତ୍ର ଓ ଟ୍ରଫି ପ୍ରଦାନ କରାଯାଇଥିଲା ଉକ୍ତ କାର୍ଯ୍ୟକ୍ରମକୁ ରେଡ କ୍ରସ ଶାଖାର କାଉନସିଲେର୍ ସ୍ମିତା ରାଣୀ ସାହୁ ପରିଚାଳନା କରିଥିଲେ ଶେଷରେ ସହ କାଉନସିଲେର୍ ଜ୍ଞାନ ଚାନ୍ଦ ଗୌଡ଼ ଧନ୍ୟବାଦ ଅର୍ପଣ କରିଥିଲେ ଉକ୍ତ କାର୍ଯ୍ୟକ୍ରମରେ ଉଚ୍ଚ ମଧ୍ୟମିକ ବିଦ୍ୟାଳୟର ସମସ୍ତ ଶିକ୍ଷକ ଓ ଅଣ ଶିକ୍ଷକ କର୍ମଚାରୀ ମାନେସହଯୋଗ କରିଥିଲେ ଏଥିସହ ବନୋମହୋତ୍ସବ ସପ୍ତାହ ଅବସରରେ ସପ୍ତାହ ବ୍ୟାପି ବନ ମହୋତ୍ସବ କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀ ଓ କର୍ମଚାରୀ ମାନଙ୍କ ଦ୍ୱାରା ଚାରା ରୋପଣ କରାଯାଇଥିଲା।



### ଟ୍ରେନ୍‌ରେ ଚୋରି ଘଟଣାର ସଫଳ ପର୍ଦ୍ଦାଫାଶ

# ୨ ଗିରଫ, ୭.୨୮ ଲକ୍ଷ ଟଙ୍କାର ସୁନା ଅଳଙ୍କାର ଜବତ

ବ୍ରହ୍ମପୁର, ୮।୭ (ଆନିସ): ବ୍ରହ୍ମପୁର ଜିଆରପି ପୋଲିସ ଏକ ଟ୍ରେନ୍ ଚୋରି ମାମଲାର ସଫଳ ପର୍ଦ୍ଦାଫାଶ କରି ଦୁଇ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନଙ୍କ ନିକଟରୁ ପ୍ରାୟ ୬୩.୬୨ ଗ୍ରାମ ଚୋରି ହୋଇଥିବା ସୁନା ଅଳଙ୍କାର ଜବତ କରାଯାଇଛି, ଯାହାର ବର୍ତ୍ତମାନ ବଜାର ମୂଲ୍ୟ ୭ ଲକ୍ଷ ୨୮ ହଜାର ୨୧୬ ଟଙ୍କା ବୋଲି ପୋଲିସ ସୂଚନା ଦେଇଛି।



ବ୍ରହ୍ମପୁର ଜିଆରପି ଥାନାରେ ମାମଲା ନଂ-୭୧, ତାରିଖ ୦୧.୦୭.୨୦୨୬, ଧାରା ୩୦୫(ସି)/୧୧୨ ଭାରତୀୟ ନ୍ୟାୟ ସଂହିତା (ବିଏନ୍‌ଏସ୍) ଅନୁଯାୟୀ ଶ୍ରୀ କେଦାରନାଥ ସବରଙ୍କ ଅଭିଯୋଗ ଆଧାରରେ ମାମଲା ରୁଜୁ ହୋଇଥିଲା। ଅଭିଯୋଗ ଅନୁସାରେ, ସେ ଭୁବନେଶ୍ୱରରୁ ରାୟଗଡ଼ ଯାଉଥିବା ଟ୍ରେନ୍‌ରେ ଯାତ୍ରା କରୁଥିବା ବେଳେ ସୁନା ଅଳଙ୍କାର ଓ ଅନ୍ୟାନ୍ୟ ମୂଲ୍ୟବାନ ସାମଗ୍ରୀ ଥିବା ତାଙ୍କ ଭ୍ୟାନିଟି ବ୍ୟାଗ ଚୋରି ହୋଇଯାଇଥିଲା।

ତଦନ୍ତକାରୀ ଅଧିକାରୀ ବି.ଏନ୍. ମଲ୍ଲିକଙ୍କ ନେତୃତ୍ୱରେ ବ୍ରହ୍ମପୁର ଜିଆରପି ଟିମ୍, ସିଆଇବି/ଆରପିଏଫ୍ ଖୋର୍ଦ୍ଧା ଏବଂ ବ୍ରହ୍ମପୁର ଆରପିଏଫ୍ ଇନ୍‌ସପେକ୍ଟର ବିବେକ କୁମାରଙ୍କ ସହଯୋଗରେ ସିସିଟିଭି ଫୁଟେଜ୍ ଓ ଅନ୍ୟାନ୍ୟ ପ୍ରମାଣ ଆଧାରରେ ଅଭିଯୁକ୍ତମାନଙ୍କୁ ଚିହ୍ନଟ କରିଥିଲେ। ପରେ ମିଳିତ ଟିମ୍ ଖୋର୍ଦ୍ଧା ରୋଡ଼ ଯାଇ ଜଟଣୀ ଲୋକୋ କଲୋନୀରେ ଚଢ଼ାଉ କରି ମୁଖ୍ୟ ଅଭିଯୁକ୍ତ ସୁରଜ କୁମାର ପ୍ରସାଦଙ୍କୁ ଗିରଫ କରିଥିଲା। ତାଙ୍କ ଠାରୁ ମିଳିଥିବା ସୂଚନା ଆଧାରରେ ସଞ୍ଜୟ କୁମାର ନାୟକଙ୍କୁ ମଧ ଗିରଫ କରାଯାଇଥିଲା।

ପୋଲିସ ତଦନ୍ତରୁ ଜଣାପଡ଼ିଛି ଯେ ସୁରଜ କୁମାର ପ୍ରସାଦ ଏହି ଚୋରି ଘଟଣାର ମୁଖ୍ୟ ଅଭିଯୁକ୍ତ ହୋଇଥିବାବେଳେ ସଞ୍ଜୟ କୁମାର ନାୟକ ଚୋରି ସାମଗ୍ରୀ ଗ୍ରହଣ କରି ତାହାକୁ ବିକ୍ରି କରିବାକୁ ଉଦ୍ୟମ କରୁଥିଲେ।

ପୋଲିସ ପକ୍ଷରୁ ଅବଶିଷ୍ଟ ଚୋରି ସାମଗ୍ରୀ ଉଦ୍ଧାର ସହ ଏହି ଘଟଣାରେ ଅନ୍ୟ କାହାର ସମ୍ପୃକ୍ତତା ରହିଛି କି ନାହିଁ, ସେ ନେଇ ତଦନ୍ତ ଜାରି ରହିଛି।

## ଅଜଣା ବ୍ୟକ୍ତିଙ୍କ ଝୁଲନ୍ତା ମୃତଦେହ ଠାବ

ବୁଗୁଡ଼ା,୮।୭ (ଆନିସ): ଗଞ୍ଜାମ ଜିଲ୍ଲା ବୁଗୁଡ଼ା ଥାନା ଅନ୍ତର୍ଗତ ମୋଟାବାଡି ଗୋପୀନାଥ ବିଦ୍ୟାପୀଠ ନିକଟସ୍ଥ କାଜୁ ଜଙ୍ଗଲରେ ଝୁଲି ରହିଛି ଏକ ଅଜଣା ବ୍ୟକ୍ତିର ମୃତ ଦେହ।ମୃତକଙ୍କ ପରିଚୟ ଏଯାଏଁ ମିଳି ପାରିନଥିବା ବେଳେ ତାଙ୍କ ବୟସ ୩୦ରୁ ୩୫ ବର୍ଷ ବୋଲି ଅନୁମାନ କରାଯାଉଛି ।କିଛି ଲୋକ କାଜୁ ଗଛରେ ଝୁଲୁଥିବା ମୃତଦେହ ଦେଖି ପୋଲିସ କୁ ଖବର ଦେଇଥିଲେ।ଘଟଣା ସ୍ଥଳରେ ବୁଗୁଡ଼ା ପୁଲିସ ପହଞ୍ଚି ମୃତକଙ୍କ ପ୍ୟାଣ୍ଟ ପକେଟ ରୁ ଏକ ମୋବାଇଲ ଫୋନ ଜବତ କରି ଅନୁସନ୍ଧାନ କରୁଥିବା ଦେଖିବାକୁ ମିଳିଛି।ସାଇଣ୍ଟିଫିକ ଟିମର ତଦନ୍ତ ପରେ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଯିବ।ମୃତଦେହ ବ୍ୟବଚ୍ଛେଦ ରିପୋର୍ଟ ଆସିବାପରେ ଏହା ହତ୍ୟା ନା ଆତ୍ମହତ୍ୟା ଜଣାପଡିବ ବୋଲି ବୁଗୁଡ଼ା ଥାନା ଅଧିକାରୀ ସୀତାଂଶୁ ଶେଖର ମାନ୍ଧାତା ସୂଚନା ଦେଇଛନ୍ତି।

## କୁହୁଡ଼ିର ଚାଦର ତଳେ କଳିଙ୍ଗା ଘାଟିପ୍ରକୃତିର ଅପୂର୍ବ ସୌନ୍ଦର୍ଯ୍ୟରେ ମୋହିତ ପର୍ଯ୍ୟଟକ



ଘୁ.ଉଦୟଗିରି,୮।୭ (ଆନିସ): ବର୍ଷାର ପ୍ରଥମ ସ୍ପର୍ଶରେ ସବୁଜ ପାହାଡ଼ ଜଙ୍ଗଲ ଉପରେ ବିଛାଇ ହୋଇଯାଇଛି କୁହୁଡ଼ିର ଧଳା ଚାଦର। ଶୀତଳ ପବନର ମୃଦୁ ସ୍ପର୍ଶ, ଘଞ୍ଚ ଜଙ୍ଗଲର ନିରବତା ଓ ପାହାଡ଼ ଉପରେ ଭାସମାନ ମେଘର ଅଲୌକିକ ଦୃଶ୍ୟ। ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରପୂର କଳିଙ୍ଗା ଘାଟିର ପରିବେଶ ଉପଭୋଗ କରିବା ପାଇଁ ଏବେ ପ୍ରତିଦିନ ପର୍ଯ୍ୟଟକଙ୍କ ଭିଡ଼ ବଢ଼ି ଚାଲିଛି।ଓଡ଼ିଶାର ବିଭିନ୍ନ ଜିଲ୍ଲା ସହ ପଡ଼ୋଶୀ ରାଜ୍ୟରୁ ମଧ ଶତାଧିକ ପର୍ଯ୍ୟଟକ କଳିଙ୍ଗା ଘାଟିର ମନୋରମ ପରିବେଶରେ କିଛି ମୁହୂର୍ତ୍ତ କାଟିବା ପାଇଁ ଛୁଟି ଆସୁଛନ୍ତି। କେହି କୁହୁଡ଼ିରେ ଢାଙ୍କି ହୋଇଥିବା ପାହାଡ଼ର ସୌନ୍ଦର୍ଯ୍ୟକୁ କ୍ୟାମେରାରେ ବନ୍ଦୀ କରୁଛନ୍ତି ତ ଆଉ କେହି ପ୍ରକୃତିର କୋଳରେ ଶାନ୍ତିର ମୁହୂର୍ତ୍ତ ଖୋଜୁଛନ୍ତି। ସକାଳର ସୂର୍ଯ୍ୟକିରଣ କୁହୁଡ଼ିକୁ ଭେଦି ପାହାଡ଼ ଉପରେ ପଡ଼ୁଥିବା ଦୃଶ୍ୟ ହେଉ କି ସନ୍ଧ୍ୟାର ଶୀତଳ ପରିବେଶର ପ୍ରତ୍ୟେକ ଦୃଶ୍ୟ ପର୍ଯ୍ୟଟକଙ୍କ ମନରେ ଚିର ସ୍ମୃତି ସାଉଁଟିଛି। କେବଳ ପ୍ରାକୃତିକ ସୌନ୍ଦର୍ଯ୍ୟ ନୁହେଁ, କଳିଙ୍ଗା ଘାଟି ଧୀରେ ଧୀରେ ଓଡ଼ିଶାର ଏକ ପ୍ରମୁଖ ପାହାଡ଼ିଆ ପର୍ଯ୍ୟଟନ ସ୍ଥଳୀ ଭାବେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି। ଯଦି ସରକାରଙ୍କ ପକ୍ଷରୁ ଏଠାରେ ଆଧୁନିକ ଭ୍ୟୁ ପଏଣ୍ଟ, ବିଶ୍ରାମାଗାର,ସ୍ୱଚ୍ଛ ଶୌଚାଳୟ,ପାନୀୟ ଜଳ, ପର୍ଯ୍ୟାପ୍ତ ପାର୍କିଂ,ସୁଦୃଢ଼ ସୁରକ୍ଷା ବ୍ୟବସ୍ଥା, ପରିଷ୍କାର-ପରିଚ୍ଛନ୍ନତା ଓ ବ୍ୟାପକ ପ୍ରଚାରପ୍ରସାର ଉପରେ ଗୁରୁତ୍ୱ ଦିଆଯାଏ, ତେବେ କଳିଙ୍ଗା ଘାଟି ଭବିଷ୍ୟତରେ ଦେଶର ଅନ୍ୟତମ ଶ୍ରେଷ୍ଠ ପାହାଡ଼ିଆ ପର୍ଯ୍ୟଟନ ସ୍ଥଳ ଭାବେ ଉଭା ହେବା ସହ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବ ବୋଲି ବୁଦ୍ଧିଜୀବୀ ମହଲରେ କୁହାଯାଇଛି।

## ପିପୁଲସ୍ କଲେଜ ରେ ଯୁବ ରେଡ଼କ୍ରସ୍ ପକ୍ଷରୁ ବନ ମହୋତ୍ସବ ସପ୍ତାହ ପାଳନ ଅବସରରେ ବୃକ୍ଷ ରୋପଣ

ବୁଗୁଡ଼ା,୮।୭ (ଆନିସ): ଗଞ୍ଜାମ ଜିଲ୍ଲାର ବୁଗୁଡ଼ା ପିପୁଲସ୍ କଲେଜ୍ ଯୁବ ରେଡ୍ କ୍ରସ୍ ପକ୍ଷ ରୁ ଜୁଲାଇ ୦୭ ତାରିଖ ଦିନ ୭୭ ତମ ବନ ମହୋତ୍ସବ ସପ୍ତାହ ପାଳନ ହୋଇଯାଇଛି ।ବନ ମହୋତ୍ସବ ଉପଲକ୍ଷେ ଯୁବ ରେଡକ୍ରସ୍ ଉପଦେଷ୍ଟା ଅଧ୍ୟାପକ ପବିତ୍ର ଖଣ୍ଡୁଆଳ ଙ୍କ ଅଧ୍ୟକ୍ଷତା ରେ ଏକ ସଚେତନତା କାର୍ଯ୍ୟକର୍ମ ଅନୁଷ୍ଠିତ ହୋଇଥିଲା। ମହାବିଦ୍ୟାଳୟର ଅଧ୍ୟକ୍ଷ ଡକ୍ଟର ପୁରୁଷୋତ୍ତମ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ସମ୍ମାନୀତ ଅତିଥି ଭାବେ ଅଧ୍ୟାପକ ଡକ୍ଟର ପ୍ରଦୀପ କୁମାର ଦାଶ,ଅଧାପକ ଶ୍ରୀ ଦୁଷ୍ମନ୍ତ ପ୍ରଧାନ ଯୁବ ରେଡ୍‌କ୍ରସ୍ ଉପଦେଷ୍ଟା ଅଧ୍ୟାପିକା କ୍ରିଷ୍ଣା କୁମାରୀ ବାର୍ଗେ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ।ଅତିଥି ଗଣ ଯୁବ ରେଡକ୍ରସ୍ ସ୍ୱେଚ୍ଛାସେବୀ ମାନଙ୍କୁ ଉତ୍ସାହିତ କରିବା ସହ ବୃକ୍ଷ ରୋପଣ ର ଆବଶ୍ୟକତା ଓ ଉପାଦେୟତା ବିଷୟ ରେ ଅବଗତ କରିଥିଲେ । ଏହା ପରେ କଲେଜ୍ ପରିସର ରେ ଅଧ୍ୟକ୍ଷ ଡକ୍ଟର ମିଶ୍ର ଏବଂ ଅଧାପକ ଶ୍ରୀ ଖଣ୍ଡୁଆଳ ବୃକ୍ଷ ରୋପଣ କାର୍ଯ୍ୟ କର୍ମ ଶୁଭରମ୍ଭ କରିଥିଲେ। ଏହା ପରେ ଯୁବ ରେଡକ୍ରସ୍‌ର ସ୍ୱେଚ୍ଛା ସେୀ ଗଣ ବୃକ୍ଷ ରୋପଣ କରିଥିଲେ । ଏଥିରେ ପ୍ରାୟ ୪୦ ରୁ ଉର୍ଦ୍ଧ ସ୍ୱେଚ୍ଛାସେବୀ ଯୋଗଦାନ କରିଥିଲେ।



## ପ୍ରକାଶ ପାଇଲା ଚିଠା ଭୋଟର ତାଲିକା, ବୁଥ୍ ସଂଖ୍ୟା ବଢ଼ିଲା, ଭୋଟର ସଂଖ୍ୟା କମିଲା, ବାଦ ପଡିଲେ ୪,୬୫୭

ବୁଗୁଡ଼ା,୮।୭ (ଆନିସ): ଭାରତର ଗଣତାନ୍ତ୍ରିକ ପର୍ବ କୁହାଯାଉଥିବା ନିର୍ବାଚନ ପ୍ରକ୍ରିୟାରେ ସ୍ୱଚ୍ଛତା, ନିର୍ଭୁଲ ଏବଂ ବିଶ୍ୱସନୀୟତା ବଜାୟ ରଖିବା ଉଦେଶ୍ୟରେ ଭୋଟର ତାଲିକାର ସ୍ବତନ୍ତ୍ର ସଘନ ସଂଶୋଧନ (ଏସଆଇଆର) କାର୍ଯ୍ୟକ୍ରମ ରାଜ୍ୟବ୍ୟାପୀ ଜାରି ରହିଥିବା ପରିପ୍ରେକ୍ଷୀରେ ବୁଗୁଡ଼ା ବ୍ଲକ ଓ ଏନ୍‌ଏସିରେ ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଇଆର) କାର୍ଯ୍ୟକ୍ରମ ଜାରିରହିଥିବା ସହ ଚିଠା ଭୋଟର୍ ତାଲିକା ପ୍ରକାଶ ପାଇଛି ଏହି କ୍ରମରେ ବୁଗୁଡ଼ା ବ୍ଲକର ବିଏଲଏ ଓ ଗ୍ରାମବାସୀଙ୍କ ଉପସ୍ଥିତିରେ ଚିଠା ଭୋଟର ତାଲିକା ପ୍ରକାଶ ପାଇଛି। ବୁଗୁଡା ବ୍ଲକର ୨୧ଟି ପଞ୍ଚାୟତରେ ୩୪୧୩ ଏବଂ ଏନ୍‌ଏସିର ୧୩ଟି ୱାର୍ଡରେ ୧୨୪୪ ଭୋଟର୍ ବାଦ ପଡ଼ିଛନ୍ତି । ଫଳରେ ବୁଗୁଡ଼ା ବ୍ଲକ୍ ଓ ଏନ୍‌ଏସିକୁ ମିଶାଇ ମୋଟ ୪ ହଜାର ୬୫୭ ଭୋଟରଙ୍କ ନାମ କଟିଥିବା ଜଣାପଡ଼ିଛି । ପୂର୍ବରୁ ବୁଗୁଡ଼ା ବ୍ଲକରେ ୧ ଲକ୍ଷ ୧୧ ହଜାର ୫୮୨ଭୋଟର ଥିଲେ। ଏସଆଇଆର ପ୍ରକ୍ରିୟା ଅନୁସାରେ ମୃତ,ସ୍ଥାନାନ୍ତର, ଅନୁପସ୍ଥିତ ଓ ଦୁଇଟି ସ୍ଥାନରେ ନାମ ଥିବାଭୋଟରଙ୍କୁ ତାଲିକାରୁ ବାଦ ଦେବା ପରେ ବର୍ତ୍ତମାନ ୧ ଲକ୍ଷ ୬ ହଜାର ୯୨୫ ଭୋଟରଙ୍କ ନାମ ବୈଧ ରହିଛି। ବାଦ୍ ପଡ଼ିଥିବା ଭୋଟର ଆସନ୍ତା ଅଗଷ୍ଟ ୪ ତାରିଖ ସୁଦ୍ଧା ପଞ୍ଚାୟତ ସ୍ତରରେ ବିଡିଓ, ତହସିଲଦାର ଓ ସହରାଞ୍ଚଳ ଭୋଟରମାନେ ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ନିକଟରେ ଅଭିଯୋଗ ଦାଖଲ କରିପାରିବେ। ସେପ୍ଟେମ୍ବର ୨ ସୁଦ୍ଧା ସମସ୍ତ ଶୁଣାଣି ଶେଷ ହୋଇ ସେପ୍ଟେମ୍ବର ୬ରେ ଚୂଡ଼ାନ୍ତ ଭୋଟର୍ ତାଲିକା ପ୍ରକାଶ ପାଇବ। ଅନ୍ୟପକ୍ଷରେ ବୁଗୁଡ଼ା ଏନଏସି ଓ ବ୍ଲକରେ ଯଥାକ୍ରମେ ୨୦ ଓ ୧୦୩ ବୁଥ୍ ପାଇଁ ଏସଆଇଆର କାର୍ଯ୍ୟରେ ମୋଟ ୧୨୩ ବିଏଲଓ ନିଯୁକ୍ତି ହୋଇଥିଲେ।



ତେବେ ୧୧୫୦ରୁ ଅଧିକ ଭୋଟର ସଂଖ୍ୟା ଥିବା ବୁଥ ଗୁଡ଼ିକୁ ଦୁଇ ଭାଗରେ ବିଭକ୍ତ କରାଯାଇ ଏନ୍‌ଏସିରେ ୪ଟି ଓ ବ୍ଲକରେ ୨୦ଟି ବୁଥ୍ ସୃଷ୍ଟି ସହ ନୂତନ ବିଏଲଓଙ୍କୁ ନିଯୁକ୍ତି ଦିଆଯିବାପରେ ବୁଥ୍ ଏବଂ ବିଏଲଓ ସଂଖ୍ୟା ୧୪୭ରେ ପହଞ୍ଚିଥିବା ଜଣାପଡିଛି।

# ରାଇଘର ଅନ୍ୱେଷା ଛାତ୍ରବାସ ସମ୍ମୁଖରେ କୁଢ଼କୁଢ଼ ଆବର୍ଜନା

ରାଇଘର,୮।୭ (ଆନିସ):ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକର ରାଇଘର ଅନ୍ୱେଷା ଛାତ୍ରବାସ ସମ୍ମୁଖରେ ଦୀର୍ଘ ଦିନ ଧରି କୁଢ଼କୁଢ଼ ଆବର୍ଜନା ଜମା ହୋଇ ରହିଥିବାରୁ ସ୍ଥାନୀୟ ଅଞ୍ଚଳରେ ଅସ୍ୱଚ୍ଛ ପରିବେଶ ସୃଷ୍ଟି ହୋଇଛି। ଆବର୍ଜନାରୁ ଦୁର୍ଗନ୍ଧ ବାହାରୁଥିବା ସହ ମାଛି, ମଶା ଓ ବୁଲା କୁକୁରଙ୍କ ଉପଦ୍ରବ ବଢ଼ି ଚାଲିଛି। ଏହା ଛାତ୍ରଛାତ୍ରୀଙ୍କ ସ୍ୱାସ୍ଥ୍ୟ ସହ ସାଧାରଣ ଲୋକଙ୍କ ପାଇଁ ମଧ ଚିନ୍ତାର ବିଷୟ ପାଲଟିଛି। ଅନ୍ୱେଷା ଛାତ୍ରବାସରେ ଅନେକ ଛାତ୍ରଛାତ୍ରୀ ରହୁଥିବା ବେଳେ ଛାତ୍ରବାସର ପ୍ରବେଶ ପଥ ସମ୍ମୁଖରେ ଏପରି ଅବ୍ୟବସ୍ଥିତ ଭାବରେ ଆବର୍ଜନା ପକାଯିବା ଅତ୍ୟନ୍ତ ଦୁଃଖଦ ଘଟଣା। ବର୍ଷା ଦିନରେ ଏହି ଆବର୍ଜନା ପଚି ଦୁର୍ଗନ୍ଧ ସୃଷ୍ଟି କରୁଥିବାରୁ ସଂକ୍ରାମକ ରୋଗ ବ୍ୟାପିବାର ଆଶଙ୍କା ମଧ ବଢ଼ୁଛି।ସ୍ଥାନୀୟ ବାସିନ୍ଦାଙ୍କ କହିବା ଅନୁଯାୟୀ ଏହିଁ ସମସ୍ୟା ଦିନକୁ ଦିନ ଗୁରୁତର ହେଉଛି। ଅନେକ ବୁଦ୍ଧିଜିବି ଦୃଷ୍ଟି ଆକର୍ଷଣ କରୁଥିଲେ ମଧ ସ୍ଥାୟୀ ସମାଧାନ ହୋଇନଥିବା ଅଭିଯୋଗ ହେଉଛି। ଏହି ପରିସ୍ଥିତିରେ ସ୍ଥାନୀୟ ଜନସାଧାରଣ ପ୍ରଶାସନ ଓ ସମ୍ପୃକ୍ତ ବିଭାଗକୁ ତୁରନ୍ତ ଆବର୍ଜନା ସଫା କରିବା,ନିୟମିତ ବର୍ଜ୍ୟବସ୍ତୁ ସଂଗ୍ରହ ବ୍ୟବସ୍ଥା କରିବା ଏବଂ ସ୍ଥାନଟିକୁ ସ୍ୱଚ୍ଛ ରଖିବା ପାଇଁ ସ୍ଥାୟୀ ପଦକ୍ଷେପ ନେବାକୁ ଦାବି କରିଛନ୍ତି। ସଚେତନତା ବାର୍ତ୍ତା: ସ୍ୱଚ୍ଛ ପରିବେଶ ସୁସ୍ଥ ଜୀବନର ମୂଳ ଆଧାର। ଯେକୌଣସି ସ୍ଥାନରେ ଆବର୍ଜନା ନଫୋପାଡ଼ି ନିର୍ଦ୍ଦିଷ୍ଟ ଯାଗା କିମ୍ବା ଡଷ୍ଟବିନରେ ପକାନ୍ତୁ। ନିଜ ଘର,ଗାଁ ଓ ସହରକୁ ସ୍ୱଚ୍ଛ ରଖିବା ସମସ୍ତଙ୍କ ଦାୟିତ୍ୱ। ଆସନ୍ତୁ, ସ୍ୱଚ୍ଛତା ପ୍ରତି ସଚେତନ ହେବା ଏବଂ ଅନ୍ୟମାନଙ୍କୁ ମଧ ସଚେତନ କରିବା।

## ଓଡ଼ିଶା ସାହିତ୍ୟ ଏକାଡେମୀର ଜିଲ୍ଲାସ୍ତରୀୟ ସ୍ୱନକ୍ଷତ୍ର ଦିବସ ପାଳିତ: କୃତୀ ପ୍ରତିଯୋଗୀ ରାଜ୍ୟସ୍ତରକୁ ମନୋନୀତ

ନବରଙ୍ଗପୁର, ୮।୭ (ଆନିସ): ଓଡ଼ିଶା ସାହିତ୍ୟ ଏକାଡେମୀ ଆନୁକୂଲ୍ୟରେ ଏବଂ ଜିଲ୍ଲା ପ୍ରଶାସନର ସହଯୋଗରେ ସ୍ଥାନୀୟ ଆ଼.ସି.ଡି ଉଚ୍ଚ ବିଦ୍ୟାଳୟ ପରିସରରେ ସ୍ୱନକ୍ଷତ୍ର ଦିବସ ୨୦୨୬ ମହାସମାରୋହରେ ପାଳିତ ହୋଇଯାଇଛି। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିର ବ୍ୟାପକ ପ୍ରଚାର ପ୍ରସାର ତଥା ଛାତ୍ରଛାତ୍ରୀଙ୍କ ମଧ୍ୟରେ ଏହାର ଆଦୃତି ବୃଦ୍ଧି କରିବା ଉଦ୍ଦେଶ୍ୟରେ ଏହି କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା।



ଏହି ଉପଲକ୍ଷେ ବିଦ୍ୟାଳୟର ଶତାଧିକ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ବିଭିନ୍ନ ଜିଲ୍ଲା ସ୍ତରୀୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଅନୁଷ୍ଠିତ ପ୍ରତିଯୋଗିତା ଗୁଡ଼ିକ ମଧ୍ୟରେ ନିବନ୍ଧ ଲେଖନ: ବିଷୟ – ସ୍ୱର୍ଣ୍ଣକ୍ଷେତ୍ର ଓ ଓଡ଼ିଆ ସାହିତ୍ୟ, ବକ୍ତୃତା ପ୍ରତିଯୋଗିତା: ବିଷୟ – ଓଡ଼ିଆ ଭାଷାର ଗୌରବ, କବିତା ଆବୃତ୍ତି: ପ୍ରସିଦ୍ଧ ଓଡ଼ିଆ କବିମାନଙ୍କ ରଚନା ଉପରେ, ସାଧାରଣ ଜ୍ଞାନ (କୁଇଜ୍): ଓଡ଼ିଆ ସାହିତ୍ୟ ଓ ଓଡ଼ିଶା ଇତିହାସ ଆଧାରିତ ।

ଏହି ସାରସ୍ୱତ ସମାରୋହକୁ ଜିଲ୍ଲା ସଂସ୍କୃତି ଅଧିକାରୀ ଶ୍ରୀ ଘାସିଆ ହରିଜନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ସେ ନିଜ ଅଭିଭାଷଣରେ ଓଡ଼ିଆ ଭାଷା ଓ ସାହିତ୍ୟର ସମୃଦ୍ଧ ଐତିହ୍ୟ ଉପରେ ଆଲୋକପାତ କରିବା ସହ ସାମ୍ପ୍ରତିକ ସମାଜରେ ଏହାର ମହତ୍ତ୍ୱ ଏବଂ ସୁରକ୍ଷା ଉପରେ ଗୁରୁତ୍ୱାରୋପ କରିଥିଲେ। କାର୍ଯ୍ୟକ୍ରମରେ ଅନ୍ୟତମ ସମ୍ମାନିତ ଅତିଥି ଭାବେ ଶ୍ରୀମତୀ ଜେମାମଣି ବିଶୋଇ, ଶ୍ରୀ ଜଗଦୀଶ ତ୍ରିପାଠୀ ଏବଂ ଶ୍ରୀ ବିଜୟ ଚୌଧୁରୀ ପ୍ରମୁଖ ଯୋଗଦାନ କରି ଛାତ୍ରଛାତ୍ରୀମାନଙ୍କୁ ପ୍ରେରଣାଦାୟୀ ବାର୍ତ୍ତା ପ୍ରଦାନ କରିଥିଲେ।

ପ୍ରତିଯୋଗିତାର ସମସ୍ତ କୃତୀ ପ୍ରତିଯୋଗୀମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ବିଦ୍ୟାଳୟର କର୍ତ୍ତୃପକ୍ଷ ତଥା ଶିକ୍ଷକ ଶିକ୍ଷୟିତ୍ରୀ ବୃନ୍ଦ ଏହି କାର୍ଯ୍ୟକ୍ରମ ପରିଚାଳନାରେ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ.

ସୂଚନାଯୋଗ୍ୟ ଯେ, ଏହି ଜିଲ୍ଲା ସ୍ତରୀୟ ପ୍ରତିଯୋଗିତାରେ ଯେଉଁ କୃତୀ ପ୍ରତିଯୋଗୀମାନେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି, ସେମାନେ ଭୁବନେଶ୍ୱର ଠାରେ ଅନୁଷ୍ଠିତ ହେବାକୁଥିବା ରାଜ୍ୟ ସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ । କାର୍ଯ୍ୟକ୍ରମର ଶେଷରେ ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଶ୍ରୀ ସତ୍ୟନାରାୟଣ ପ୍ରଧାନ ସମସ୍ତ ଅତିଥି, ଶିକ୍ଷକ ମଣ୍ଡଳୀ, ସାମ୍ବାଦିକ ଏବଂ ପ୍ରତିଯୋଗୀମାନଙ୍କୁ ଆନୁଷ୍ଠାନିକ ଧନ୍ୟବାଦ ଅର୍ପଣ କରିଥିଲେ।

# ସାପ କାମୁଡ଼ାରେ ନାବାଳକର ମୃତ୍ୟୁ

ରାଇଘର,୮।୭ (ଆନିସ): ରାଇଘର ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ ପତ୍ରକୋଟି ନିକଟସ୍ଥ ଗୋରୁ ବଜାର ସାହିରେ ସାପ କାମୁଡ଼ାରେ ଜଣେ ୨ ବର୍ଷର ଶିଶୁପୁତ୍ରଙ୍କ ମୃତ୍ୟୁ ଘଟିଥିବା ଏକ ଦୁଃଖଦ ଘଟଣା ସାମ୍ନାକୁ ଆସିଛି।

ମୃତ ଶିଶୁଟି ହେଲେ ହେମନ୍ତ ହରିଜନଙ୍କ ୨ ବର୍ଷର ପୁଅ ହନଙ୍କ ହରିଜନ। ସୂଚନା ଅନୁଯାୟୀ, ପରିବାର ଲୋକେ ଦିନମଜୁରି କାମକୁ ଯାଇଥିବା ବେଳେ ଶିଶୁଟି ଘରେ ଖେଳୁଥିଲା। ଏହି ସମୟରେ ଏକ ବିଷାକ୍ତ ସାପ ଶିଶୁଟିଙ୍କ ଗୋଡ଼ରେ କାମୁଡ଼ି ଦେଇଥିଲା।ପରିବାର ସଦସ୍ୟମାନେ ଘଟଣା ଜାଣିବା ପରେ ତୁରନ୍ତ ଶିଶୁଟିଙ୍କୁ ନିକଟସ୍ଥ ଚିକିତ୍ସାଳୟକୁ ନେଇଥିଲେ। ମାତ୍ର ଚିକିତ୍ସାଧୀନ ଅବସ୍ଥାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।ଏହି ଅକାଳ ମୃତ୍ୟୁ ପରେ ପରିବାରରେ ଶୋକର ଛାୟା ଖେଳିଯାଇଛି। ସ୍ଥାନୀୟ ଲୋକମାନେ ମଧ ଏହି ଘଟଣାରେ ଗଭୀର ଶୋକ ପ୍ରକାଶ କରିଥିଲେ ।

ପ୍ରଣିପତ୍ୟ ଜଗନ୍ନାଥଂ ସର୍ବଜନ ବରାର୍ଜିତଂ ।
ସର୍ବବୁଦ୍ଧମୟଂ ସିଦ୍ଧି ବ୍ୟାପିନଂ ଗଗନୋପମମ୍ ॥

# ଶୂନ୍ୟ ମନ ଭଗ୍ନ ହୃଦୟ

ଗ୍ରୀଷ୍ମ ଦିନର ପ୍ରବଳ ଗରମରେ ପାଣି ମୁନ୍ଦେ ପାଇଁ ପକ୍ଷୀଗୁଡା ଡହଳ ବିକଳ ହେଉଥିବା ଦେଖି,ଛାତ ଉପରେ ପକ୍ଷୀମାନଙ୍କ ପାଇଁ ଛୋଟ ଛୋଟ ଦୁଇଟି ଷ୍ଟିଲ ଡାଳରେ ପାଣି ରଖିଦେଇଥାନ୍ତି କୃଷ୍ଣା । ଚଉରା ପୂଜା କରିବାକୁ ଗଲାବେଳେ ଦେଖନ୍ତି କାଉ ଓ ବାର୍ଡ ପକ୍ଷୀ ଭିତରେ ପାଣି ପିଇବାକୁ ନେଇ ଏକରକମ କସରତ ଭିତରେ କାଉ ହିଁ ଜିତିଯାଏ । ନିର୍ଭୟରେ ମଣିଷକୁ ନଡରି, ତୃଷା ମେଣ୍ଟାଇ ଉଡିଯାଏ । ବାର୍ଡ ପକ୍ଷୀ ନାମ ଏଇଥି ପାଇଁ ଯେ ପକ୍ଷୀଟିର ନାମ ଜାଣିନଥିବାରୁ ପିଲାଦିନେ ପ୍ରାୟ ପାଖାପାଖି ଉଡୁଥିବା ଏହି ଚଢେଇକୁ ଦେଖାଇ ପିଲାଙ୍କୁ ଖୁଆଉ ଖୁଆଉ କୃଷ୍ଣା କୁହନ୍ତି ଦେଖ ଦେଖ ବାର୍ଡ ପକ୍ଷୀ ।ଯେମିତି ମାଆମାନେ, ଛୋଟ ପିଲାଙ୍କୁ ଶୁଆଇବା ବେଳେ ଲୋରି ଗାଇ କହିଥାନ୍ତି , ଆ ଜହ୍ନମାମୁଁ ଶରଗଶଶୀ । ମୋ କାହ୍ନୁ ହାତରେ ପଡରେ ଖସି,ଆଉ ଜହ୍ନ ପାଲଟି ଯାଏ ସଭିଙ୍କର ମାମୁଁ । ସେମିତି ବାର୍ଡ ପକ୍ଷୀ କହୁ କହୁ ପିଲା ଦୁହେଁ ବଡ଼ ହେବା ପରେ ସେହି ପକ୍ଷୀର ନାମ ହୋଇଗଲା ପରିବାର ଓ କୃଷ୍ଣାଙ୍କ ପାଇଁ ବାର୍ଡ ଚଢେଇ ବା ପକ୍ଷୀ ।

ବାର୍ଡ ପକ୍ଷୀଟି ପାରେ ନାହିଁ କାଉକୁ । କାଉ ନଥିଲେ ମଧ ଚମକୁ ଥାଏ ମଣିଷର ପାଦ ଶବ୍ଦକୁ । ଦୁଇଟି ଯାକ ଷ୍ଟିଲ ଡାଳରୁ ଗୋଟିଏ କଣା ହୋଇଯାଇଥିଲା ତ କୃଷ୍ଣା ଭାବନ୍ତି କଣା ଡାଳଟିକୁ ବଦଳେଇ ଆଉ ଗୋଟେ ଭଲ ଡାଳରେ, ଟିକେ ଦୂରରେ ପାଣି ରଖିଦେଲେ, କାଉ ଓ ବାର୍ଡ ଚଢେଇ ଉଭୟ ସୁବିଧା ପାଇବେ । କେବେ ମନେ ପଡ଼େନି ତ କେବେ ବିରକ୍ତ ଲାଗେ ବାର୍ଡ ଚଢେଇ ଉପରେ ତାଙ୍କୁ ଡରି ପାଣି ପିଉନଥିବାରୁ । ବେଳେ ବେଳେ କୃଷ୍ଣା ଛପି ଯାଆନ୍ତି । କାଉ ନିର୍ଭିକ ଭାବରେ ପାଣି ପିଇ ଚାଲିଯାଉଥିବା ବେଳେ ବାର୍ଡ ଚଢେଇ ଡରୁଥାଏ ।

ସେଦିନ ଚଉରା ପୂଜା କରିବାକୁ ଆସି। ପୂର୍ବରୁ ମନେକରି ଆଉ ଗୋଟେ ଷ୍ଟିଲ ଡାଳ ନେଇ ଆସି ନଥ କରି ବସିପଡିଲେ କୃଷ୍ଣା କାରଣ କାଉଟି ଥଣ୍ଟ ବୁଡେଇ ଜଳ ପାନରେ ନିମଗ୍ନ ଥିଲା ତ କାଳେ ପାଦ ଶବ୍ଦ ଶୁଣି ଉଡିଯିବ!ହେଲେ ସେମିତି କିଛି ହେଲାନି । ପାଣି ପିଇ ସାରି ଡାମରା କାଉଟି କାହିଁକି ଖୁବ ଉଚ୍ଚାସ୍ୱରରେ ବୋବାଉ ଥିଲା ତ ଆଶଙ୍କା ଓ ଉଦ୍ଦୀପନାରେ ଭୟ ଲାଗୁଥିବା କୃଷ୍ଣାଙ୍କ ମନ ହୃଦୟକୁ ନିଜେ ନିଜେ ବୁଝେଇ ଚାଲିଥିଲେ କୃଷ୍ଣା । ଏହି କାଉଟିର ଜଳପାନ ଦୃଶ୍ୟ ତାଙ୍କୁ ଶାନ୍ତି ଦିଏ । ତା ନିର୍ଭିକ ପଣିଆ ତାଙ୍କୁ ଖୁସି ଦିଏ ବିଶେଷ କରି ବେଳେ ବେଳେ କାଉଟିର ଖାଦ୍ୟ ନେଇ ଉଡି ଉଡି ଯିବା ଦୃଶ୍ୟ ତାଙ୍କୁ ଚମତ୍କୃତ କରାଏ, ଏଇଥି ପାଇଁକି ଭାରି ଶୁଭ ଦୃଶ୍ୟ କୁଆଡେ ସେଇଟା ତ ଆଜି ପାଣି ପିଇ ସାରି କାହିଁକି ବୋବାଉଛି??

କିଛି ସମୟ ପରେ ଉଡ଼ିଗଲା କାଉଟା । ବସିଗଲା ବରଗଛ ଡ଼ାଳରେ । ହଠାତ ବଡ଼ ଶବ୍ଦ ସହ ଖସିପଡ଼ିଲା ତଳକୁ । ଇଲେକ୍ଟ୍ରିସକ ଖାଇ ମରିସାରିଥିଲା । ଅନ୍ୟ କାଉମାନେ ବୋବାଇ ବୋବାଇ ଫେରିଗଲେଣି । ବାର୍ଡ ଚଢେଇ ପାଣି ପିଉଛି ସେଇ ଡାଳରୁ । ପୂଜା କରିବାକୁ ମନ ଲାଗୁନଥିଲା । ଆଉ କୌଣସି କାଉର ପାଣି ପିଇବା ଦୃଶ୍ୟ ସହ ଖାଦ୍ୟ ନେଇଯିବା ଦୃଶ୍ୟ ବା ଦିନରେ ପେଚା ସହ ଯୁଦ୍ଧ ବା କଜ୍ଜଳପାତି ଓ ହଳଦୀବସନ୍ତ ପକ୍ଷୀ ସହ କଳି ଦୃଶ୍ୟ ଦେଖିବାକୁ ମିଳିବନି । ସେ ଶୂନ୍ୟସ୍ଥାନ ଅପୂରଣୀୟ ରହିବାର ସୁଯୋଗ ବାର୍ଡ ଚଢେଇ ହୁଏତ ଦେବନି ତଥାପି ଆଣିଥିବା ନୂଆ ଷ୍ଟିଲ ଡାଳରେ ଜଳ ଭରି ରଖୁଥିଲେ ଅଦୂରରେ କୃଷ୍ଣା । ଯିଏ ଗଲା ତା ଜାଗା ପୁରଣ କରିବା ଅସମ୍ଭବ ସତ ହେଲେ ଅନ୍ୟ କୌଣସି ପକ୍ଷୀ ଜଳ ମୁନ୍ଦେ ପାଆନ୍ତୁ ଅନ୍ତତଃ କହି ଫୁଲ ତୋଳାରେ ମନ ଲଗାଇ ମଧ ପାରୁନଥିଲେ କୃଷ୍ଣା ।

ତେଣେ ଦୂର ବାଦଲ ଦେଶରେ ପକ୍ଷୀଟିଏ ଇତସ୍ତତଃ ଭ୍ରମଣ କରୁଥିଲା । ନା ଉଚ୍ଚକୁ ଯାଇ ପାରୁଥିଲା ନା ଗଛକୁ ଫେରି ଆସିପାରୁଥିଲା । ତାକୁ ସାପ ଆକ୍ରମଣ କରିବ ବୋଲି ଗୃଧ ପକ୍ଷୀ ଜରଦ୍ଗବ ଜଉତିଷ ସାଜି କହିସାରିଥିଲା ତ ପକ୍ଷୀଟି ନା ଉଚ୍ଚକୁ ଉଡି ପାରୁଥିଲା ନା ତଳକୁ ଆସି ବସାରେ ନୀଡ଼ ବାନ୍ଧି ରହିପାରୁଥିଲା । ତାକୁ ଜୋତିଷ କଥା ହିଁ ସତ୍ୟ ଲାଗୁଥିଲା । ସେ ନିଶ୍ଚୟ ବ୍ଲିକର ଶୀକାର ହୋଇସାରିଥିଲା ।

ଭବିଷ୍ୟତରେ କଣ ଘଟିବ ଆମେ ନଜାଣି ମଧ ବେଳେବେଳେ କୌଣସି ଜଉତିଷ ଅଥବା ବିକାରଗ୍ରସ୍ତ ମାନସିକତା ପ୍ରଭାବରୁ ଭବିଷ୍ୟତ ବିଷୟରେ କିଛି ଅସ୍ୱଷ୍ଟ ସତ୍ୟକୁ ସ୍ୱୀକାର କରିବା ହିଁ ବ୍ଲିକ ବୋଲି ବୁଝାଯାଏ । ବ୍ଲିକ ଏକ ନକାରାତ୍ମକ ମନରେ ଅବସ୍ଥା । ଯେମିତି ପକ୍ଷୀଟି ବାଦଲ କୋଳରେ ଲୁଚି ରହିଲେ ସର୍ପ ଦଂଶନରୁ ମୁକ୍ତି ମିଳିବ ଭାବି ବର୍ଷାରେ ପକ୍ଷ ଛିଣ୍ଡାଇ ଅସ୍ତବ୍ୟସ୍ତ ଭାବେ ମୃତ୍ୟୁ ବରଣ କରିଥିଲା ସେଦିନ । ପିଲାଟିର ଅର୍ଥାତ ସନ୍ତାନର ଭବିଷ୍ୟତ ଉପରେ ବାପା ମାଆ ନଜର ରଖିବା ଭଲ । ଭବିଷ୍ୟତ ପାଇଁ ସଜାଗ ରହିବା ଭଲ ମାତ୍ର ଭବିଷ୍ୟତର ଅନିଶ୍ଚିତ ଆଶଙ୍କାକୁ ସ୍ୱୀକାର କରି ବ୍ଲିକର ଶୀକାର ହେବା ଉଚିତ ନୁହେଁ ।ମାଆ ପକ୍ଷୀଟିର ମୃତ୍ୟୁରୁ ମଧ ଶିଖିପାରିନଥିଲା ପକ୍ଷୀଶାବକ । ସେ ମଧ ଗୃଧ ପକ୍ଷୀର କଥାକୁ ବିଶ୍ୱାସ କରୁଥିଲା । ଛୋଟ ପକ୍ଷୀକୁ ସେଇ ଏକା କଥା କହିଥିଲା ଗୃଧପକ୍ଷୀ ଯେ ତୁମର ସନ୍ତାନ ଭୟ ଅଛି । ପକ୍ଷୀଟି କିନ୍ତୁ ବ୍ଲିକ ଭଳି ପରିସ୍ଥିତିକୁ ନଆପଣେଇ ବଢୁଥିଲା ଦିନକୁ ଦିନ ।

ଦିନ ଆସିଲା ପକ୍ଷୀଟି ଖଣ୍ଡି ଉଡ଼ା ଦେଉ ଦେଉ ବଢିଲା । ସାଥି ଖୋଜିଲା ଓ ସମୟ କ୍ରମେ ଅଣ୍ଡା ଦେଇ ଛୁଆ ଫୁଟେଇବା ପାଇଁ କୃଷ୍ଣାଙ୍କ ବାସଭବନର ଉପର ଛାତରେ ବସା କଲା ଓ ମାଆ ପକ୍ଷୀ ଅଣ୍ଡାକୁ ଜଗି ରହିଥିଲା ବେଳେ ପୁରୁଷ ବାପା ପକ୍ଷୀ ଉଡି ଉଡି ଦୂର ବାଦଲ ଦେଶକୁ ଯାଇ ଖାଦ୍ୟ ଯୋଗାଡ଼ କରି ଆଣିବା ସହ ପାଳି କରି ବସାରେ ଜଗି ରହୁଥିଲେ ଦୁହେଁ । ତାକୁ ଦେଖି କୃଷ୍ଣା ଓ ତାଙ୍କ ପିଲାମାନେ ମଧ ଖାଦ୍ୟ ରୂପେ ଖୁଦ ଓ ପାନୀୟ ରୂପେ ପାଣି ଯୋଗାଉ ଥିଲେ ତ ଆସ୍ତେ ଆସ୍ତେ ସେ ପକ୍ଷୀ ଦୁଇ ବିଶ୍ୱସ୍ତ ଓ ବିଶ୍ୱାସୀ ହୋଇ ଛାଡିଯାଉଥିଲେ କେବେ କେବେ ନିଶ୍ଚିନ୍ତରେ ଅଣ୍ଡାଗୁଡିକ । କିନ୍ତୁ ସେଦିନ ପକ୍ଷୀଦୁଇ ଫେରିଆସିଲା ବେଳକୁ ନଥିଲା ଅଣ୍ଡାଦୁଇଟି ବସାରେ ତ ମଣିଷ ରୂପୀ ସାପକୁ ସେମାନେ ଘୃଣା କରି ଦୂର ବାଦଲ ଦେଶକୁ ଉଡିଗଲେ କି ଭାଗ୍ୟର ଦ୍ୱାହି ଦେଇ କେଉଁ ଦୂରକୁ ଉଡିଗଲେ ଜଣାନଥିଲା କିନ୍ତୁ କୃଷ୍ଣାଙ୍କ ମାନସିକ ଅବସ୍ଥା ବଦଳି ଯାଇଥିଲା । ନକାରାତ୍ମକ ଭାବନା ସବୁବେଳେ ମନକୁ ଆସୁଥିବା ଘରେ କିଛି ବିପଦ ଘଟିବାର ଅଛିର ଭାବନାକୁ ନେଇ ସବୁବେଳେ ଭାବୁଥିବା ଓ ଚିନ୍ତାଗ୍ରସ୍ତ ରହୁଥିବା କୃଷ୍ଣା ପକ୍ଷୀଙ୍କ ଶୁନ୍ୟ ବସାକୁ ଚାହିଁ ସେଦିନ ମୂର୍ଚ୍ଛା ଯାଇଥିଲେ ତ ସ୍ୱାମୀ କହୁଥିଲେ ରିଷ୍ଟ କଟିଯାଇଛି ଭାବି ଟିକେ ସକାରାତ୍ମକ ଚିନ୍ତାଧାରାରେ ଦୀକ୍ଷିତ ହୁଅ ଏଣିକି । ପକ୍ଷୀଦୁହେଁ କିଛି ବୁଝିବା ଶକ୍ତି ନରଖି ଦୂର ଦେଶକୁ ଉଡ଼ିଗଲା ସିନା କିନ୍ତୁ ପକ୍ଷୀର ଶୁନ୍ୟ ବସାକୁ ଦେଖି ମଧ କୃଷ୍ଣଙ୍କୁ ନକାରାତ୍ମକ ଚିନ୍ତାଧାରା ଛାଡୁନଥିଲା ।ସ୍ୱାମୀ କହୁଥିଲେ ଏ ବ୍ଲିକ ଅବସ୍ଥାରୁ ଅନ୍ତତଃ ମୁକ୍ତ ହୁଅ କୃଷ୍ଣା ।

**ସୁନନ୍ଦା ମହାନ୍ତି**
**ସାକ୍ଷୀଗୋପାଳ, ପୁରୀ**

# ଶ୍ରୀଜଗନ୍ନାଥ ସଂସ୍କୃତିରେ ରଥ ଓ ପଥର କିମ୍ବଦନ୍ତୀ

**ଡକ୍ଟର ଅମୂଲ୍ୟ କୁମାର ପଣ୍ଡା**

ଶ୍ରୀଜଗନ୍ନାଥ ସଂସ୍କୃତିର ଶିଳ୍ପସାର ସଂଗ୍ରହ ପୋଥିରେ ୨ୟ ଖଣ୍ଡରେ ରଥର ମୂଳରୁ ଚୂଳ ପର୍ଯ୍ୟନ୍ତ ମୋଟ ୨୭ ଭାଗ କରାଯାଇଛି। ପ୍ରତ୍ୟେକ ଭାଗକୁ ଚଉଠା ଓ ଚଉଠା ଦେଢ଼ ଭାଗକୁ ଅଙ୍ଗୁଳ ବା କଳା କୁହାଯାଏ। ରଥର ତଳ ଚକଡାର ଦୈର୍ଘ୍ୟ ୨୭ ଚଉଠା। ଏହି ଚକଡାକୁ ୯ ଭାଗ କରି ୧୦ ଧାରଣା ପକାଯାଏ। ପ୍ରଥମ ୬ ଧାରଣାର ଲମ୍ବ ୨୭ ଚଉଠା, ୨ୟ ଧାରଣାର ଲମ୍ବ ୨୧ ଚଉଠା ଓ ୩ୟ ଧାରଣାର ଲମ୍ବ ୧୫ ଚଉଠା। ମୁହାଣର ଲମ୍ବ ୧୫ ଚଉଠା,କୁଡୁକାର ଲମ୍ବ ଧାରଣ ମହଲାକୁ ୩ ଚଉଠା, ଏପରି ଚାରି କୋଣରେ ୮ କୁଡୁକା ଦେବ। ବଡ଼ ଦୁଇ ଅଖ ଲମ୍ବ ୩୦ ଚଉଠା, ଛୋଟ ଦୁଇ ଅଖ ଲମ୍ବ ୨୪ ଚଉଠା। ଏହି ଏକ ଚଉଠାକୁ ୧୨ ଭାଗ କରାଯାଏ। ୧୭ ଚଉଠ ୮ ଅଙ୍ଗୁଳରେ ବଡ଼ ଅଖ ଦୁଇ ଗୋଟି ପୁଡା ଡାଇ ହାଣିବ। ଗୁଳିର ଉଚ୍ଚ ୫ ଚଉଠ ୮ ଅଙ୍ଗୁଳ ଗୁଳି ବହଳ ଛାଡି ଛାଡି ଅଖରେ କାନ କିଳା ବିନ୍ଧ କରିବ । ମୁହାଣକୁ ଗୁଳି ନିଶ୍ୱାସ ୮ ଅଙ୍ଗୁଳ ଛାଡି ଧାରଣାରେ ଅଖର କାବିଳା କଣ୍ଟା ବିନ୍ଧ କରିବ । ମୁହାଣ ମଝାଲକୁ ୮ ଚଉଠ ୪ ଅଙ୍ଗୁଳ ଛାଡି ବଡ଼ ଅଖ କାବିଳା ବିନ୍ଧ ଧାରଣାରେ କରିବେ । ୧୦ ବାହି ପ୍ରକାରେ ଗୋଜଫୁଲି କରି ଜଳନ୍ତରିଆ ଖୋଜ ବିନ୍ଧ କରିବ । ଧାରଣା ବାହି ଉପରେ ଜିଆ ୮ ଚଉଠରେ ନାଇକା ବିନ୍ଧ କରିବ। ନାଇକା ପାଖ ଜଳନ୍ତରିଆ ଖିଜ ୪ ଚଉଠ ୧୨ଅଙ୍ଗୁଳ ଉଚ୍ଚ ଖୁସି କରିବ । ଏଥି ଉପରେ ଛନ୍ଦା ପକାଇବ। ଚକଡା ଚାରିପାଖ ଧାରଣାକୁ ଛନ୍ଦାକୁ ଟୀକା କରିବ। ଧାରଣା ଉପରଠାରୁ ଜିଆ ମିଶି ନାଇକା ୧୪ ଚଉଠ ରଖି ଖୁସି କରିବ। ସିଂହାସନର ଉଚ୍ଚ ୧୨ ଅଙ୍ଗୁଳ କରିବ। ଜିଆ ବହଳ ୧୨ ଆଙ୍ଗୁଳ କରିବ। ଓସାର ୧ ଚଉଠା ନାଇକା ଉପରେ ୮ଚଉଠାଇ ଚଉତାଳ କରିବ।

ପ୍ରଥମେ ଭୂଇଁ ଲଦିବ। ଭୂଇଁ ବହଳ ୫ ଅଙ୍ଗୁଳ ଫୁଲିଠାରୁ ଭୂଇଁ ଅଁଳା, ୨ ଚଉଠ ୪ ଅଙ୍ଗୁଳ। ଭୂଇଁ ମଝାଲ ସୂତାଠାରୁ ୨ ଅଙ୍ଗୁଳ ରଖି ଗୈ ହାଣିବ। ପାଖୁଡା ୩ ଚଉଠ ୪ ଅଙ୍ଗୁଳ, କୋଣ ପାଖୁଡା ୧ ଚଉଠ ୪ ଅଙ୍ଗୁଳ, ଫୁଲିଠାରୁ ୧ ଚଉଠ ଲେଖା ଛାଡି ଦୁଇ ପାଖୁଡା ବସାଇବ। ଏହି ପରି ଚାରିପାଖେ ୧୬ ଗୋଟି ପାଖୁଡା ମାରିବ। ଫୁଲିଠାରୁ ୧ ଚଉଠ ୨ ଅଙ୍ଗୁଳ ଲେଖାରେ ହଂସପାଦି ପକାଇ ୧ ଚଉଠ ଉଚ୍ଚରେ ଚଢ଼େଇ ଖୋଜ ବସାଇବ। ଏଥି ଉପରେ ପାଖୁଡା ହଂସ ପାଦି ମାରିବ। ଚାରି ପାଖେ ହାରାମାଳି ମାରିବ। ଏଥି ଉପରେ ୬ ଚଉଠରେ ବିନ୍ଧ କରି ୮ ଅଙ୍ଗୁଳ ଛାଡି ଓରା ପକାଇବ। ଏହ ପରେ ୨ୟ ଭୂଇଁ, ୨ୟ ପାଖୁଡା ମାରିବ। ଏପରି ଚାରିଦିଗେ ୧୨ ପାଖୁଡା ମାରିବ। ତୃତୀୟ ପୁର ଭୂଇଁ ଚଉତାଳ ୬ ଚଉଠରେ ବସିବ। ପ୍ରଥମେ ପଟଳ ଲମ୍ବ ୮ ଚଉଠ,ରାହା କାଟଣ ଶେଷଠାରୁ ୧୪ ଅଙ୍ଗୁଳ ଉଚ୍ଚ, ୨ୟ ରାହା ମଧ ୧୨ ଅଙ୍ଗୁଳ ଉଚ୍ଚରେ କାଟଣ ହେବ। ଏହି ପରି ଚାରିପାଖ ପଟଳ କରିବ। ପ୍ରଥମ ସାତପୁର ପଟଳ ଉଚ୍ଚ ୨ ଚଉଠ, ସାତପୁରରେ କୋଣ ଓରା ପକାଇ ପଟଳ ଲଦିବ। ପଟଳ ଭୂଇଁ ଉପରଠାରୁ ବଡ଼ ଖୋଜ ମଧ ଚୌତାଳରେ ୨ ଚଉଠ ୧୨ ଅଙ୍ଗୁଳ ରଖି ବସାଇବ। ଏଥି ଉପରେ ପାରାଭାଡି ଭୂଇଁ ୩ ଚଉଠ ୮ଅଙ୍ଗୁଳରେ ଚଉତାଳ କରି ବସାଇବ। ପ୍ରଥମ ସାତପୁର ପଟଳ ଉପରେ ପଟଳ ଭୂଇଁ ଲଦା ହେବ। ୨ୟ ରାହା ୨ ଅଙ୍ଗୁଳ ଲେଖାରେ ପୁରକୁ ପୁର ସାତପୁର କାଟିବ। ୨ୟ ସାତପୁର ପଟଳ ୨ ଚଉଠ କରିବ। ଏଥି ଉପରେ ୧ ଚଉଠ ଉପରେ ମାଙ୍କଡ଼/ଛନ୍ଦା ଦୁଇଗୋଟି ଚଉତାଳ କରି ପକାଇବ। ଦଧିନଉତି ୨ ଚଉଠ ଉଚ୍ଚରେ ମାଙ୍କଡ଼ଛନ୍ଦା ଉପରେ କଳସ ଚକ୍ର ପତାକା ହେବ । କଳଶା ଶିଖାଠାରୁ ପାରାଭାଡି ଭୂଇଁ ତଳ ପର୍ଯ୍ୟନ୍ତ ଦଖିନଉତି ଖୋଜ ହେବ।

ରଥପାଦ ଦେଶରୁ ଶୀର୍ଷଦେଶ ପର୍ଯ୍ୟନ୍ତ ଥିବା ଅଂଶଗୁଡ଼ିକ ମଧରେ ଚକ, ଦଣ୍ଡିଆ,ଅର,ବାଙ୍କି ହଂସପଟା, କଣି, ଶଙ୍ଖଦ୍ୱାର, ଜାଲି, ଗାଇପଟା, ସିଂହାସନ, କନକ ମୁଣ୍ଡେଇ, ଭୂମି, ଷୋଳ ନାହକ, ମଗରଦଣ୍ଡା, ବସନ୍ତ,ଦୁଆରଘୋଡ଼ା, ସାରଥୀ ପୀଢ଼, କୁମ୍ଭପଟି, ରାହୁପଟି, ଆଠ ନାହାକା, ପୀଢ଼, ରକ୍ଷିପଟା, ଦଣ୍ଡା, ପାରାଭାଡି, ଖପୁରୀ, ପାଦ, ଓଲଟ, ଶୁଆ,ଦଧିନଉତି, କଣ୍ଡି, ଦଣ୍ଡ, ଚକ୍ର ଓ କେତନ । ଶିଳ୍ପ ଶାସ୍ତ୍ରାନୁଯାୟୀ ରଥର ଅଙ୍ଗ ଗୁଡିକୁ ସାଧାରଣତଃ ୧୩ଟି ମୂଖ୍ୟ ଅଙ୍ଗରେ ବିଭକ୍ତ କରାଯାଇଛି। ଯଥା– (୧) ଚକ୍ରପୀଠ, (୨) ଅରଦଣ୍ଡା,(୩)ଗଗରା,(୪) ମୂଳନାଭ,(୫) ବରାଣ୍ଡି,(୬) ହଂସପଟା, (୭) ରଥଗର୍ଭ,(୮) ପାରାଭାଡି,(୯) କଳସ ପୀଠ, (୧୦) ଦଧିନଉତି, (୧୧) କର୍ଣ୍ଣଅଳା,(୧୨) ଧାତୁ କଳସ ଓ (୧୩) ଆୟୁଧ ଧ୍ୱଜା। ତେବେ ଆସନ୍ତୁ ଜାଣିବା ଏହି ରଥର ପୁଙ୍ଖାନୁପୁଙ୍ଖ ବିଷୟରେ।

**ନନ୍ଦିଘୋଷ ରଥ** – ନନ୍ଦିଘୋଷ ବା ଗରୁଡ଼ଧ୍ୱଜ ବା କପିଳଧ୍ୱଜ ରଥରେ ଜଗନ୍ନାଥଙ୍କ ସହ ମଦନମୋହନ ବିଜେ କରନ୍ତି । ମୋଟ ୭୪୨ଖଣ୍ଡ କାଠରେ ତିଆରି ଏହି ରଥର ଉଚ୍ଚତା ୪୫ଫୁଟ ୬ ଇଞ୍ଚ ଅଟେ । ଏହି ରଥରେ ୧୬ଟି ଚକ (ବିଷ୍ଣୁସିଦ୍ଧ, ବିଭୂତି, ଅଣିମା, ପ୍ରଜ୍ଞା, ଧୀ, ଜ୍ଞାନ, ପ୍ରେମ, ଆଶକ୍ତ, ରତି, କେଳି, ସତ୍ୟ, ସୁଷୁପ୍ତି, ଜାଗୃତି, ତୁରୀୟ, ଆମ, ନିର୍ବାଣ) ସଂଯୁକ୍ତ ହୋଇଥାଏ । ପ୍ରତ୍ୟେକ ଚକର ଉଚ୍ଚତା ୬ ଫୁଟ। ସାରଥି: ଦାରୁକ । ରଥର ଦଉଡ଼ି: ଶଙ୍ଖଚୂଡ଼ । ପରମ୍ପରା ମୁତାବକ ଧଳାରଙ୍ଗର ଚାରୋଟି ଘୋଡ଼ା (ଶଙ୍ଖ, ବଳାହକ, ଶ୍ୱେତ ଓ ହରିଦ୍ୱାଶ) ସ୍ଥାପନ କରାଯାଏ । ଏହାର ପତାକା ଗରୁଡ଼ ଚିହ୍ନାଙ୍କିତ । ଧ୍ୱଜପମୂର୍ତ୍ତି: ପଞ୍ଚମୁଖୀ ହନୁମାନ । ନାଲି ଓ ହଳଦିଆ ରଙ୍ଗର କପଡ଼ାରେ ରଥାବରଣ କରାଯାଏ। ନନ୍ଦିଘୋଷରେ ହରିହର, ପଣ୍ଡୁ ନୃସିଂହ, ଗିରିଧର, ଷଡ଼ଭୁଜ ଚିନ୍ତାମଣି କୃଷ୍ଣ, ଚତୁର୍ଭୁଜ ନାରାୟଣ, ସପ୍ତଫେଣ ସର୍ପରେ ଆସୀନ ମଧୁସୂଦନ ବା ବିଷ୍ଣୁ, ଲକ୍ଷ୍ମଣ, ପଞ୍ଚମୁଖୀ ମହାବୀର ପାର୍ଶ୍ୱଦେବ/ଦେବୀ ଭାବେ ଅବସ୍ଥାନ କରିଥାନ୍ତି ।

**ଦର୍ପଦଳନ ରଥ** - ଦର୍ପଦଳନ ବା ପଦ୍ମଧ୍ୱଜ ବା ଦେବଦଳନ ରଥରେ ସୁଭଦ୍ରାଙ୍କ ସହ ଶ୍ରୀସୁଦର୍ଶନ ବିଜେ କରନ୍ତି । ମୋଟ ୭୧୧ଖଣ୍ଡ କାଠରେ ତିଆରି ଏହି ରଥର ଉଚ୍ଚତା ୪୪ଫୁଟ ୬ ଇଞ୍ଚ ଅଟେ । ଏହି ରଥରେ ୧୨ଟି ଚକ ସଂଯୁକ୍ତ ହୋଇଥାଏ । ପ୍ରତ୍ୟେକ ଚକର ଉଚ୍ଚତା ୬ ଫୁଟ ୮ ଇଞ୍ଚ । ସାରଥି: ଅର୍ଜୁନ । ରଥର ଦଉଡ଼ି: ସ୍ୱର୍ଣ୍ଣଚୂଡ଼ । ଧ୍ୱଜପମୂର୍ତ୍ତି: ଜୟଦୁର୍ଗା । ପରମ୍ପରା ମୁତାବକ ନାଲି ଚାରୋଟି ଘୋଡ଼ା (ରୋଚିକା, ମୋଚିକା, ଜିତା, ଅପରାଜିତା) ସ୍ଥାପନ କରାଯାଏ । ନାଲି ଓ କଳା ରଙ୍ଗର କପଡ଼ାରେ ରଥାବରଣ କରାଯାଏ । ଦର୍ପଦଳନରେ ବିମଳା, ମଙ୍ଗଳା, ବାରାହୀ, ଭଦ୍ରକାଳୀ(ଶବରୂଢ଼ା ଚତୁର୍ଭୁଜା), ବନଦୁର୍ଗା ବା କଣ୍ଟକାଢ଼ି, କାତ୍ୟାୟନୀ (ଅଷ୍ଟଭୁଜା ଦୁର୍ଗା), ହରଚଣ୍ଡୀ, ରାମଚଣ୍ଡୀ (ଅଷ୍ଟଭୁଜା ଓ ବାମହାତ କାଣି ଆଙ୍ଗୁଠିକୁ ପାଟିରେ ଚୁଚୁମିଛନ୍ତି), ଅଘୋରା ପାର୍ଶ୍ୱଦେବ/ଦେବୀ ଭାବେ ଅବସ୍ଥାନ କରିଥାନ୍ତି । ଶ୍ରୀଜଗନ୍ନାଥଙ୍କ ରଥର ୧୬ ଚକ ଷୋଳକଳାର, ବଳଭଦ୍ରଙ୍କର ୧୪ ଚକ ଚତୁର୍ଦ୍ଦଶ ମନ୍ୱନ୍ତରର ଓ ସୁଭଦ୍ରାଙ୍କ ୧୨ ଚକ ବାରମାସର ଦୃଷ୍ଟି ଆକର୍ଷଣ କରିଥାଏ । ତିନି ରଥର ଦଧିନଉତି : ହିରଣ୍ୟଗର୍ଭ, ହିରଣ୍ମୟୀ, ଭୁବନକୋଷ । ଏହି ତିନି ଦଧିନଉତି ଉପରେ ମୋଟ ୯ଟି ପିତଳ କଳସ (ନଭ, ଆକାଶ, ବ୍ୟୋମ, ପରା, ଅପରା, ବୈଖାରୀ, ଚନ୍ଦ୍ର, ସୂର୍ଯ୍ୟ, ବିଦ୍ୟୁତ) ସ୍ଥାପନ କରାଯାଏ ।

**ତାଳଧ୍ୱଜ ରଥ** - ତାଳଧ୍ୱଜ ବା ଲଙ୍ଗଳ ଧ୍ୱଜ ରଥରେ ବଳଭଦ୍ରଙ୍କ ସହ ରାମକୃଷ୍ଣ ବିଜେ କରନ୍ତି। ମୋଟ ୭୩୧ଖଣ୍ଡ କାଠରେ ତିଆରି ଏହି ରଥର ଉଚ୍ଚତା ୪୫ଫୁଟ ଅଟେ । ଏହି ରଥରେ ୧୪ଟି ଚକ ସଂଯୁକ୍ତ ହୋଇଥାଏ । ପ୍ରତ୍ୟେକ ଚକର ଉଚ୍ଚତା ୬ ଫୁଟ ୬ ଇଞ୍ଚ। ଦଧିନଉତି: ହିରଣ୍ମୟୀ। ସାରଥି: ମାତଳୀ । ରଥର ଦଉଡ଼ି: ବାସୁକୀ । ପରମ୍ପରା ମୁତାବକ କଳା ରଙ୍ଗର ଚାରୋଟି ଘୋଡ଼ା ଘୋଡ଼ା (ତୀବ୍ର, ଘୋର, ଦୀର୍ଘଶ୍ରମ ଏବଂ ସ୍ୱର୍ଣ୍ଣନାଭ) ବା (ସ୍ଥିରା, ଧୃତି, ସ୍ଥିତି ଏବଂ ପ୍ରଜ୍ଞା) ବା (ଶଙ୍ଖ,ସୁଚିତ୍ର, ଅଙ୍ଗଦ ଏବଂ ମେଘନାଦ) ସ୍ଥାପନ କରାଯାଏ। ଧ୍ୱଜପମୂର୍ତ୍ତି: ଲକ୍ଷ୍ମୀନୃସିଂହ । ନାଲି ଓ ସବୁଜ ରଙ୍ଗର କପଡ଼ାରେ ରଥାବରଣ କରାଯାଏ । ତାଳଧ୍ୱଜ ରଥରେ ମହାଦେବ, ବାଇଶିଭୁଜ ନୃସିଂହ, ବଳରାମ, ନୃତ୍ୟ ଗଣପତି, ଲକ୍ଷ୍ମଣଙ୍କୁ ବହନ କରିଥିବା ଅଙ୍ଗଦ, ନାଟାମ୍ବର (ବୃଷଭ ଉପରେ ନୃତ୍ୟରତ ଶିବ), କାର୍ତ୍ତିକେଶ୍ୱର, ମଧୁକୈଟବଙ୍କ ସହ ବିଷ୍ଣୁଙ୍କ ଯୁଦ୍ଧ, ଅନନ୍ତବାସୁଦେବ ପାର୍ଶ୍ୱବଦେବ/ଦେବୀ ଭାବେ ଅବସ୍ଥାନ କରିଥାନ୍ତି ।

**ଅରଙ୍ଗାବାଦ ବରୀ ଯାଜପୁର**

# ଜନସଂଘର ନିର୍ମାତା-ଡଃ ଶ୍ୟାମା ପ୍ରସାଦ ମୁଖାର୍ଜୀ

୧୯୪୭ ଅଗଷ୍ଟ ୧୫ରେ ସ୍ୱାଧୀନ ଭାରତର ପ୍ରଥମ ସୂର୍ଯ୍ୟ ଉଦୟ ହୋଇଥାଏ ।ପଲ୍ଲୀ ଠାରୁ ଦିଲ୍ଲୀ ସମସ୍ତେ ଉତ୍ସାହିତ ,ଇତି ମଧ୍ୟରେ ଗଣତାନ୍ତ୍ରିକ ରାଷ୍ଟ୍ର ଶାସନ ପାଇଁ ସରକାର ଗଠନ ହୁଏ ଏବଂ ଜବାହାରଲାଲ ନେହେରୁଙ୍କ ନେତୃତ୍ୱ ରେ ପ୍ରଥମ ଥର ପାଇଁ ମନ୍ତ୍ରୀ ମଣ୍ଡଳ ଗଠନ ହୁଏ ,ଡଃ ଶ୍ୟାମା ପ୍ରସାଦ ମୁଖାର୍ଜୀ ହୁଅନ୍ତି ପ୍ରଥମ ଉଦ୍ୟୋଗୀ ମନ୍ତ୍ରୀ।ମନରେ ପ୍ରଶ୍ନ ଆସେ ଭାରତୀୟ ଜାତୀୟ କଂଗ୍ରେସ ଥିଲା ତେବେ ଜନସଂଘ ର ଆବଶ୍ୟକତା ପଡିଲା କାହିଁକି?

ଶ୍ୟାମା ପ୍ରସାଦ ମୁଖାର୍ଜୀ ଜଣେ ରାଷ୍ଟ୍ରବାଦୀ ଶିକ୍ଷାବିଦ୍, ପ୍ରଗତିଶୀଳ ବ୍ୟକ୍ତିତ୍ୱ ଏବଂ ଦୂରଦୃଷ୍ଟି ସମ୍ପନ୍ନ ବ୍ୟକ୍ତି ଥିଲେ। ୬ ଜୁଲାଇ ୧୯୦୧ ପଶ୍ଚିମ ବଙ୍ଗରେ ଜନ୍ମିତ ମୁଖାର୍ଜୀଙ୍କ ପିତାଙ୍କ ନାମ ଥିଲା ଆଶୁତୋଷ ମୁଖାର୍ଜୀ ଏବଂ ମାତା ଯୋଗମାୟା ଦେବୀ ।ତାଙ୍କ ପିତା ବେଙ୍ଗଲ ପ୍ରେସିଡେନ୍ସି ହାଇକୋର୍ଟ ର ଜଣେ ବିଶିଷ୍ଟ ଓକିଲ ଥିଲେ। ତାଙ୍କରି ପ୍ରାଥମିକ ଶିକ୍ଷା ୧୯୦୬ରେ ଭବାନୀପୁର ଠାରେ ଆରମ୍ଭ ହୁଏ ଏବଂ ୧୯୧୪ରେ ମାଟ୍ରିକୁଲେସନ୍ ସଂପର୍ଣ୍ଣ ହୁଏ। ୧୯୧୬ରେ ପ୍ରେସିଡେଣ୍ଟ କଲେଜରେ ଇଂରାଜୀରେ ସ୍ନାତକ ହାସଲ କରିଥିଲେ। ୧୬ ଏପ୍ରିଲ ୧୯୨୨ ସୁଧାଦେବୀଙ୍କୁ ବିବାହ କରିଥିଲେ ତତ୍ ସହିତ ୧୯୨୪ରେ ଆଇନରେ ସ୍ନାତକ ହାସଲ କରି କୋଲକାତା ହାଇକୋର୍ଟରେ ଆଇନଜୀବି ଭାବେ ଯୋଗ ଦିଅନ୍ତି। ଏବଂ ସବୁଠାରୁ ବଡ କଥା ହେଲା ୧୯୩୪ ମସିହାରେ ମାତ୍ର ୩୩ ବର୍ଷ ବୟସରେ ସେ କୋଲକାତା ବିଶ୍ୱବିଦ୍ୟାଳୟର କୁଳପତି ହୋଇପାରିଥିଲେ। ଯଦି ତାଙ୍କର ରାଜନୈତିକ କଥାକୁ ବିଶ୍ଳେଷଣ କରାଯାଏ ୧୯୩୯ରେ ସେ ଅଖିଳ ଭାରତୀୟ ହିନ୍ଦୁମହାସଭାରେ ଯୋଗ ଦେବା ସହ ୧୯୪୩ରେ ଏହାର ଅଧ୍ୟକ୍ଷରୂପେ ନିର୍ବାଚିତ ହୋଇଥିଲେ। ହିନ୍ଦୁମହାସଭା ଏବଂ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ଦ୍ୱାରା ଭାରତ ଛାଡ ଆନ୍ଦୋଳନ ରେ ସକ୍ରିୟ ହୋଇଥିଲେ। ସ୍ୱାଧିନତା ପରେ ସେ ବିଭିନ୍ନ ରାଜନୈତିକ ଏବଂ ସାମାଜିକ କ୍ଷେତ୍ରରେ ଯୋଗ ଦେଉଥିଲେ ସିନା ତାଙ୍କରି ପ୍ରାଥମିକ ଉଦେଶ୍ୟ ଥିଲା ସୁଶାସନ ଏବଂ ଭାରତୀୟ ସଂସ୍କୃତିର ରକ୍ଷା ।

ଏହାରି ଭିତରେ ଶାସନରେ କିଛି ନା କିଛି ଭୂଲ୍ ଥିବାର ପରିଲକ୍ଷିତ ହୋଇଥିଲା। ସ୍ୱାର୍ଥ ତ୍ୟାଗ କରି ଉଚ୍ଚ ସିଦ୍ଧାନ୍ତ ନିମନ୍ତେ ମନ୍ତ୍ରୀ ପଦରୁ ଇସ୍ତଫା ଦେଇଥିଲେ ମୁଖାର୍ଜୀ। ଯେଉଁ ପାଶ୍ଚାତ୍ୟ ସଂସ୍କୃତି ନୀତି ଆଦର୍ଶକୁ ନେଇ ଭାରତ ଗତି କରୁଛି, ଆଗାମୀ ଭବିଷ୍ୟତ ଯଦି ଏପରି ହୁଏ, ଭାରତ ଶକ୍ତିଶାଳୀ ହୋଇପାରିବ ନାହିଁ। ଶିକ୍ଷା,କୃଷି, ଅର୍ଥ ସବୁ କ୍ଷେତ୍ରରେ ପରିବର୍ତ୍ତନ ର ଆବଶ୍ୟକତା ହୃଦ୍ ବୋଧ କରି ଏକ ରାଜନୈତିକ ସଂଗଠନ ଗଠନ ପାଇଁ ମନସ୍ଥ କରିଲେ। ଯଦ୍ୱାରା ଭାରତର ଆଗାମୀ ଭବିଷ୍ୟତ ଉଜ୍ଜଳ ମୟ ହୋଇପାରିବ। ନୂତନ ଭାରତୀୟ ବିଚାରଧାରା କୁ ନେଇ ଭାରତବର୍ଷ ରେ ଏକ ରାଜନୈତିକ ସଂଗଠନର ରୂପରେଖ ନିର୍ମାଣ ହୋଇଥିଲା। ଯାହାର ନାମ ଭାରତୀୟ ଜନସଂଘ ।

**ଏହା କେବେ ଓ କେଉଁ ମାନଙ୍କ ଦ୍ୱାରା ଆରମ୍ଭ ହୋଇଥିଲା?**

ସଂଗଠନ ତ କେବଳ ଜଣେ ବ୍ୟକ୍ତିରେ ସମ୍ଭବ ନୁହେଁ। ମୁଖାର୍ଜୀ ଯେହେତୁ ରାଷ୍ଟ୍ରବାଦୀ ବ୍ୟକ୍ତିତ୍ୱ ର ଅଧିକାରୀ ଥିଲେ ସେହି ପ୍ରକାରର ବ୍ୟକ୍ତି ର ଅନୁସନ୍ଧାନ କରି ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର କିଛି ବରିଷ୍ଠ ଅଧିକାରୀ ମାନଙ୍କ ସହ ଚର୍ଚ୍ଚା କରି ଦୃଢମନା ଓ ଦୂରଦୃଷ୍ଟି ସମ୍ପନ୍ନ ଯୁବବର୍ଗ ଙ୍କୁ ନେଇ ୨୧ ଅକ୍ଟୋବର ୧୯୫୧ ଆଜିର ଦିନରେ ଗଠନ କରନ୍ତି ଜନସଂଘ। ସେହି ମହାନ୍ ବ୍ୟକ୍ତିତ୍ୱ ମଧ୍ୟରେ ଥାଆନ୍ତି ଦୀନ ଦୟାଲ୍ ଉପାଧ୍ୟାୟ, ଅଟଳ ବିହାରୀ ବାଜପେୟୀ, ଲାଲକୃଷ୍ଣ ଆଡଭାନୀ ,ଜଗନ୍ନାଥ ରାଓ ଯୋଶୀ ଏବଂ ବିଶିଷ୍ଟ ବ୍ୟକ୍ତି ବିଶେଷ।

**ଉଦ୍ଦେଶ୍ୟ ଓ ଚିହ୍ନ**

ସଂଗଠନରେ ଦୃଢମନା ରାଷ୍ଟ୍ରବାଦ ଯୁବକ ଥିବାରୁ ପାଶ୍ଚାତ୍ୟ ସଭ୍ୟତା ନୀତି କୁ ପରିବର୍ତ୍ତନ କରି ନୂତନ ଭାରତ ର ପୁନଃନିର୍ମାଣ ଏକ ମାତ୍ର ଉଦ୍ଦେଶ୍ୟ ଥିଲା।

ଯାହାର ବିଚାରଧାରା ଥିଲା ହିନ୍ଦୁତ୍ୱ ଏବଂ ଚିହ୍ନ ଥିଲା ଉଜ୍ଜଳ ଦୀପଶିଖା।

**ଜନସଂଘ ର ସଂଘର୍ଷ**

ଜନସଂଘର ପ୍ରତିଷ୍ଠା ପରେ ୧୯୫୨ ନିର୍ବାଚନରେ ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କୁ ମିଶାଇ ମାତ୍ର ୩ଟି ଆସନ ଜିତିଥିଲେ। ଏପରି ପରିସ୍ଥିତି ଆସିଲାଯେ ସଂସଦରେ ବିରୋଧିଦଳ ପାଇଁ ମଧ୍ୟ ଯୋଗ୍ୟ ହୋଇନଥିଲେ।

୧୯୫୩ରେ କାଶ୍ମୀର ପ୍ରସଙ୍ଗ କୁ ନେଇ ଏକ ଦେଶ, ଏକ ନିଶାନ୍, ଏକ ବିଧାନ ନାରା ଦେଇ ଶ୍ୟାମା ପ୍ରସାଦ ମୁଖାର୍ଜୀ ଙ୍କ ନେତୃତ୍ୱରେ କାଶ୍ମୀର ରେ ଏକ ବିକ୍ଷୋଭ ହେଲା। ମୁଖାର୍ଜୀ ଅନଶନରେ ରହିଲେ,ମଇ ୧୧ରେ ବୋର୍ଡର ଡେଇଁ ଯିବା କାରଣରୁ ଲକ୍ଷ୍ମଣପୁର ଠାରେ ଡଃ. ମୁଖାର୍ଜୀ ଙ୍କୁ ଗିରଫ କରାଗଲା। ଏବଂ ତାଙ୍କୁ ଶ୍ରୀନଗର କେନ୍ଦ୍ର କାରାଗାରରେ ରଖାଗଲା ।ଧିରେ ଧିରେ ତାଙ୍କର ସ୍ୱାସ୍ଥ୍ୟରେ ପରିବର୍ତ୍ତନ ଆସିଲା ଏବଂ ୧୯୫୩ ଜୁନ୍ ୨୩ରେ ତାଙ୍କର ହୃଦ୍ ଘାତ ରେ ମୃତ୍ୟୁ ହୋଇଥିଲା।

ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କ ମୃତ୍ୟୁବରଣ ପରେ ସଂଗଠନ ର ମୁଖ୍ୟ ଆବଶ୍ୟକତା ଦୃଷ୍ଟିରୁ ଦୀନ ଦୟାଲ୍ ଉପାଧ୍ୟାୟ ହୁଅନ୍ତି ଦଳର ମହାସଚିବ। ଯାହାର ଏକ ମାତ୍ର ସିଦ୍ଧାନ୍ତ ଥିଲା ଏକାତ୍ମ ମାନବବାଦ। ସଂଗଠନ ଗଠନ ହୋଇଥିଲେ ହେଁ ନିର୍ବାଚନ ରେ ସୁଫଳ ମିଳିପାରୁନଥିଲା। ଯୁବ ନେତୃତ୍ୱକୁ ଦାୟିତ୍ୱ ଦେଲେ ହିଁ ଆଗାମୀ ଭାରତୀୟ ରାଜନୀତି ପରିବର୍ତ୍ତନ ହୋଇପାରିବ ମନେ କରି ୧୯୬୮ରେ ଅଟଳ ବିହାରୀ ବାଜପେୟୀ ଙ୍କୁ ଦଳର ଅଧ୍ୟକ୍ଷ ପଦ ଦିଆଯାଏ। ସଂଗଠନ ର ମୁଖ୍ୟ ଦାବୀ ଥିଲା ସମଗ୍ର ଦେଶରେ ସମାନତା, ଗୋ ହତ୍ୟା ରୋକିବା, ଏବଂ କାଶ୍ମୀର ବିଷୟ।

୧୯୭୫ ରେ ଇନ୍ଦିରା ଗାନ୍ଧୀ ଙ୍କ ଦ୍ୱାରା ଆପତ୍ କାଳୀନ ଲାଗୁ ହେଲା। ରାଷ୍ଟ୍ରବାଦୀ ବିଚାରଧାରା ସବୁ ସଂଗଠନ ସଦସ୍ୟ ମାନଙ୍କୁ ଗିରଫ କରାଗଲା। ପରିଣାମ ସ୍ୱରୂପ ୧୯୭୭ରେ ଜାତୀୟ କଂଗ୍ରେସ ସତ୍ତା ହରାଇଲା ଏବଂ ଜନତା ପାର୍ଟି ସହ ଘଟବନ୍ଧନ କରି ଜନସଂଘ ସରକାର ଗଠନ କରିଲା ଏବଂ ମୋରାଜି ଦେଶାଇ ହୁଅନ୍ତି ଦେଶ ର ପ୍ରଧାନମନ୍ତ୍ରୀ ।ଅଟଳ ବିହାରୀ ବାଜପେୟୀ ହେଲେ ବୈଦେଶିକ ମନ୍ତ୍ରୀ ଏବଂ ଲାଲକୃଷ୍ଣ ଆଡଭାନୀ ହେଲେ ସୂଚନା ଓ ପ୍ରସାରଣ ମନ୍ତ୍ରୀ ।୧୯୮୦ରେ ଭାରତୀୟ ଜନସଂଘ ଜନତା ପାର୍ଟି ସହ ମିଶି ନିର୍ବାଚନ ଲଢିଲା ଏବଂ ସରକାର ହରାଇଲା ।ଏହାପରେ ଅର୍ଥାତ୍ ଏପ୍ରିଲ ୬ ୧୯୮୦ ଭାରତୀୟ ରାଜନୀତିରେ ଜନସଂଘରୁ ଜନ୍ମ ହେଲା ଭାରତୀୟ ଜନତା ପାର୍ଟି ।ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରି ରାଷ୍ଟ୍ରୀୟ ସଂଗଠନ ଭାବେ ଆବିର୍ଭାବ ହେଲା ।ଅଟଳ ବିହାରୀ ବାଜପେୟୀ ଦଳର ଅଧ୍ୟକ୍ଷ ହୁଅନ୍ତି ।ତାଙ୍କରି ନେତୃତ୍ୱ ରେ ୧୯୮୪ ସାଧାରଣ ନିର୍ବାଚନ ରେ ମାତ୍ର ୨ଟି ସିଟ୍ ଯୋଗୁଁ ୧୯୮୬ରେ ଲାଲକୃଷ୍ଣ ଆଡଭାନୀ ଦଳର ଅଧ୍ୟକ୍ଷ ହୁଅନ୍ତି ।ଅଯୋଧ୍ୟା ରାମ ମନ୍ଦିର ବିଷୟ କୁ ନେଇ ରାମ ଜନ୍ମଭୂମି ଆନ୍ଦୋଳନ ଆରମ୍ଭ ହୋଇଥିଲା ।

୧୯୮୯ ନିର୍ବାଚନ ରେ ୮୬, ୧୯୯୧ ରେ ୧୨୦ ଆସନ ଅକ୍ତିଆର କରି ବିରୋଧୀ ଦଳ ଭାବରେ ଛିଡା ହେଲା ।୧୯୯୬ ରେ ୧୬୧ ସିଟ୍ ନିର୍ବାଚନ ଜିତି ବିଜେପି ସରକାର ଗଠନ କରିଲା କିନ୍ତୁ ସମର୍ଥନ ଅଭାବ ରୁ ୧୩ଦିନରେ ସରକାର ହରାଇଲା ।ନିଜ ଦଳଗତ ପ୍ରଦର୍ଶନ ରେ ସୁଧାର ଆଣି ୧୯୯୯ରେ ଅଟଳ ଜୀ ଙ୍କ ନେତୃତ୍ୱରେ ୫ବର୍ଷ ପର୍ଯ୍ୟନ୍ତ କ୍ଷମତା ରେ ରହିଲା ।କିନ୍ତୁ ୨୦୦୪, ୨୦୦୯, ୨୦୧୪ ରେ ଭାରତୀୟ ଜନତା ପାର୍ଟି ବିରୋଧୀ ଦଳ ଭାବରେ ରହିଲା ସିନା ସରକାର ଗଠନ ପାଇଁ ସମର୍ଥ ହୋଇପାରିଲା ନାହିଁ ।ଦଳଗତ ସୁଧାର ଏବଂ ପୁନଃ ରାଷ୍ଟ୍ର ନିର୍ମାଣର ଆବଶ୍ୟକତା ମନେ କରି କେନ୍ଦ୍ର ରାଜନୀତି କୁ ଆସନ୍ତି ଦକ୍ଷ ରାଷ୍ଟ୍ରବାଦୀ ନେତୃତ୍ୱ ତତ୍କାଳୀନ ଗୁଜୁରାଟ ମୁଖ୍ୟମନ୍ତ୍ରୀ ନରେନ୍ଦ୍ର ମୋଦି । ୨୦୧୪ ସାଧାରଣ ନିର୍ବାଚନ ସବୁ ଅଙ୍କ ପରିବର୍ତ୍ତନ ଆଶ୍ଚର୍ଯ୍ୟ ହେଲା ଭଳି ସମାଚାର ୨୮୨ ସିଟ୍ ନିର୍ବାଚନ ଜିତି ବିଜେପି ସରକାର ଗଠନ କରିଲା ଏବଂ ନରେନ୍ଦ୍ର ଦାମୋଦର ଦାସ ମୋଦି ହୁଅନ୍ତି ଦେଶର ପ୍ରଧାନମନ୍ତ୍ରୀ ।ଏବଂ କ୍ରମାଗତ ଭାବେ ୨୦୧୯,୨୦୨୪ରେ ପ୍ରଧାନସେବକ ହୋଇ ଅନେକ ଯୁଗାନ୍ତକାରୀ ପଦକ୍ଷେପ କରି ଭାରତକୁ ବିଶ୍ୱଗୁରୁ କରାଇ ପାରିଛନ୍ତି।

ଶ୍ୟାମା ପ୍ରସାଦ ମୁଖାର୍ଜୀ ଆଜି ଭଳି ଦିନରେ ରାଷ୍ଟ୍ର ପାଇଁ ବଳିଦାନ ଦେଇ ଚାଲିଯାଇଛନ୍ତି ସତ କିନ୍ତୁ ସେ ଯେଉଁ ଭାରତୀୟ ସଂସ୍କୃତି ପରମ୍ପରା କୁ ନେଇ ରାଷ୍ଟ୍ର ପୁନଃ ନିର୍ମାଣ ର ସ୍ୱପ୍ନ ଦେଖାଇ ଥିଲେ ,ପ୍ରକୃତରେ ଆଜି ଧିରେ ଧିରେ ପୂରଣ ହେବାରେ ଲାଗିଛି ।ନିଜର ଜ୍ଞାନ ଦକ୍ଷତାକୁ ବିକଶିତ କରି ଭାରତ ବିଶ୍ୱ ସ୍ତରରେ ଦୃଷ୍ଟି ଆକର୍ଷଣ କରିପାରିଛି ।ଯେଉଁ ଭାରତ ପୂର୍ବରୁ ଅନ୍ୟ ଉପରେ ନିର୍ଭର କରୁଥିଲା ।ଆଜି ସେହି ଭାରତ ଆତ୍ମନିର୍ଭର ହୋଇପାରିଛି ।ଆମକୁ ଆହୁରି ଆଗକୁ ଅଗ୍ରସର ହେବାର ଆବଶ୍ୟକତା ରହିଛି ।ରାଷ୍ଟ୍ରୀୟ ଭାବନା, ସଂସ୍କୃତି ଓ ପରମ୍ପରା କୁ ବିଶ୍ୱ ସ୍ତରରେ ପହଞ୍ଚାଇ ବିଶ୍ୱଗୁରୁ କରିବା ହିଁ ଆମର ଉଦେଶ୍ୟ ହେଉ ।

ଭାରତ ମାତା କି ଜୟ ।

**ହିମାଂଶୁ ଶେଖର ତ୍ରିପାଠୀ**
**କମ୍ପ୍ୟୁଟର ବିଜ୍ଞାନ, ସ୍ନାତକୋତ୍ତର**
**ଆସିକା ଗଂଜାମ**

# ଓଡ଼ିଆ ଭାଷା ସାହିତ୍ୟର ସୁରକ୍ଷା

ଓଡ଼ିଆ ଭାଷା ଏକ ପ୍ରାଚୀନ ଭାଷା, ଏହାର ସ୍ୱତନ୍ତ୍ରତା ଥିଲେ ମଧ ଅତୀତରେ ଏହି ଭାଷା ଉପରେ ପଡ଼ୋଶୀଙ୍କ ପକ୍ଷରୁ ଅନେକବାର ଆକ୍ରମଣ ହୋଇଛି। ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି ଓ ପରମ୍ପରାକୁ ଦୁର୍ବଳ କରିଦେବା ପାଇଁ ବିଭିନ୍ନ ପ୍ରକାର ଷଡ଼ଯନ୍ତ୍ର କରାଯାଇଛି। ଓଡ଼ିଆ ଭାଷାକୁ ସମୃଦ୍ଧ କରିବା ପାଇଁ ବ୍ୟାସକବି ଫକୀରମୋହନ ସେନାପତି, ସ୍ୱଭାବକବି ଗଙ୍ଗାଧର ମେହେର, ଉତ୍କଳ ଗୌରବ ମଧୁସୂଦନ ଦାସ, ବିଛନ୍ଦ ଚରଣ, କବିବର ରାଧାନାଥ ରାୟ, ଭକ୍ତିକବି ମଧୁସୂଦନ ରାଓ ପ୍ରମୁଖଙ୍କର ଅତୁଳନୀୟ ଭୂମିକା ରହିଛି।

୨୦୧୪ ମସିହା ମାର୍ଚ୍ଚ ୧୧ତାରିଖ ପ୍ରତ୍ୟେକ ଓଡିଆଙ୍କ ପାଇଁ ସ୍ମରଣୀୟ ଦିବସ । ଏହି ଦିନ ଆମ ଓଡିଆ ଭାଷାକୁ ଶାସ୍ତ୍ରୀୟ ମାନ୍ୟତା ମିଳିଲା । ଶାସ୍ତ୍ରୀୟ ମାନ୍ୟତା ପାଇବାରେ ଓଡିଆ ହେଉଛି ଷଷ୍ଠ ଭାରତୀୟ ଭାଷା ଓ ପ୍ରଥମ ଆର୍ଯ୍ୟ ଭାଷା । ଖାଲି ସରକାରୀ ମାନ୍ୟତା ପାଇଗଲେ ଭାଷାର ଅଭିବୃଦ୍ଧି ଓ ସଂରକ୍ଷଣ ହୋଇପାରିବ ଏହା ଭାବିବା ଠିକ୍ ନୁହେଁ । ଆଧୁନିକ ଭାରତରେ ଅନ୍ୟାନ୍ୟ ରାଜ୍ୟ ଓ ଭାଷା ତୁଳନାରେ ଆମ ଭାଷାର ପ୍ରଚାର ଓ ପ୍ରସାର ଆଶାନୁରୂପ ହୋଇପାରିନାହିଁ ।

ଅଧୁନା ବିଶ୍ୱର ଶତକଡା ୯୫ ଭାଗ ଲୋକ ମାତ୍ର ୧୦୦ଟି ଭାଷାରେ କଥାବାର୍ତ୍ତା ହେଉଛନ୍ତି । ଆହୁରି ଆଶ୍ଚର୍ଯ୍ୟର କଥା ଯେ ବିଶ୍ୱରେ ପ୍ରାୟ ଅଧିକାଂଶ ଲୋକ ମାତ୍ର ୮ଟି ଭାଷାରେ କଥାବାର୍ତ୍ତା ହେଉଛନ୍ତି । ଏପରିସ୍ଥଳେ ଭାଷାର ସୁରକ୍ଷା ପାଇଁ ପ୍ରତ୍ୟେକ ଦେଶ ନିଜକୁ ପ୍ରସ୍ତୁତ କରୁଛନ୍ତି । ଓଡ଼ିଶାରେ ପ୍ରାୟ ସାଢେ ଚାରିକୋଟି ଲୋକଙ୍କର ମାତୃଭାଷା ଓଡ଼ିଆ ହୋଇଥିବାବେଳେ ଓଡ଼ିଶାର ସୀମା ସଲଗ୍ନ ପଶ୍ଚିମବଙ୍ଗର ମେଦିନପୁର, ଝାଡ଼ଖଣ୍ଡ ରାଜ୍ୟର ପୂର୍ବ ସିଂଘଭୂମ, ପଶ୍ଚିମ ସିଂହଭୂମ, ଖରସୁଆଁ, ସିମଡ଼େଗା, ଗୁମଲା, ଖୁଣ୍ଟି, ରାଞ୍ଚି, ଆନ୍ଧ୍ର ପ୍ରଦେଶର ସିକାକୁଲମ, ବିଜୟନଗରମ, ଅଞ୍ଚଳ ସମେତ ଦେଶର ବିଭିନ୍ନ ପ୍ରଦେଶରରେ ପ୍ରାୟ ୩ କୋଟିରୁ ଉର୍ଦ୍ଧ୍ୱ ଲୋକ ଓଡ଼ିଆ ଭାଷାକୁ ବ୍ୟବହାର କରନ୍ତି। ଝାଡ଼ଖଣ୍ଡରେ ଓଡ଼ିଆଭାଷା ଦ୍ୱିତୀୟ ଭାଷା ଭାବେ ସ୍ୱୀକୃତି ଲାଭ କରିଛି। ଅତୀତରେ ଓଡ଼ିଶାର ସାଧବପୁଅ ନୌବାଣିଜ୍ୟ କରିବାପାଇଁ ବଙ୍ଗଳାଦେଶ, ଇଣ୍ଡୋନେସିଆ, ଜାଭା , ସୁମାତ୍ରା, ବାଲିଦ୍ୱୀପ ଯାଉଥିବା ବେଳେ ସେଠାରେ ଅନେକ ପରିବାର ଓଡ଼ିଆ ଭାଷାକୁ ଆପଣାଇ ନେଇଛନ୍ତି। ଏବେବି ଓଡ଼ିଆ ଭାଷାକୁ ସେମାନେ ବ୍ୟବହାର କରୁଥିବାର ଦେଖାଯାଏ। ଓଡିଶାରେ ଅନେକ କଥିତ ଭାଷା ପ୍ରଚଳିତ ଅଛି । ରାଜ୍ୟର ପ୍ରାନ୍ତୀୟକ୍ଷେତ୍ର ପଶ୍ଚିମ ଓଡିଶାରେ ସମ୍ବଲପୁରୀ (କୋଶଳି) ଓ ମିଶ୍ର ହିନ୍ଦୀ ଭାଷା, ଦକ୍ଷିଣ ଓଡିଶାରେ ବ୍ରହ୍ମପୁରୀ ଓ ମିଶ୍ର ତେଲଗୁ ଭାଷା, ଉତ୍ତର ଓଡିଶାରେ ମିଶ୍ର ବଙ୍ଗଳା ଭାଷାର ପ୍ରଚଳନ ଦେଖାଯାଏ । ରାଜ୍ୟରେ ଥିବା ଆଦିବାସୀମାନଙ୍କର ନିଜସ୍ୱ ଭାଷା ଯଥା ସାନ୍ତାଳି, ମୁଣ୍ଡା, କନ୍ଧ, କୋୟା, ବଣ୍ଡା ଇତ୍ୟାଦି ରହିଛି । ଏହା ବ୍ୟତୀତ ଅନ୍ୟାନ୍ୟ ଭାଷା ମଧ୍ୟରେ ଅସମୀୟ, ହିନ୍ଦୀ, ବଙ୍ଗଳା, ଉର୍ଦ୍ଧୁ, ତେଲଗୁ ଆଦି ଭାଷା ମଧ ବ୍ୟବହୃତ ହୁଏ । ପରିବର୍ତ୍ତିତ ପରିସ୍ଥିତିରେ ଭାଷାର ପ୍ରସାର ପ୍ରଚାର ତ ଦୂରର କଥା ଓଡିଆ ଭାଷାରେ କଥାବାର୍ତ୍ତା ହେଉଥିବା ଲୋକଙ୍କ ସଂଖ୍ୟା ବେଳକୁ ବେଳ କମିବାରେ ଲାଗିଛି । ସତେଯେମିତି ଭାଷା ଆମପାଇଁ ଅଲୋଡା ହୋଇଯାଇଛି। ଆମ ଭାଷା ପ୍ରତି ଆମର ମମତା ନାହିଁ । ଭାଷାର ପ୍ରସାର ପ୍ରଚାର ଦୂରର କଥା, ଓଡିଆ ଭାଷାରେ ପ୍ରକାଶିତ ଦୁର୍ଲଭ ଗ୍ରନ୍ଥ ସବୁ ପଢିବାରେ ଆମର ଆଗ୍ରହ ନାହିଁ । ଭାଷା କେବଳ ସରକାରୀ ହୋଇଗଲେ ବଞ୍ଚିଯିବ, ଏହା ଭାବିବା ଭୁଲ୍ । ଭାଷା ପ୍ରତି ଆମ ହୃଦୟରେ ମମତା ରହିବା ଆବଶ୍ୟକ। ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତିର ବିକାଶ ଦିଗରେ, ଓଡ଼ିଶାର ଭାଷା ଓ ସଂସ୍କୃତି ବିଭାଗ ଦୃଷ୍ଟି ଦେବାର ମଧ୍ୟ ଆବଶ୍ୟକତା ରହିଛି।

**କମଳଲୋଚନ ପଣ୍ଡା**
**ନୀଳଗିରି, ବାଲେଶ୍ୱର**

# ଜୟପୁର ଠାରେ ଜଗନ୍ନାଥ ମହାପ୍ରଭୁଙ୍କ ୨୦୨୬ ମସିହାର ପବିତ୍ର ରଥଯାତ୍ରା ପାଳନ ନିମନ୍ତେ ପ୍ରସ୍ତୁତି ବୈଠକ




ଜୟପୁର,୮।୭ (ଆନିସ): କୋରାପୁଟ ଜିଲ୍ଲା ଜୟପୁର ଜଗନ୍ନାଥ ମହାପ୍ରଭୁଙ୍କ ୨୦୨୬ ମସିହାର ପବିତ୍ର ରଥଯାତ୍ରା ସୁଚାରୁ ଓ ଶୃଙ୍ଖଳିତ ଭାବେ ପାଳନ ନିମନ୍ତେ ଜୟପୁର ଉପଜିଲ୍ଲାପାଳ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ଜୟପୁର ଉପ ଜିଲ୍ଲାପାଳ ଯଦୁମଣି ନାଏକ ଙ୍କ ଅଧକ୍ଷତା ରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି,ଏହି ବୈଠକରେ ଜୟପୁର ତହସିଲଦାର ତଥା ଦେବତର ଅଧିକାରୀ ସବ୍ୟସାଚୀ ଜେନା,ଜୟପୁର ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ, ପୌରପାଳିକାର କାର୍ଯ୍ୟନିର୍ବାହୀ ଅଧିକାରୀ ପୂଜା ରାଉତ, ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଯଶୋଦା ଗାଦବା,ବିଦ୍ୟୁତ ବିଭାଗର ସୁପରିଣ୍ଟେଣ୍ଡିଂ ଇଞ୍ଜିନିୟର, ପୂର୍ତ୍ତ ବିଭାଗ, ରାସ୍ତା ଓ କୋଠାବାଡ଼ି,ଟାଉନ ଥାନା,ଅଗ୍ନିଶମ ବିଭାଗ,ପିଏଚ୍‌ଡି ବିଭାଗର ଅଧିକାରୀ ଏବଂ ଶ୍ରୀଜଗନ୍ନାଥ ମନ୍ଦିରର ଦଇତାପତି ପ୍ରମୁଖ ଉପସ୍ଥିତ ଥିଲେ। ଏହି

ବୈଠକରେ ସୂଚନା ଦିଆଯାଇଥିଲା ଯେ, ଦୀର୍ଘ ଦୁଇ ବର୍ଷ ପରେ ନୂତନ ରଥ ନିର୍ମାଣ କରାଯାଉଛି। ରଥର ଉଚ୍ଚତା ୪ ଫୁଟ୍, ଲମ୍ବ ୨୮ ଫୁଟ୍ ଏବଂ ଚଉଡ଼ା ୩୦ ଫୁଟ୍ ରହିଛି। ଆସନ୍ତା ଜୁଲାଇ ୧୨ ତାରିଖ ସୁଦ୍ଧା ରଥକୁ ହସ୍ତାନ୍ତର କରିବା ପାଇଁ କାରିଗରମାନେ ପ୍ରତିବଦ୍ଧ ଥିବା ଜଣାଇଥିଲେ। ରଥର ଗୁଣାତ୍ମକ ମାନ ଓ ସୁରକ୍ଷା ସମ୍ପର୍କିତ ସମ୍ପୂର୍ଣ୍ଣ ଯାଞ୍ଚ ଦାୟିତ୍ୱ ସହକାରୀ ଯନ୍ତ୍ରୀ, ରାସ୍ତା ଓ କୋଠାବାଡ଼ି ଙ୍କୁ ପ୍ରଦାନ କରାଯାଇଛି।ରଥଯାତ୍ରା ସମୟରେ ଯାନବାହନ ଚଳାଚଳ ନିୟନ୍ତ୍ରଣ ଓ ଆଇନ-ଶୃଙ୍ଖଳା ବଜାୟ ରଖିବା ପାଇଁ ଟାଉନ ଥାନା ପୁଲିସକୁ ଆବଶ୍ୟକ ଦାୟିତ୍ୱ ପ୍ରଦାନ କରାଯାଇଛି। ଉକ୍ତ ଦିନ ସହର ମଧ୍ୟକୁ ଚାରିଚକିଆ ଯାନ ପ୍ରବେଶ ନିଷିଦ୍ଧ ରହିବ। ଏଥିପାଇଁ ଟ୍ରାଫିକ୍ ବ୍ୟବସ୍ଥାପନାର ବ୍ଲୁ-ପ୍ରିଣ୍ଟ ପ୍ରସ୍ତୁତ କରି ସାମାଜିକ ଗଣମାଧ୍ୟମ ମାଧ୍ୟମରେ ବ୍ୟାପକ ପ୍ରଚାର କରିବାକୁ ଟାଉନ ଥାନା ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି।ରଥଦାଣ୍ଡରେ ଅନାବଶ୍ୟକ ଭିଡ଼କୁ ରୋକିବା ପାଇଁ ପୁଲିସକୁ ସତର୍କ ଦୃଷ୍ଟି ରଖିବାକୁ କୁହାଯାଇଥିବାବେଳେ ରଥ ଉପରେ କେବଳ ୨୫ ଜଣ ଦଇତାପତି ଓ ସ୍ୱେଚ୍ଛାସେବକଙ୍କୁ ରହିବାକୁ ଅନୁମତି ଦିଆଯିବ।ଜନସମାଗମକୁ ଦୃଷ୍ଟିରେ ରଖି ୫ଟି ହାଇମାଷ୍ଟ ଲାଇଟ, ୨ଟି ଜେନେରେଟର, ୬ଟି ହାଲୋଜେନ ଲାଇଟ ଏବଂ ରଥଯାତ୍ରା ପୂର୍ବରୁ ୧୦ଟି ଫୋକସ୍ ଲାଇଟ ବ୍ୟବସ୍ଥା କରିବା ପାଇଁ ବିଦ୍ୟୁତ ବିଭାଗ, ଅଗ୍ନିଶମ ବିଭାଗ ଏବଂ ଓଡ୍ରାଫକୁ ଅନୁରୋଧ କରାଯାଇଛି।ସ୍ୱାସ୍ଥ୍ୟସେବାକୁ ସୁଦୃଢ଼ କରିବା ପାଇଁ ରଥ ଟଣା ସମୟରେ ୨ଟି ଆମ୍ବୁଲାନ୍ସ, ଜଣେ ଆୟୁଷ ଡାକ୍ତର ଏବଂ ଏକ ସ୍ୱତନ୍ତ୍ର ମେଡିକାଲ ଟିମ୍ ନିୟୋଜିତ ରହିବେ। ରଥଯାତ୍ରା ଦିନଠାରୁ ବାହୁଡ଼ା ଯାତ୍ରା ପର୍ଯ୍ୟନ୍ତ ପ୍ରତିଦିନ ସକାଳ ୮ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ସ୍ୱାସ୍ଥ୍ୟସେବା ଉପଲବ୍ଧ ରହିବ।ଅଗ୍ନିଶମ ବିଭାଗକୁ ରଥ ପଛରେ ଅଗ୍ନିନିର୍ବାପକ ଯାନ ସହ ସର୍ବଦା ପ୍ରସ୍ତୁତ ରହିବାକୁ କୁହାଯାଇଛି। ପିଏଚ୍‌ଡି ବିଭାଗକୁ ଜଗତଜନନୀ ଛକ, ରାଜାନଗର ଛକ, ୱେଲକମ୍ ଛକ ଓ ବାଙ୍କମଠ ଛକରେ ପାନୀୟ ଜଳ ଟ୍ୟାଙ୍କ ସ୍ଥାପନ ସହ କର୍ମଚାରୀ ନିୟୋଜନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।ପ୍ରତିବର୍ଷ ପରି ଚଳିତ ବର୍ଷ ମଧ୍ୟ ରଥଯାତ୍ରା ଅବସରରେ ଭଜନ ସମାରୋହ ଓ ସାଂସ୍କୃତିକ କାର୍ଯ୍ୟକ୍ରମ କୋରାପୁଟ ସାଂସ୍କୃତିକ ବିଭାଗ ପକ୍ଷରୁ ଆୟୋଜିତ ହେବ। ଏଥିସହ ସହରର ସମସ୍ତ ସାର୍ବଜନୀନ ଶୌଚାଳୟର ସଫା-ସୁତୁରା ଓ ପରିଚ୍ଛନ୍ନତା ସୁନିଶ୍ଚିତ କରିବା ପାଇଁ ପୌରପାଳିକାର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଆବଶ୍ୟକ ନିର୍ଦ୍ଦେଶ ଦିଆଯାଇଥିଲା।

## କାହା ସ୍ୱାର୍ଥରେ ଗୋଷ୍ଠୀ ଶୌଚାଳୟ ?

# ଲକ୍ଷାଧିକ ଟଙ୍କାର ପ୍ରକଳ୍ପ ଅକାମୀ, ଲୋକଙ୍କ ମଧ୍ୟରେ ଅସନ୍ତୋଷ



ପାତ୍ରପୁର,୮।୭ (ଆନିସ): ପାତ୍ରପୁର ବ୍ଲକରେ ସରକାରୀ ଅର୍ଥରେ ନିର୍ମିତ ଦୁଇଟି ଗୋଷ୍ଠୀ ଶୌଚାଳୟ ବର୍ଷ ବର୍ଷ ଧରି ଅକାମୀ ପଡ଼ି ରହିଥିବାରୁ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଛି। ସରକାରୀ ଅର୍ଥ ବ୍ୟୟ ହୋଇଥିଲେ ମଧ୍ୟ ସାଧାରଣ ଲୋକ ଏହାର ସୁବିଧା ପାଇପାରୁ ନଥିବାରୁ ପ୍ରକଳ୍ପର ଉଦ୍ଦେଶ୍ୟ ଉପରେ ପ୍ରଶ୍ନ ଉଠିଛି। ପାତ୍ରପୁର ବ୍ଲକ ସଦରମହକୁମା ଉପର ବସଷ୍ଟାଣ୍ଡ ନିକଟରେ ନିର୍ମିତ ଗୋଷ୍ଠୀ ଶୌଚାଳୟ ଓ ସାମନ୍ତିଆପଲ୍ଲୀ ମୁଖ୍ୟ ରାସ୍ତା କଡ଼ରେ ନିର୍ମିତ ଗୋଷ୍ଠୀ ଶୌଚାଳୟ ଲକ୍ଷାଧିକ ଟଙ୍କା ବ୍ୟୟରେ ନିର୍ମିତ ହୋଇଥିଲା। କିନ୍ତୁ ଆଜି ପର୍ଯ୍ୟନ୍ତ ଉକ୍ତ ଦୁଇଟି ଗୋଷ୍ଠୀ ଶୌଚାଳୟ କାର୍ଯ୍ୟକ୍ଷମ ହୋଇପାରିନାହିଁ। ଫଳରେ ଲକ୍ଷାଧିକ ଟଙ୍କାର ସରକାରୀ ପ୍ରକଳ୍ପ ଅକାମୀ ହୋଇ ପଡ଼ିରହିଛି। ଏହି ବିଷୟରେ ସ୍ଥାନୀୟ ଅଞ୍ଚଳର କିଛି ଲୋକଙ୍କ ସହିତ ଆଲୋଚନା କରିବା ପରେ ବ୍ଲକ ପ୍ରଶାସନ, ଜିଲ୍ଲା ପ୍ରଶାସନ ଏବଂ ସ୍ଥାନୀୟ ଜନପ୍ରତିନିଧି ମାନଙ୍କ ଧ୍ୟାନାଭାବ ଯୋଗୁଁ ଏହି ଦୁଇଟି ଶୌଚାଳୟ ସାଧାରଣ ଲୋକଙ୍କ କାମରେ ଆସୁନାହିଁ। ପ୍ରତ୍ୟେକ ଦିନ ହଜାର ହଜାର ଜନସାଧାରଣ ପାତ୍ରପୁର ଓ ସାମନ୍ତିଆପଲ୍ଲୀ ସହରକୁ ଯିବା ଆସିବା କରନ୍ତି। ଏହାକୁ ଦୃଷ୍ଟିରେ ରଖି ଦୁଇଟି ଗୋଷ୍ଠୀ ଶୌଚାଳୟ ନିର୍ମାଣ କରାଯାଇଥିଲା। ଶୌଚାଳୟ ନିର୍ମାଣ ପରଠାରୁ ସେଥିରେ ଚାବି ଝୁଲୁଛି। ତେଣୁ ଜନସାଧାରଣ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ମୁଖ୍ୟତଃ ମହିଳା ଓ ଛାତ୍ରଛାତ୍ରୀ ମାନଙ୍କ କଥା କହିଲେ ନସରେ ବୋଲି। ଏହି ବିଷୟରେ ବାରମ୍ବାର ପ୍ରଶାସନିକ ଅଧିକାରୀଙ୍କ ପାଖରେ ଅଭିଯୋଗ କରିଥିବା ସତ୍ତ୍ୱେ କୌଣସି କାର୍ଯକାରୀ ହୋଇ ପାରିନଥିବା ନେଇ ସୁରେଶ ଦ୍ୟାନ ସାମନ୍ତରା କହିଛନ୍ତି। ତେବେ ସେମାନେ ଦାବି କରିଛନ୍ତି ଯେ ଉଭୟ ଶୌଚାଳୟ ମାନଙ୍କରେ କାହିଁକି ଚାବି ଝୁଲୁଛି। ଏହାର କାରଣ କଣ ହେଇପାରେ। ତଦନ୍ତ କରାଯାଇ ଶୌଚାଳୟଗୁଡ଼ିକୁ କାର୍ଯ୍ୟକ୍ଷମ କରାଯାଉ ଏବଂ ସରକାରୀ ଅର୍ଥର ସଠିକ୍ ବ୍ୟବହାର ସୁନିଶ୍ଚିତ କରାଯାଉ। ଅନ୍ୟ ପକ୍ଷରେ ଏନେଇ ପାତ୍ରପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ ଲକ୍ଷ୍ମଣ ଚରଣ ସୋରେନଙ୍କ ସହିତ ଯୋଗାଯୋଗ କରିବାରୁ ପୂର୍ବରୁ ଶୌଚାଳୟ ନିର୍ମାଣ କରାଯାଇଛି କିନ୍ତୁ ଏହାର ରକ୍ଷଣାବେକ୍ଷଣ ନେଇ କୌଣସି ପ୍ରକାର ପ୍ରସ୍ତୁତି କରାଯାଇ ନାହିଁ। ତେଣୁ ଶୌଚାଳୟ ଗୁଡ଼ିକରେ ତାଲା ଝୁଲୁଛି। ଏହି ବିଷୟରେ ଉକ୍ତ ପଞ୍ଚାୟତ ମାନଙ୍କର ସ୍ୱୟଂ ସହାୟିକା ଗୋଷ୍ଠୀ ମାନଙ୍କୁ ରକ୍ଷଣାବେକ୍ଷଣ ଦାୟିତ୍ୱ ଦେଇ ଉଭୟ ଶୌଚାଳୟ କାର୍ଯକାରୀ ଦିଗରେ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଛନ୍ତି। ତେବେ ବର୍ଷ ବର୍ଷ ଧରି ଚାବି ଝୁଲୁଥିବା ଉଭୟ ଶୌଚାଳୟ କେବେ କାର୍ଯକାରୀ ହେଉଛି ତାହା ଦେଖିବାକୁ ବାକି ରହିଲା।

# ମ୍ୟାଲେରିଆରେ ୪ର୍ଥ ଶ୍ରେଣୀ ଛାତ୍ରଙ୍କ ମୁଣ୍ଡ ଗଡିଲା



ରାୟଗଡା,୮।୭(ଆନିସ): ପୁଣି ଶିକ୍ଷା ବିଭାଗର ଅଧିନରେ ରହିଥିବା ମଙ୍ଗଳ ବିଭାଗର ହଷ୍ଟେଲ ଛାତ୍ର ମ୍ୟାଲେରିଆରେ ଆକ୍ରାନ୍ତ ହୋଇ ମୃତ୍ୟୁବରଣ କରିଥିବା ଖବର ସାମ୍ନାକୁ ଆସିଛି । ମୃତକ ଜଣଙ୍କ ହେଲେ କୋଲନରା ବ୍ଲକ ସୂରୀ ପଞ୍ଚାୟତର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପଢୁଥିବା ୪ର୍ଥ ଶ୍ରେଣୀ ଛାତ୍ର ଚନ୍ଦୁ ଉଲାକା ୧୦ ବର୍ଷ । ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ସୂଚନାରୁ ଜଣାପଡିଛି ଗତ ୩/୪ ଦିନ ହେଲା ଚନ୍ଦୁଙ୍କୁ ଜ୍ୱର ହୋଇଥିଲା । ଗତକାଲି ଚନ୍ଦୁଙ୍କ ଜ୍ୱର ହୋଇଥିବା ନେଇ ବିଦ୍ୟାଳୟ କର୍ତ୍ତୃପକ୍ଷ ସୂରୀ ଗ୍ରାମରେ କାର୍ଯ୍ୟରତ ଏଏନଏମଙ୍କୁ ସୂଚନା ଦେବା ପରେ ଗତକାଲି ତାଙ୍କ ରକ୍ତ ପରୀକ୍ଷା କରାଯାଇଥିଲା । ଏଥିରେ ମ୍ୟାଲେରିଆ ପଜିଟିଭ ରିପୋର୍ଟ ଆସିଥିବା ଜଣେ ଶିକ୍ଷକ ପ୍ରକାଶ କରିଛନ୍ତି । ମ୍ୟାଲେରିଆ ପଜିଟିଭ୍? ଆସିବା ପରେ ଏଏନଏମ ଜଣଙ୍କ ଚନ୍ଦୁଙ୍କୁ ଔଷଧ ମଧ୍ୟ ଦେଇଥିଲେ । ଆଜି ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଠାରୁ ସୂଚନା ପାଇ ଚନ୍ଦୁର ବାପା ରମେଶ ଉଲାକା ବିଦ୍ୟାଳୟରେ ପହଁଚିଥିଲେ । ଚନ୍ଦୁର ସ୍ୱାସ୍ଥ୍ୟ ଖରାପ ଥିବା ଯୋଗୁଁ ଦରଖାସ୍ତ ଦେଇ ଆଜି ପରିବାରବର୍ଗ ନିଜ ଗ୍ରାମ ଲାଲିବି ନେଇଯାଇଥିଲେ । କିନ୍ତୁ ଅପରାହ୍ନରେ ଚନ୍ଦୁଙ୍କ ଅବସ୍ଥା ଗୁରୁତର ହେବାରୁ ଆମ୍ବୁଲାନ୍ସ ଯୋଗେ କୋଲନରା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଅଣାଯାଇଥିଲା । ସିଏଚସିରେ ପହଁଚିବା ପରେ ଚନ୍ଦୁଙ୍କ ପ୍ରାଣବାୟୁ ଉଡିଯାଇଥିଲା । ମଙ୍ଗଳ ବିଭାଗ ହଷ୍ଟେଲରେ ରହୁଥିବା ଛାତ୍ରଛାତ୍ରୀ ଅସୁସ୍ଥ ହେଲେ ତୁରନ୍ତ ଡାକ୍ତରଖାନାକୁ ଆଣି ଚିକିତ୍ସା କରିବା ପାଇଁ ପ୍ରଶାସନ ତାଗିଦ କରୁଥିଲେ ମଧ୍ୟ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ମାନସିକତା ପରିବର୍ତ୍ତନ ହେଉନାହିଁ । ଏନେଇ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବୁଦ୍ଧଦେବ ତାଡିଙ୍ଗି ସୂଚନା ପ୍ରଦାନ କରି କହିଛନ୍ତି ଯେ ଗତକାଲି ମେଡିକାଲ ଟିମ ବିଦ୍ୟାଳୟ ଆସିଥିଲେ ଏବଂ ରକ୍ତ ପରୀକ୍ଷା କରାଯାଇଥିଲା ଏଥିରେ ୨ଜଣଙ୍କ ମ୍ୟାଲେରିଆ ପଜିଟିଭ ବାହାରିଥିଲା । କୌଣସି ସୂତ୍ରରୁ ଖବର ପାଇ ଆଜି ପରିବାର ଚନ୍ଦୁକୁ ନେଇଥିଲେ ଏବଂ ଏଭଳି ଘଟଣା ଘଟିଛି ବୋଲି ଶ୍ରୀ ତାଡିଙ୍ଗି ସୂଚନା ଦେଇଥିଲେ ।

# ଘୁ.ଉଦୟଗିରି ଏନ.ଏ.ସି ରେ ୨. ୯୫ କୋଟି ମୂଲ୍ୟର ଅଡିଟୋରିୟମ ତଥା ସ୍ମାର୍ଟ ଲାଇବ୍ରେରୀର ଭିତ୍ତିପ୍ରସ୍ତର ସ୍ଥାପନ



ଘୁ.ଉଦୟଗିରି,୮।୭ (ଆନିସ): ନଗର ଓ ଗୃହ ନିର୍ମାଣ ମନ୍ତ୍ରୀ ଡ଼ଃ କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ଦ୍ୱାରା ଆଭାସୀ ମାଧ୍ୟମରେ ସୋମବାର ଦିନ ଘୁ.ଉଦୟଗିରି ବିଜ୍ଞାପିତ ଅଞ୍ଚଳ ପରିଷଦ ପାଇଁ ନୂତନ ଭାବେ ୨.୯୫ କୋଟି ମୂଲ୍ୟର ଅଡିଟୋରିୟମ ତଥା ସ୍ମାର୍ଟ ଲାଇବ୍ରେରୀର ଭିତ୍ତିପ୍ରସ୍ଥର ସ୍ଥାପନ କରାଯାଇଥିଲା। ପରେ ପରିଷଦ ଅଧକ୍ଷା ସୁଶ୍ରୀ ଦେବସ୍ମିତା ଶତପଥିଙ୍କ ଦ୍ୱାରା ପୁରୁଣା ଟାଉନହଲ ଠାରେ ହେବାକୁ ଥିବା ଏହି ପ୍ରକଳ୍ପର ଭିତ୍ତିପ୍ରସ୍ଥର ଫଳକ ସ୍ଥାପନା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଉପାଧକ୍ଷ ସନ୍ତୋଷ କୁମାର ବାଘ, କାଉନସିଲର ଯାକେଶ ପ୍ରଧାନ,ଦୀପକ ନାୟକ, ନନ୍ଦିତା ପ୍ରଧାନ,ସିଧେଶ୍ୱରୀ ନାୟକ, କୁନ୍ତିମା ମଲ୍ଲିକ, ମୋନାଲିସା ଦଳବେହେରା, ଲକ୍ଷ୍ମୀପ୍ରିୟା ପରିଚ୍ଛା,ସଂଗୀତା ନାୟକ, ନିଶାରାଣୀ ନାୟକ, କାର୍ଯ୍ୟ ନିର୍ବାହୀ ଅଧିକାରୀ ଆଶୁତୋଷ ଗୌରବ କର, ପରିଷଦ ବୃନ୍ଦ,ସହକାରୀ ଯନ୍ତ୍ରୀ ଓ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ ଏହି ପ୍ରକଳ୍ପ ସହରବାସୀଙ୍କ ବହୁ ଦିନର ଦାବୀ ରହିଥିଲା ଏବଂ ଉକ୍ତ ପ୍ରକଳ୍ପ ଦ୍ୱାରା ସହରବାସୀ ଉନ୍ନତ ମାନର ସହରୀ ସୁବିଧା ପାଇପାରିବେ ।

# ଲୋକଙ୍କୁ ପିଇବାକୁ ମିଳୁନି ରାଜରାସ୍ତାରେ ଭାସୁଛି ପାଣି
# ବିପର୍ଯ୍ୟସ୍ତ ମେଗା ପାନୀୟ ଜଳ ପ୍ରକଳ୍ପ



କାଳିମେଳା,୮।୭(ଆନିସ): ସରକାର ଗ୍ରାମାଞ୍ଚଳର ଲୋକଙ୍କୁ ସ୍ୱଚ୍ଛ ପାନୀୟ ଜଳ ଯୋଗାଇଦେବା ପାଇଁ କୋଟି କୋଟି ଟଙ୍କା ବ୍ୟୟରେ ମେଗା ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟକାରୀ କରିଛନ୍ତି । ହେଲେ ମାଲକାନଗିରି ଜିଲ୍ଲା କାଳିମେଳା ବ୍ଲକରେ ଏହି ଯୋଜନା ସମ୍ପୂର୍ଣ୍ଣ ରୂପେ ବାଟବଣା ହୋଇଥିବା ଦେଖିବାକୁ ମିଳିଛି । ଭେଙ୍କଟପଲମ୍ ଗ୍ରାମ ନିକଟରେ ନିର୍ମାଣ ହୋଇଥିବା ଏହି ପ୍ରକଳ୍ପର ମୁଖ୍ୟ ପାଇପ୍‌ଲାଇନ୍ ବିଭିନ୍ନ ସ୍ଥାନରେ ଫାଟି ଯାଇଥିବାରୁ ବିଶୁଦ୍ଧ ପାନୀୟ ଜଳ ଗାଁ ଭିତରକୁ ଯିବା ପରିବର୍ତ୍ତେ ଦିନ ଦିନ ଧରି ରାସ୍ତାରେ ବୋହୂଛି । ବିଭାଗୀୟ ଅଧିକାରୀ ଓ ଠିକାଦାରଙ୍କ ଦାୟିତ୍ୱହୀନତା ଯୋଗୁଁ ଅନେକ ଗ୍ରାମକୁ ବିଶୁଧ ପାନୀୟ ଜଳପହଞ୍ଚି ପାରୁନାହିଁ । ମୁଖ୍ୟ ରାସ୍ତା କଡ଼ରେ ପାଇପ୍ ଫାଟି ଜଳ ପ୍ରକଳ୍ପ ନିକଟରେ କୃତ୍ରିମ ହ୍ରଦ ସୃଷ୍ଟି ହୋଇଥିବା ବେଳେ ମରାମତି ପାଇଁ ଦାବି ସତ୍ତ୍ୱେ କୌଣସି ପଦକ୍ଷେପ ନିଆଯାଉ ନ ଥିବା ଅଭିଯୋଗ ହେଉଛି । ସ୍ଥାନୀୟ ବାସିନ୍ଦାଙ୍କ ଅଭିଯୋଗ ଅନୁଯାୟୀ, ଜଳ ସମ୍ପଦ ବିଭାଗକୁ ବାରମ୍ବାର ଜଣାଇବା ପରେ ମଧ୍ୟ କୌଣସି ସୁଫଳ ମିଳିନାହିଁ । ସରକାରୀ ଅର୍ଥର ଏଭଳି ଅପବ୍ୟୟ ଏବଂ ଜନସାଧାରଣଙ୍କ ସମସ୍ୟା ପ୍ରତି ପ୍ରଶାସନର ଉଦାସୀନତାକୁ ନେଇ କାଳିମେଳା ଅଞ୍ଚଳବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ଯଥାଶୀଘ୍ର ଏହି ପାଇପ୍ ମରାମତି କରାଯାଇ ଲୋକଙ୍କ ଘରକୁ ପାଣି ଯୋଗାଇ ଦେବାକୁ ଦାବି ହୋଇଛି ।

# ଜିଲ୍ଲା ଯୋଜନା ବୋର୍ଡ଼ ବୈଠକରେ ବିଧାୟକଙ୍କ ଅସନ୍ତୋଷ



ଜୟପୁର,୮।୭ (ଆନିସ): କୋରାପୁଟ ସ୍ଥିତ ସଦଭାବନା ସଭାଗୃହରେ ୨୨ତମ ଜିଲ୍ଲା ଯୋଜନା କମିଟି ବୈଠକ ଅନୁଷ୍ଠିତ ହୋଇଥିଲା। କୋରାପୁଟ ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡର ଅଧକ୍ଷ ରଘୁରାମ ମାଛଙ୍କ ଅଧକ୍ଷତାରେ ହୋଇଥିବା ଏହି ବୈଠକରେ ଜୟପୁର ବିଧାୟକ ତାରା ପ୍ରସାଦ ବାହିନୀପତି, ଲକ୍ଷ୍ମୀପୁର ବିଧାୟକ ପବିତ୍ର ସାଉଁନ୍ତା, କୋଟପାଡ଼ ବିଧାୟକ ରୂପୁ ଭତ୍ରା, ଜିଲ୍ଲାପାଳ ମନୋଜ ସତ୍ୟୱାନ ମହାଜନଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ। ବୈଠକରେ ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟ ଜଳ ଓ ଗମନାଗମନ ଭଳି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ସମୀକ୍ଷା କରାଯାଇଥିଲା। ତେବେ ବୈଠକରେ ଜିଲ୍ଲାର ବିକାଶ କାର୍ଯ୍ୟର ମନ୍ଥର ଗତି ଏବଂ ଅଧିକାରୀଙ୍କ କାର୍ଯ୍ୟଶୈଳୀକୁ ନେଇ ବିଧାୟକମାନେ ଖୋଲାଖୋଲି ଅସନ୍ତୋଷ ପ୍ରକାଶ କରିଥିଲେ।

ବାରମ୍ବାର ସମୀକ୍ଷା ବୈଠକ ହେଉଥିଲେ ମଧ୍ୟ ଅନେକ ସମସ୍ୟା ରହିଥିବାରୁ ଜନସାଧାରଣ ଆଶାନୁରୂପ ସୁବିଧା ପାଉନଥିବା ପ୍ରସଙ୍ଗ ବୈଠକରେ ଉଠିଥିଲା। କେତେକ ଅଧିକାରୀ ମନଇଚ୍ଛା କାର୍ଯ୍ୟ କରୁଥିବା ଅଭିଯୋଗ କରି ବିଧାୟକମାନେ କହିଥିଲେ, କାମ କରିବାର ଇଚ୍ଛା ନଥିଲେ ସମ୍ପୃକ୍ତ ଅଧିକାରୀମାନେ ଜିଲ୍ଲା ଛାଡ଼ି ଅନ୍ୟତ୍ର ବଦଳି ହୋଇଯିବା ଉଚିତ୍। ଜୟପୁର ବିଧାୟକ ତାରା ପ୍ରସାଦ ବାହିନୀପତି ଉନ୍ନୟନ କାର୍ଯ୍ୟରେ ପିସି କାରବାରକୁ କଡ଼ା ସମାଲୋଚନା କରି ସ୍ୱଚ୍ଛତା କାମ କରିବାକୁ ଆହ୍ୱାନ ଦେଇଥିଲେ। ଅନ୍ୟପକ୍ଷରେ ଜିଲ୍ଲାପାଳ ମନୋଜ ସତ୍ୟୱାନ ମହାଜନ କହିଥିଲେ, ନିର୍ଦ୍ଧାରିତ ମାନ ଅନୁଯାୟୀ କାମ ନକରୁଥିବା ଠିକାଦାରଙ୍କ ବିରୋଧରେ କଡ଼ା ପଦକ୍ଷେପ ନିଆଯିବ ଏବଂ ଆବଶ୍ୟକ ପଡ଼ିଲେ ସେମାନଙ୍କୁ କଳାତାଲିକାଭୁକ୍ତ (ବ୍ଲାକଲିଷ୍ଟ) ମଧ କରାଯିବ। ତେବେ ବୈଠକରେ ଅନେକ ପ୍ରସ୍ତାବ ଓ ପ୍ରତିଶ୍ରୁତି ଆସିଥିବାବେଳେ, ସେଗୁଡ଼ିକ ବାସ୍ତବରେ କେତେ ଶୀଘ୍ର କାର୍ଯ୍ୟକାରୀ ହେବ, ତାହାକୁ ନେଇ ଜିଲ୍ଲାବାସୀଙ୍କ ନଜର ରହିଛି।

# ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ବୃକ୍ଷ ରୋପଣ



ଘୁ.ଉଦୟଗିରି,୮।୭ (ଆନିସ):ଘୁ.ଉଦୟଗିରି ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଠାରେ ମଙ୍ଗଳବାର ଦିନ ବନ ମହୋତ୍ସବ ଉପଲକ୍ଷେ ବୃକ୍ଷ ରୋପଣ ସପ୍ତାହ ପାଳନ ହୋଇଥିଲା। କାର୍ଯ୍ୟକ୍ରମର ଶୁଭାରମ୍ଭ ବିଦ୍ୟାଳୟର ଇକୋ କ୍ଲବ୍? ଦାୟିତ୍ୱରେ ଥିବା ଶ୍ରୀ ନିରଞ୍ଜନ ବାଘଙ୍କ ସମେତ ବିଦ୍ୟାଳୟର ସମସ୍ତ ଛାତ୍ରୀ ,ଶିକ୍ଷକ ଶିକ୍ଷୟିତ୍ରୀ, ତଥା ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ସମେତ କର୍ମଚାରୀ ମଧ୍ୟ ଉପସ୍ଥିତ ଥିଲେ । ବିଦ୍ୟାଳୟରେ ଛାତ୍ରୀ ମାନେ ୧୦୦ ରୁ ଉର୍ଦ୍ଧ ବୃକ୍ଷ ରୋପଣ କରିଥିଲେ। ଫଳନ୍ତି ବୃକ୍ଷ ତଥା ଅନ୍ୟାନ୍ୟ ବୃକ୍ଷ ମାନ ରୋପଣ କରାଯାଇଥିଲା ରୋପଣ କାର୍ଯ୍ୟକ୍ରମ ଶେଷରେ ଏକ ସଭା ଆୟୋଜନ କରାଯାଇଥିଲା। ସଭାରେ ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୀମତି ଯୋତିର୍ମୟୀ କହଁର ଶିକ୍ଷାର୍ଥୀ ମାନଙ୍କୁ ବୃକ୍ଷର ମହତ୍ତ୍ୱ ତଥା ବୃକ୍ଷ ହିଁ ଜୀବନ କାହିଁକି କୁହାଯାଏ ତା ବିଷୟରେ ଶିକ୍ଷାର୍ଥୀଙ୍କୁ ଅଭିଭାଷଣ ରଖିଥିଲେ ଓ ସମସ୍ତ ଶିକ୍ଷାର୍ଥୀ ଓ କର୍ମଚାରୀଙ୍କୁ ଧନ୍ୟବାଦ ଦେଇ କାର୍ଯ୍ୟକ୍ରମ ଶେଷ କରିଥିଲେ।

# ଡାରୱିନ ସ୍ମାରକୀ ସ୍ନାତକ ମହାବିଦ୍ୟାଳୟରେ ଶକ୍ତି ଶ୍ରୀ ସଚେତନତା କାର୍ଯ୍ୟକ୍ରମ




ମାଲକାନଗିରି, ୮।୭ (ଆନିସ): କୁଡୁମୁଲୁଗୁମ୍ମା ସ୍ଥିତ ଡାରୱିନ ସ୍ମାରକୀ ସ୍ନାତକ ମହାବିଦ୍ୟାଳୟ ପରିସରରେ ଶକ୍ତି ଶ୍ରୀ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଅଧକ୍ଷ ଅଶୋକ କୁମାର ପ୍ରଧାନ ସଭାପତିତ୍ୱ କରି, ଛାତ୍ରୀମାନଙ୍କୁ ସମାଜରେ ସଚେତନତା ବୃଦ୍ଧି ଓ ଯୁବ ସମାଜର ଭୂମିକା ବିଷୟରେ ଆଲୋକପାତ କରିଥିଲେ । ଶକ୍ତି ଶ୍ରୀ ସଂଯୋଜିକା ଭାବେ ସଞ୍ଜିତା ଖୋସ୍ଲା ଛାତ୍ରୀ ମାନଙ୍କୁ ଶକ୍ତି ଶ୍ରୀ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଓ ଲକ୍ଷ ସମ୍ପର୍କରେ ଅବଗତ କରିବା ସହିତ ନାରୀର ସୁରକ୍ଷା ଓ ସାବଧାନତା ବିଷୟରେ ଆଲୋଚନା କରିଥିଲେ ।

ଆତ୍ମ ସୁରକ୍ଷା ପ୍ରଶିକ୍ଷଣ ଅଧିକାରିଣୀ ଶ୍ରୀଦେବୀ ପରିଡ଼ା ଆଜିର ସମାଜରେ ନାରୀ କିଭଳି ନିଜକୁ ସୁରକ୍ଷିତ କରିପାରିବ, ସେ ସମ୍ପର୍କରେ ଆଲୋଚନା କରିଥିଲେ ।

ଉକ୍ତ କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର କର୍ମକର୍ତ୍ତା ମଧୁସ୍ମିତା ବିଶ୍ୱାଳ, ଜହନ କୋରା, ତୃପ୍ତିମୟୀ ଜେନା, ବିଶ୍ୱଜିତ ମହାନ୍ତି, କାହ୍ନୁ ସାମଲ ଉପସ୍ଥିତ ରହିଥିଲେ । ଶେଷରେ ପୁନମ ଦାସ ଧନ୍ୟବାଦ ଅର୍ପଣ କରିଥିଲେ ।

# ମାଲକାନଗିରି ମହିଳା ମହାବିଦ୍ୟାଳୟରେ ୭୭ତମ ଜିଲ୍ଲାସ୍ତରୀୟ ବନ ମହୋତ୍ସବ



ମାଲକାନଗିରି,୮।୭ (ଆନିସ): ମାଲକାନଗିରି ମହିଳା ମହାବିଦ୍ୟାଳୟ ପରିସରରେ ୭୭ତମ ଜିଲ୍ଲାସ୍ତରୀୟ ବନ ମହୋତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ମାଲକାନଗିରି ଜିଲ୍ଲାପାଳ, ଆରକ୍ଷୀ ଅଧୀକ୍ଷକ (ଏସପି), ମାନ୍ୟବର ଜିଲ୍ଲା ଜଜ୍, ଜିଲ୍ଲା ପରିଷଦ ସଭାପତି ସମାରି ତଙ୍ଗୁଲ, ମାନ୍ୟବର ସାଂସଦ ଓ ବିଧାୟକଙ୍କ ପ୍ରତିନିଧି, ବିଏସଏଫ ଅଧିକାରୀ, ଭିଏସଏସ ସଦସ୍ୟ, ବନ ବିଭାଗର କର୍ମଚାରୀ, ଛାତ୍ରଛାତ୍ରୀ ଏବଂ ସ୍ଥାନୀୟ ଜନସାଧାରଣ ଉପସ୍ଥିତ ଥିଲେ।

ମାଲକାନଗିରି ବନଖଣ୍ଡ ଅଧିକାରୀ (ଡିଏଫଓ) ଙ୍କ ଦ୍ୱାରା ଆୟୋଜିତ ଏହି ଉତ୍ସବରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଆୟୋଜନ କରାଯାଇ ପ୍ରାୟ ୨୦୦ ବୃକ୍ଷ ଚାରା ରୋପଣ କରାଯାଇଥିଲା। ଜଙ୍ଗଲ ଓ ବନ୍ୟପ୍ରାଣୀ ସୁରକ୍ଷା ସହ ଜଙ୍ଗଲ ନିଆଁ ନିର୍ବାପନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ରାଜୁଲକୋଣ୍ଡା ଭିଏସଏସକୁ ଉପଖଣ୍ଡ ସ୍ତରୀୟ 'ମୁଖ୍ୟମନ୍ତ୍ରୀ ପୁରସ୍କାର'ରେ ସମ୍ମାନିତ କରାଯାଇଛି। ଏହା ସହିତ ନିରନ୍ତର ନଜର ରଖିବା ଏବଂ ସ୍ଥାନୀୟ ଲୋକଙ୍କ ସକ୍ରିୟ ସହଯୋଗ ଦ୍ୱାରା ଜଙ୍ଗଲ ନିଆଁ ଲାଗୁ ଥିବା କ୍ଷେତ୍ର ଗୁଡିକୁ ଶୂନ୍ୟକୁ ହ୍ରାସ କରିଥିବାରୁ କୁଡୁମୁଲୁଗୁମ୍ମା ସେକ୍ସନ ଏବଂ ଡଙ୍କରାଇ ସେକ୍ସନ ସମେତ ସେମାନଙ୍କ କ୍ଷେତ୍ର କର୍ମଚାରୀ, ଅଗ୍ନିଶମ ସ୍କ୍ୱାଡ୍ ସଦସ୍ୟ ଓ ସ୍ଥାନୀୟ ଗ୍ରାମବାସୀଙ୍କୁ ଶ୍ରେଷ୍ଠ ପ୍ରଦର୍ଶନକାରୀ ସେକ୍ସନ ଭାବେ ସମ୍ବର୍ଦ୍ଧିତ କରାଯାଇଛି।

ଏଥି ସହ ଜଙ୍ଗଲ ଓ ବନ୍ୟପ୍ରାଣୀ ସଂରକ୍ଷଣ ଉପରେ ଆୟୋଜିତ ପ୍ରବନ୍ଧ ଓ ଚିତ୍ରାଙ୍କନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀ ଛାତ୍ରଛାତ୍ରୀମାନଙ୍କୁ ମଧ୍ୟ ଏହି ଅବସରରେ ପୁରସ୍କୃତ କରାଯାଇଥିଲା। ପରିବେଶ ସଂରକ୍ଷଣରେ ଜନସାଧାରଣଙ୍କ ସହଭାଗିତା ବୃଦ୍ଧି କରିବା ଉଦ୍ଦେଶ୍ୟରେ ଲୋକଙ୍କୁ ଚାରା ବଣ୍ଟନ କରାଯାଇ କାର୍ଯ୍ୟକ୍ରମକୁ ସଫଳତାର ସହ ସମାପ୍ତ କରାଯାଇ ଥିଲା ।

# ସରକାରୀ ଡିଗ୍ରୀ କଲେଜର କୋଠା ନିର୍ମାଣ ଅନିଶ୍ଚିତତା



ଥୁଆମୂଳ ରାମପୁର,୮।୭ (ଆନିସ): କଳାହାଣ୍ଡି ଜିଲ୍ଲାର ଆଦିବାସୀ ଅଧ୍ୟୁଷିତ ଅଞ୍ଚଳର ଛାତ୍ରଛାତ୍ରୀ ମାନଙ୍କ ଭବିଷ୍ୟତ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି, ଏହି ବ୍ଲକରେ ଉଚ୍ଚ ଶିକ୍ଷାର ବ୍ୟବସ୍ଥା ନଗ୍ନଚିତ୍ର ଏବେ ଜକଜକ ହୋଇ ଦେଖାଦେଇଛି। ଅଞ୍ଚଳରେ ଉର୍ଚ୍ଚ ଶିକ୍ଷାର ଉନ୍ନତି ପାଇଁ ଦୀର୍ଘ ଦିନର ଦାବି ପରେ ସରକାରୀ ଡିଗ୍ରୀ କଲେଜ ସ୍ଥାପନ ଅନୁମତି ମିଳିଲା ସତ କିନ୍ତୁ ଆଜି ପର୍ଯ୍ୟନ୍ତ ସରକାରୀ ଡିଗ୍ରୀ କଲେଜର ନିଜସ୍ୱ ସ୍ଥାୟୀ କୋଠା ଟିଏ ନିର୍ମାଣ ହୋଇପାରି ନାହିଁ। ଫଳରେ ଛାତ୍ରଛାତ୍ରୀ, ଅଭିଭାବକ ଓ ସାଧାରଣ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ଶିକ୍ଷା କ୍ଷେତ୍ରରେ ଦୀର୍ଘ ଦିନରୁ ଅବହେଳା ଶିକ୍ଷା, ସ୍ୱାସ୍ଥ୍ୟ ଓ ଗମନାଗମନ ଭଳି ମୌଳିକ ସୁବିଧାରୁ ବଞ୍ଚିତ ଅଞ୍ଚଳବାସୀ। ବିଶେଷ କରି ଉଚ୍ଚଶିକ୍ଷା କ୍ଷେତ୍ରରେ ଏଠିକାର ଗରିବ ଓ ଆଦିବାସୀ ପରିବାର ଘରର ଛାତ୍ରଛାତ୍ରୀ ଦୀର୍ଘବର୍ଷ ଧରି ଅସୁବିଧା ଭୋଗି ଆସୁଛନ୍ତି। ଦଶମ ଶ୍ରେଣୀ ପାସ କରିବା ପରେ ଉଚ୍ଚଶିକ୍ଷା ପାଇଁ ଭବାନୀପାଟଣା କିମ୍ବା ରାୟଗଡ଼ା ଭଳି ବିଭିନ୍ନ ସ୍ଥାନ ଦୂରଦୂରାନ୍ତ ଅଞ୍ଚଳକୁ ଯିବାକୁ ହୋଇଥାଏ ଏହାଫଳରେ ଗରିବ ଲୋକମାନଙ୍କ ଶପୁଅଝିଅ ଅର୍ଥାଭାବରୁ ବଞ୍ଚିତ ହୋଇ ଅନେକ ଗରିବ ଛାତ୍ରଛାତ୍ରୀ ପାଠପଢା ଛାଡ଼ି ଦେଉଥିବା ନଜିର ରହିଛି। ସ୍ଥାନୀୟ ବୁଦ୍ଧିଜୀବୀ ଓ ଜନସାଧାରଣଙ୍କ ଉଦ୍ୟମରେ ୧୯୯୭ ମସିହାରେ 'ମା' ମାଣିକେଶ୍ୱରୀ ପଞ୍ଚାୟତ ସମିତି ଯୁକ୍ତଦୁଇ ବେସରକାରୀ କଲେଜ' ସ୍ଥାପନହୋଇଥିଲା। ପରେ ଏହା ବ୍ଲକଗ୍ରାଣ୍ଟ ଅନୁଦାନପ୍ରାପ୍ତ ଶିକ୍ଷାନୁଷ୍ଠାନ ଭାବେ ସ୍ୱୀକୃତି ପାଇଥିଲା। ଏହି କଲେଜ ମାଧ୍ୟମରେ ହଜାର ହଜାର ଛାତ୍ରଛାତ୍ରୀ ଉଚ୍ଚମାଧ୍ୟମିକ ଶିକ୍ଷାର ସୁଯୋଗ ପାଇଥିଲେ। ତଥାପି ଡିଗ୍ରୀ ସ୍ତରର ଶିକ୍ଷା ପାଇଁ ଅଞ୍ଚଳରେ ସରକାରୀ କଲେଜ ନଥିବାରୁ ଯୁବପିଢ଼ିର ଭବିଷ୍ୟତ ଅନିଶ୍ଚିତତା ମଧ୍ୟରେ ରହିଯାଇଥିଲା। ପରବର୍ତ୍ତୀ ସମୟରେ ଏହାକୁ ନେଇ ଦୀର୍ଘଦିନ ଧରି ଏକ ମଡେଲ ଡିଗ୍ରୀ କଲେଜ ସ୍ଥାପନ ପାଇଁ ଦାବି ହୋଇଆସୁଥିଲା। ଗତ ନବୀନ ପଟ୍ଟନାୟକଙ୍କ ସରକାରରେ ୪ ଜାନୁଆରୀ ୨୦୨୪ ରେ ଥୁଆମୂଳ ରାମପୁର ସମେତ ରାଜ୍ୟର ବିଭିନ୍ନ ଉପାନ୍ତ ଅଞ୍ଚଳରେ ୧୮ଟି ନୂତନ ସରକାରୀ ଡିଗ୍ରୀ କଲେଜ ସ୍ଥାପନ ନେଇ ନିର୍ଦ୍ଦେଶନାମା ପ୍ରକାଶ ପାଇଥିଲା। ପରବର୍ତ୍ତି ସମୟରେ ଉଚ୍ଚ ଶିକ୍ଷା ବିଭାଗ ପକ୍ଷରୁ ଭର୍ଚୁଆଲ ମୋଡରେ କଲେଜର ଉଦ୍‌?ଘାଟନ ମଧ୍ୟ ଶେଷ ହୋଇଯାଇଥିଲା। କିନ୍ତୁ ଭିତ୍ତିଭୂମି ଅଭାବ ବର୍ତ୍ତମାନ ସମଗ୍ର ବ୍ୟବସ୍ଥାକୁ ପ୍ରଶ୍ନବାଚୀ ସହିତ ସମ୍ମୁଖୀନ ହେବାକୁ ପଡିଛି। ବର୍ତ୍ତମାନ ସରକାରୀ ଡିଗ୍ରୀ କଲେଜଟି ଉଚ୍ଚ ମାଧ୍ୟମିକ ଯୁକ୍ତ ବିଦ୍ୟାଳୟ କୋଠାରେ ଥିବା ଅତିରିକ୍ତ ଗୃହର ମାତ୍ର ଦୁଇଟି କୋଠରୀରେ ଚାଲୁଛି। ସରକାରୀ ଡିଗ୍ରୀ କଲେଜର ତିନୋଟି ଶ୍ରେଣୀର ପ୍ରାୟ ୨୦୦ ଜଣ ଛାତ୍ରଛାତ୍ରୀ ଏଠାରେ ପାଠପଢୁଥିବା ଜଣାପଡିଛି। ସେଠାରେ ପୁଣି କୋଠା ଅଭାବରୁ ନିୟମିତ ଶ୍ରେଣୀ ପରିଚାଳନାରେ ବାଧା ସୃଷ୍ଟି ହେଉଥିବା ଜଣାପଡିଛି। କଲେଜରେ ଲାଇବ୍ରେରୀ, ପ୍ରୟୋଗଶାଳା, କମନ ରୁମ୍, ପାନୀୟ ଜଳ ଓ ଶୌଚାଳୟ ଭଳି ମୌଳିକ ସୁବିଧାର ଅଭାବ ସ୍ପଷ୍ଟ ଭାବେ ଦେଖାଦେଇଛି। ଏହାବ୍ୟତୀତ ବର୍ଷା ଦିନରେ ପରିସ୍ଥିତି ଆହୁରି ଜଟିଳ ହୋଇପଡୁଥିବାରୁ ଛାତ୍ରଛାତ୍ରୀ ଓ ଅଭିଭାବକ ମାନେ ଚିନ୍ତାରେ ରହୁଛନ୍ତି। ଡିଗ୍ରୀ କଲେଜର ନିଜସ୍ୱ କୋଠା ନିର୍ମାଣ ପାଇଁ ଟେଣ୍ଡର ପ୍ରକ୍ରିୟାର ସୂଚନା ମଧ୍ୟ ମିଳିଛି ତଥାପି ଆଜି ଯାଏଁ ଏହାର ଚୁଡାନ୍ତ ଫଳ ମିଳିପାରିନାହିଁ। ତେବେ କେବେ ଟେଣ୍ଡର ହେବ, କେବେ କୋଠା ନିର୍ମାଣ କାମ ଆରମ୍ଭ ହେବ ଏବଂ କେବେ ଛାତ୍ରଛାତ୍ରୀ ସ୍ଥାୟୀ କୋଠାରେ ପାଠ ପଢ଼ିବେ, ତାହାକୁ ନେଇ ଅଞ୍ଚଳରେ ନାନାଦି ପ୍ରଶ୍ନବାଚୀସୃଷ୍ଟି କରୁଛି । ସ୍ଥାନୀୟ ବୁଦ୍ଧିଜୀବୀ, ଅଭିଭାବକ ଓ ଛାତ୍ରଛାତ୍ରୀମାନେ ଯାଥାଶୀଘ୍ର ଡିଗ୍ରୀ କଲେଜ ନିର୍ମାଣ ପାଇଁ ଶିଳାନ୍ୟାସ କରି ନିର୍ମାଣ କାର୍ଯ୍ୟ ଆରମ୍ଭ କରିବାକୁ ସରକାରଙ୍କୁ ଦାବି ଜଣାଇଛନ୍ତି। ସ୍ଥାୟୀ ଡିଗ୍ରୀ କଲେଜ କୋଠା ନିର୍ମାଣ କରାଯିବ ତେବେ ଯାଇ ଅଞ୍ଚଳରେ ଉଚ୍ଚଶିକ୍ଷାର ସୂର୍ଯ୍ୟୋଦୟ ହେବ ତେବେ ଯାଇ ଗରିବ ଆଦିବାସୀ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଉଜ୍ଜ୍ୱଳ ହୋଇପାରେ ବୋଲି ଅଞ୍ଚବାସୀ ଆଶାପୋଷଣ କରିଥିବା ଜଣାଯାଏ।

# ଯୋଗ୍ୟ ହିତାଧିକାରୀଙ୍କ ବଦଳରେ ସ୍ୱଚ୍ଛଳ ବର୍ଗଙ୍କ ନାମ ତାଲିକ ପ୍ରକାଶ ପାଇଛି

ଖପ୍ରାଖୋଲ ୨୫।୦୬ (ଆନିସ) (ରୁପେନ୍ଦ୍ର ମୁଣ୍ଡା) : ଗ୍ରାମାଞ୍ଚଳରେ ବସବାସ କରୁଥିବା ସାଧାରଣ ଲୋକଟିଏ କିପରି ସୁରୁଖୁରୁରେ ଜୀବନଯାପନ କରିପାରିବ ସରକାର ଯୋଜନା ପରେ ଯୋଜନା ପ୍ରଣୟନ କରୁଛନ୍ତି ଏବଂ ରାଜକୋଷରୁ କୋଟି କୋଟି ଟଙ୍କା ବ୍ୟୟବରାଦ କରୁଛନ୍ତି । ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଅଧୀନରେ ପକ୍କା ଘର ଖଣ୍ଡେ ପାଇବାପାଇଁ ସ୍ୱପ୍ନ ଦେଖୁଥାନ୍ତି ଅନେକ ଗରିବ ଲୋକ। କିନ୍ତୁ ତାଙ୍କର ସ୍ୱପ୍ନ ସ୍ୱପ୍ନ ରେ ରହିଯାଇଛି ଯୋଗ୍ୟ ହିତାଧିକାରୀ ଯୋଜନାରେ ସାମିଲ ହୋଇପାରୁ ନାହାନ୍ତି । ଆବାସ ଯୋଜନା ନାମରେ ବ୍ୟାପକ ଅନିୟମିତତା ଅଭିଯୋଗ ହୋଇଛି । ଚୂଡାନ୍ତ ତାଲିକା ପ୍ରକାଶ ପାଇଛି ହେଲେ ନାହିଁ ସମ୍ପୂର୍ଣ ଗରିବ ଲୋକଙ୍କ ନାମ । ଯୋଗ୍ୟ ହିତାଧିକାରୀଙ୍କୁ ବାଦ୍ ଦେଇ ଅଯୋଗ୍ୟ ପାଇବାକୁ ଯାଉଛନ୍ତି ଘର । 'ଆବାସ' ଚିଠା ତାଲିକା ନେଇ ବ୍ଲକର ୧୩ ଟି ପଞ୍ଚାୟତରେ ଅସନ୍ତୋଷ ବଢୁଛି । ପଞ୍ଚାୟତ କାର୍ଯ୍ୟାଳୟ ଓ ଅନ୍ୟ ସର୍ବସାଧାରଣ ସ୍ଥାନରେ 'ଆବାସ' ହିତାଧିକାରୀଙ୍କ ଚିଠା ତାଲିକା ଝୁଲିବା ପରେ ଏହାକୁ ଦେଖି ଲୋକେ ଅସନ୍ତୋଷ ଅସନ୍ତୁଷ୍ଟ ପ୍ରକାଶ କରୁଛନ୍ତି । ଯୋଗ୍ୟ ହିତାଧିକାରୀ ବଞ୍ଚିତ ହୋଇଥିବା ବେଳେ ତାଲିକାରେ ସ୍ୱଚ୍ଛଳ ବର୍ଗର ବ୍ୟକ୍ତିଙ୍କ ନାଁ ଦେଖିବାକୁ ମିଳୁଛି । ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ଖଣ୍ଡିଏ ପାଇବା ପାଇଁ ଦରିଦ୍ର୍ୟ ସୀମାରେଖା ତଳେ ଥିବା ସାଧାରଣ ଲୋକ ଟିଏ ବର୍ଷ ବର୍ଷ ଧରି ଚାତକ ପରି ଚାହିଁ ବସିଥିବା ବଳେ ଏବେ ପ୍ରାୟ ପଞ୍ଚାୟତ ଗୁଡିକରେ ଅଧାରୁ ଅଧିକ ଧନୀ ଶ୍ରେଣୀର ଲୋକଙ୍କ ନାମ ତାଲିକା ପ୍ରକାଶ ପାଇଛି । ଗରିବ ନିରୀହ ଲୋକଙ୍କ ନାଁ ଗୁଡିକୁ ଜାଣି ଶୁଣି ତାଲିକାରୁ ରୁ ବାଦ ଦେଇଥିବାର ମାଳମାଳ ଅଭିଯୋଗ ସାମ୍ନାକୁ ଆସିଲାଣି । ଏଭଳି ଦୁର୍ନୀତି ବିରୋଧରେ ରାଜ୍ୟ ସରକାରଙ୍କ ଦୃଷ୍ଟି ଗୋଚର କରିବା ସହିତ ଯୋଗ୍ୟ ହିତାଧିକାରୀଙ୍କୁ ଚିହ୍ନଟ କରି ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବା ପାଇଁ ସରକାରଙ୍କୁ ଅନୁରୋଧ ।

# କାଳ ହେଲା ଲଗାଣ ବର୍ଷା, ଦବିଗଲା ରାସ୍ତା

ଚଣ୍ଡିଖୋଲ ୦୮।୦୭ : ଏ କି ପ୍ରକାର କାମ । ଗୋଟିଏ ପଟେ ଠିକ୍ ଭାବେ କାମ ହେଉନାହିଁ । ଅନ୍ୟ ପଟେ କାମ ହୋଇଥିବା ରାସ୍ତା ଦବିଯାଉଛି । କିଛି ଦିନ ଧରି ଲଗାଣ ବର୍ଷାରେ ଦବିଗଲା ଚଣ୍ଡିଖୋଲ ଦେଇ ଯାଇଥିବା ୫୩ ନମ୍ବର ଜାତୀୟ ରାଜପଥ ।ଚଣ୍ଡିଖୋଲ ଠାରୁ କଳିଙ୍ଗନଗର ଦେଇ ଯାଇଥିବା ୫୩ ନମ୍ବର ଜାତୀୟ ରାଜପଥ ସଂପ୍ରସାରଣ କାମ ବହୁ ବର୍ଷ ଧରି ଅଟକି ରହିଥିଲା । ଶେଷରେ ଚଣ୍ଡିଖୋଲ ଠାରେ ନୂତନ ଭାବେ ଜାତୀୟ ରାଜପଥ କାର୍ଯ୍ୟ ନିର୍ମାଣ ହୋଇଥିଲା । ହେଲେ ଲଗାଣ ବର୍ଷା ଲାଗି ଜାତୀୟ ରାଜପଥ ଦବିଯାଇଛି । ଦୁଇ ଦିନ ଧରି ଲଗାଣ ବର୍ଷାରେ ଦେଢ ଶହ



ମିଟର ରାସ୍ତା ଦବିଯାଇଥିବା ବେଳେ ରାସ୍ତା ଫାଟି ଆଁ କରିଛି । ଯାହାକି ରାସ୍ତାର ସ୍ଥାୟୀତ୍ୱକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି ।
ଚଣ୍ଡିଖୋଲ ଠାରୁ କଳିଙ୍ଗନଗର ଶିଳ୍ପାଞ୍ଚଳକୁ ସଂଯୋଗ କରୁଥିବା ଏହି ଜାତୀୟ ରାଜପଥ ବହୁ ଗୁରୁତ୍ୱ ବହନ କରିଥାଏ । ବହୁ ସଂଖ୍ୟାରେ ଗାଡ଼ି ଯିବା ଆସିବା କରୁଛି । ହେଲେ ଲଗାଣ ବର୍ଷାରେ ରାସ୍ତା ଫାଟି ଆଁ କରିଛି । ଠିକାସଂସ୍ଥା ପକ୍ଷରୁ ହେଉଥିବା ରାସ୍ତା କାମ ଉପରେ ପ୍ରଶ୍ନ ଉଠାଇଛନ୍ତି ସ୍ଥାନୀୟ ଲୋକେ । ଜାତୀୟ ରାଜପଥ ବିପଦସଙ୍କୁଳ ଅବସ୍ଥାରେ ରହୁଥିବା ବେଳେ ଲୋକେ ଗମନାଗମନ ପାଇଁ ଅନେକ ସମସ୍ୟା ଦେଖାଯାଉଛି । ଏ ଦିଗରେ କର୍ତ୍ତୃପକ୍ଷ ସଠିକ ପନ୍ଥା ଆପଣାଇବା ପାଇଁ ସ୍ଥାନୀୟ ଲୋକେ ଦାବି କରିଛନ୍ତି । ସେହିପରି ବର୍ଷା ଜଳ ପାଇଁ ଡ୍ରେନେଜ ହୋଇପାରିନଥିବାରୁ ରାସ୍ତା ଦବିଯାଇଛି ବୋଲି କେହି କେହି ଦାବି କରୁଛି । ଏହି ରାସ୍ତାର କାମ ଖୁବଶୀଘ୍ର ହେବ ବୋଲି ସଂପୃକ୍ତ ଠିକାସଂସ୍ଥା ପକ୍ଷରୁ କୁହାଯାଇଛି ।

# ଦଶମ ବାର୍ଷିକ ସେବା ମହୋତ୍ସବ

ନୟାଗଡ଼, ୮/୭ (ଆନିସ): ନୟାଗଡ଼ ସେବା ଉତ୍ସବ ସମିତି ପକ୍ଷରୁ ଦଶମ ବାର୍ଷିକ ଜିଲ୍ଲାବ୍ୟାପି ସେବା ମହୋତ୍ସବ ଉଦଘାଟିତ ହୋଇଯାଇଛି ସବୁ ବର୍ଷ ପରି ଅତିଥି ମଞ୍ଚ ନ ହୋଇ ନିଆରା ଢଙ୍ଗରେ ଉଦଘାଟିତ ହୋଇଛି ସେବା ମହୋତ୍ସବ ଗୋସେବା କାର୍ଯ୍ୟକ୍ରମରୁ ଚଳିତ ବର୍ଷର ଦଶମ ବାର୍ଷିକ ଜିଲ୍ଲବ୍ୟାପୀ ସେବା ମହୋତ୍ସବ ଉଦଘାଟିତ ହୋଇଯାଇଛି ଏହି ଅବସରରେ ସେବା ଉତ୍ସବ ସମିତି ଅଧକ୍ଷ ଶିବରାମ ମହାପାତ୍ରଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମା ହରଚଣ୍ଡୀ ଗୋଶାଳାରେ ଗୋମାତା ମାନଙ୍କର




ସେବା କରାଯିବା ସହ ଖାଦ୍ୟ ବଣ୍ଟନ କରାଯାଇଥିଲା ପରେ ପରେ ନୟାଗଡ଼ ସହରର ବିଭିର୍ଣ୍ଣ ସ୍ଥାନରେ ବୁଲା ଗାଈଗୋରୁ ମାନଙ୍କୁ ଖାଦ୍ୟ ବଣ୍ଟନ କରାଯିବା ସହ ସଫେଇ କରାଯାଇଥିଲା। ପ୍ରାୟ ୨୦୦ଗୋମାତା ଓ ନନ୍ଦୀ ମହାରାଜଙ୍କୁ ଏହି ଅବସରରେ ସେବା ଯୋଗାଯାଇଥିଲା ଏହି କାର୍ଯ୍ୟକ୍ରମକୁ ସେବା ସମିତି ସଦସ୍ୟ ପରମେଶ୍ୱର ସାହୁ, ଆଦିତ୍ୟ ପାଳ, ସତ୍ୟ ବେହେରା,ବିଶ୍ୱଜିତ ମହାନ୍ତି ସୁମନ ଦାସ, ଆଶିଷ କୁମାର ନାୟକ, ସ୍ୱାଗତ ବାଇ, ଉମାକାନ୍ତ ମହାପାତ୍ର, ସତ୍ୟରଞ୍ଜନ ସାହୁ, ଆଶୁତୋଷ ସାହୁ, ଅଂଶୁମାନ ସେଠି, ଲକ୍ଷ୍ମୀଧର ବେହେରା , ଓମପ୍ରକାଶ ସାହୁ, ଅବିନାଶ ସାହୁ, ଓମକାର ସାହୁ, ପ୍ରମୋଦ କୁମାର ସାହୁ, ଗଗନ ନାୟକ , ଆଦିତ୍ୟ ପାଳ, ସିଲୁ ବରାଡ଼ ଜୟନ୍ତ କୁମାର ବାରିକ, ସୁମନ୍ତ ସାହୁ ପ୍ରମୁଖ ପରିଚାଳନା କରିଥିଲେ ଆଜିଠାରୁ ଆରମ୍ଭ ହୋଇଥିବା ଏହି ମହୋତ୍ସବ ଆସନ୍ତା ୨୦ତାରିଖ ଯାଏଁ ଜିଲ୍ଲାର ସମସ୍ତ ଆଠୋଟି ବ୍ଲକରେ ଅନୁଷ୍ଠିତ ହେବ ବୋଲି ସମିତି ପକ୍ଷରୁ ସୂଚନା ଦିଆଯାଇଛି

# ସୁନ୍ଦରଗଡ଼ ଜିଲ୍ଲାରେ ୫୦ ସେତୁ ଅଧପନ୍ତରିଆ

ରାଉରକେଲା, ୮।୭ (ଆନିସ):ସୁନ୍ଦରଗଡ଼ ଜିଲ୍ଲାରେ ସେତୁ ନିର୍ମାଣର ଗତି ବେଶ୍ ମନ୍ଥର। ନିର୍ମାଣ ଅବଧି ସରିଲାଣି, କିନ୍ତୁ ନିର୍ମାଣ କାର୍ଯ୍ୟ ସରୁନି। ଫଳରେ ଗ୍ରାମବାସୀ ଜୀବନକୁ ବାଜି ଲଗାଇ ନଦୀ ପାର ହେଉଥିବା ପରିଲକ୍ଷିତ ହୁଏ। ଜିଲ୍ଲାରେ ଗତ ୧୫ ବର୍ଷ ମଧ୍ୟରେ ମୋଟ ୧୯୩ଟି ସେତୁ ପ୍ରକଳ୍ପ ଅନୁମୋଦିତ ହୋଇଥିଲା। କିନ୍ତୁ ଏ ପର୍ଯ୍ୟନ୍ତ ୧୪୩ଟି ସେତୁର ନିର୍ମାଣ ସମ୍ପନ୍ନ ହୋଇଥିବାବେଳେ ୫୦ଟି ସେତୁ (୨୦.୭୨%)ର ନିର୍ମାଣ କାର୍ଯ୍ୟ ଅଧୁରା ରହିଛି। ଫଳରେ ଉନ୍ନତମାନର ଗମନାଗମନ ସୁଯୋଗ ପ୍ରଦାନ କରିବାର ଉଦ୍ଦେଶ୍ୟ, ଅପୂରଣୀୟ ହୋଇ ରହିଛି। ବିଜୁ ସେତୁ ଯୋଜନା (ବିଏସ୍ୱାଇ), ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା (ପିଏମ୍‌ଜିଏସ୍ୱାଇ) ତଥା ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ଅଧୀନରେ ସୁନ୍ଦରଗଡ଼ ଜିଲ୍ଲା ପାଇଁ ୧୯୩ଟି ସେତୁ ପ୍ରକଳ୍ପ ଅନୁମୋଦିତ ହୋଇଥିଲା। ଏଥିମଧ୍ୟରୁ ବିଜୁ ସେତୁ ଯୋଜନାରେ ୧୧୫ଟି ପ୍ରକଳ୍ପ ଅନୁମୋଦିତ ହୋଇଥିଲା। ଏଥିମଧ୍ୟରୁ ୬୭ଟି ସେତୁର ନିର୍ମାଣ ଶେଷ ହୋଇଥିବାବେଳେ ୪୮ଟି ପ୍ରକଳ୍ପ ନିର୍ମାଣାଧୀନ ଅବସ୍ଥାରେ। ସେହିଭଳି ପିଏମ୍‌ଜିଏସ୍ୱାଇରେ ଅନୁମୋଦିତ ୭୬ଟି ପ୍ରକଳ୍ପ ମଧ୍ୟରୁ ୭୫ଟି ଶେଷ ହୋଇଥିବାବେଳେ ୧ ସେତୁର ନିର୍ମାଣ ଚାଲିଛି।ଏତଦ୍‌ବ୍ୟତୀତ ରାଜ୍ୟ ଯୋଜନାରୁ ୧ଟି ପ୍ରକଳ୍ପ ଶେଷ ହୋଇଥିବାବେଳେ ଅନ୍ୟ ପ୍ରକଳ୍ପ ପ୍ରାକ୍ ନିର୍ମାଣ ପ୍ରକ୍ରିୟାରେ ରହିଛି। ବିଡ଼ମ୍ବନା, ନିର୍ମାଣାଧୀନ ୫୦ଟି ପ୍ରକଳ୍ପ ମଧ୍ୟରୁ ବାସ୍ତବରେ ୧୦ଟି ପ୍ରକଳ୍ପର ନିର୍ମାଣ ଆରମ୍ଭ ହୋଇଥିବାବେଳେ ୪୦ଟି ପ୍ରକଳ୍ପ ପ୍ରାକ୍‌ନିର୍ମାଣ ପ୍ରକ୍ରିୟା, ଅର୍ଥାତ୍ ସର୍ବେକ୍ଷଣ, ମୃତ୍ତିକା ଅନୁସନ୍ଧାନ, ନକ୍ସା, ବିସ୍ତୃତ ପ୍ରକଳ୍ପ ରିପୋର୍ଟ (ଡିପିଆର) ପ୍ରସ୍ତୁତି, ଟେଣ୍ଡର ପ୍ରକ୍ରିୟାରେ ଝୁଲି ରହିଛି। ସେତୁ ନିର୍ମାଣରେ ଅହେତୁକ ବିଳମ୍ବ ଯୋଗୁ ଯୋଗାଯୋଗ ଏକପ୍ରକାର ବିଚ୍ଛିନ୍ନ ହୋଇ ପଡ଼ିଥିବାରୁ, ବାଧ ହୋଇ ଶତାଧିକ ଗ୍ରାମବାସୀ, ସ୍କୁଲ କଲେଜ ଛାତ୍ରଛାତ୍ରୀ ଦୈନନ୍ଦିନ ଜୀବନରେ ନିଜ ଜୀବନକୁ ବାଜି ଲଗାଇ ପାଦରେ ଚାଲି ଚାଲି ନଦୀ ପାର ହେଉଥିବା ଦେଖିବାକୁ ମିଳୁଛି। ବିଶେଷକରି ବର୍ଷା ଦିନେ ଏମାନଙ୍କ ଦୁର୍ଦ୍ଦଶା ଦ୍ୱିଗୁଣିତ ହେଉଛି। ପ୍ରକଳ୍ପ କାର୍ଯ୍ୟର ଅଗ୍ରଗତି ଏତେ ଧୀମା ଯେ ବର୍ଷ ବର୍ଷ ବିତିଯାଇଥିଲେ ମଧ୍ୟ ଅନେକ ସ୍ଥାନରେ କେବଳ ଖୁଣ୍ଟ ଠିଆ ହୋଇ ରହିଛି, ଯାହା ପ୍ରଶାସନର କାର୍ଯ୍ୟଦକ୍ଷତା ଉପରେ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଠିକାଦାରଙ୍କ ମନମୁଖୀ କାର୍ଯ୍ୟ ଓ ତଦାରଖର ଅଭାବ ଯୋଗୁ ଅବଧି ବଢି ଚାଲିଛି।

# ରଥଯାତ୍ରା ପାଇଁ ସମନ୍ୱିତ ସୁରକ୍ଷା ପ୍ରସ୍ତୁତି ନେଇ ଉଚ୍ଚସ୍ତରୀୟ ସମନ୍ୱୟ ବୈଠକ

ପୁରୀ, ୮।୭ (ଆନିସ): ପବିତ୍ର ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ରଥଯାତ୍ରା ୨୦୨୬ର ସୁରକ୍ଷିତ, ଶୃଙ୍ଖଳିତ ଓ ସୁଚାରୁ ପରିଚାଳନାକୁ ସର୍ବୋଚ୍ଚ ପ୍ରାଥମିକତା ଦେଇ ଆଜି ପୁରୀ ପୁଲିସ ପକ୍ଷରୁ ଜିଲ୍ଲା ପୁଲିସ କାର୍ଯ୍ୟାଳୟ (ଡିପିଓ), ପୁରୀଠାରେ ଏକ ଉଚ୍ଚସ୍ତରୀୟ ସମନ୍ୱୟ ବୈଠକ ଆୟୋଜିତ ହୋଇଥିଲା। ବୈଠକରେ ପୁରୀ ଏସ୍ପି ପୁରୀ ଶ୍ରୀ ପ୍ରତୀକ ସିଂ ଅଧକ୍ଷତା କରି ସମସ୍ତ ସମ୍ପୃକ୍ତ ବିଭାଗ ମଧ୍ୟରେ ସମନ୍ୱୟ ଓ ସଜାଗତା ବୃଦ୍ଧି ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ବୈଠକରେ ପୁରୀ ପୁଲିସର ବରିଷ୍ଠ ଅଧିକାରୀମାନଙ୍କ ସହ ଜିଲ୍ଲା ପ୍ରଶାସନ, ଅଗ୍ନିଶମ ସେବା, ସ୍ପେଶାଲ୍ ଅପରେସନ୍ ଗ୍ରୁପ୍ , ରେଳବାଇ, ସ୍ୱାସ୍ଥ୍ୟ ବିଭାଗ ଏବଂ ଅନ୍ୟାନ୍ୟ ସମ୍ପୃକ୍ତ ବିଭାଗର ଅଧିକାରୀମାନେ ଉପସ୍ଥିତ ରହିଥିଲେ। ରଥଯାତ୍ରା ସମୟରେ ବିଭିନ୍ନ ବିଭାଗ ମଧ୍ୟରେ ତ୍ୱରିତ ସମନ୍ୱୟ, ସୂଚନା ଆଦାନ ପ୍ରଦାନ



ଓ ଜରୁରୀକାଳୀନ ପରିସ୍ଥିତିରେ ଶୀଘ୍ର ପ୍ରତିକ୍ରିୟା ସୁନିଶ୍ଚିତ କରିବା ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା। ବୈଠକରେ ଭିଡ଼ ପରିଚାଳନା, ଟ୍ରାଫିକ୍ ବ୍ୟବସ୍ଥାପନ, ଜରୁରୀକାଳୀନ ଉଦ୍ଧାର ବ୍ୟବସ୍ଥା, ଅଗ୍ନି ନିରାପତ୍ତା, ରେଳ ଷ୍ଟେସନ ଓ ବସ୍ ଟର୍ମିନାଲରେ ସୁରକ୍ଷା, ସମ୍ବେଦନଶୀଳ ସ୍ଥାନଗୁଡ଼ିକରେ ଅତିରିକ୍ତ ନଜରଦାରି, ଆଧୁନିକ ପ୍ରଯୁକ୍ତିର ବ୍ୟବହାର, ସିସିଟିଭି ନିରୀକ୍ଷଣ, ଯୋଗାଯୋଗ ବ୍ୟବସ୍ଥାର ସୁଦୃଢ଼ୀକରଣ ଓ ବିଭିନ୍ନ ଆକସ୍ମିକ ପରିସ୍ଥିତିକୁ ସଫଳତାର ସହ ମୁକାବିଲା ପାଇଁ ପ୍ରସ୍ତୁତି ସମ୍ପର୍କରେ ସମୀକ୍ଷା କରାଯାଇଥିଲା। ଏହାସହ ବିଭିନ୍ନ ସୁରକ୍ଷା ଏଜେନ୍ସି ଓ ବିଭାଗ ମଧ୍ୟରେ ଏକ ସମନ୍ୱିତ କାର୍ଯ୍ୟପଦ୍ଧତି ଅନୁସରଣ କରି ଯେକୌଣସି ଆକସ୍ମିକ କିମ୍ବା ଜରୁରୀ ପରିସ୍ଥିତିରେ ଶୀଘ୍ର, ସଠିକ୍ ଓ ପ୍ରଭାବଶାଳୀ ପ୍ରତିକ୍ରିୟା ପାଇଁ ସମସ୍ତଙ୍କୁ ସଜାଗ ଓ ପ୍ରସ୍ତୁତ ରହିବାକୁ ପରାମର୍ଶ ଦିଆଯାଇଥିଲା। ସମସ୍ତ ବିଭାଗ ନିଜ ନିଜ ଦାୟିତ୍ୱ ସମ୍ପର୍କରେ ବିସ୍ତୃତ ଉପସ୍ଥାପନା କରିବା ସହ ପରସ୍ପର ସମନ୍ୱୟକୁ ଆହୁରି ସୁଦୃଢ଼ କରିବା ପାଇଁ ମତାମତ ରଖିଥିଲେ। ଏହି ଅବସରରେ ପୁରୀ ଏସ୍ପି ଶ୍ରୀ ପ୍ରତୀକ ସିଂ କହିଥିଲେ ଯେ, ରଥଯାତ୍ରା ବିଶ୍ୱପ୍ରସିଦ୍ଧ ଧାର୍ମିକ ମହୋତ୍ସବ ହୋଇଥିବାରୁ ଲକ୍ଷାଧିକ ଶ୍ରଦ୍ଧାଳୁ ଓ ପର୍ଯ୍ୟଟକ ପୁରୀକୁ ଆସିଥାନ୍ତି। ସେମାନଙ୍କର ସୁରକ୍ଷା, ସୁବିଧା ଓ ନିର୍ବିଘ୍ନ ଦର୍ଶନ ପୁଲିସର ସର୍ବୋଚ୍ଚ ପ୍ରାଥମିକତା। ଏଥିପାଇଁ ସମସ୍ତ ବିଭାଗ ମଧ୍ୟରେ ନିରନ୍ତର ସମନ୍ୱୟ, ପୂର୍ବ ପ୍ରସ୍ତୁତି ଓ ସତର୍କତା ଅତ୍ୟନ୍ତ ଆବଶ୍ୟକ। ପୁରୀ ପୁଲିସ ରଥଯାତ୍ରା ୨୦୨୬କୁ ସୁରକ୍ଷିତ, ଶାନ୍ତିପୂର୍ଣ୍ଣ ଓ ସୁଚାରୁ ଭାବେ ସମ୍ପନ୍ନ କରିବା ପାଇଁ ସମସ୍ତ ସମ୍ପୃକ୍ତ ବିଭାଗ ସହ ସମନ୍ୱୟ ରକ୍ଷା କରି ସମସ୍ତ ଆବଶ୍ୟକ ପଦକ୍ଷେପ ଗ୍ରହଣ କରୁଛି ଏବଂ ଆଗାମୀ ଦିନରେ ମଧ୍ୟ ଏଭଳି ସମୀକ୍ଷା ବୈଠକ ଓ ପ୍ରସ୍ତୁତିମୂଳକ କାର୍ଯ୍ୟକ୍ରମ ଜାରି ରହିବ।

# ୧୧ ବର୍ଷର ନାବାଳିକାକୁ ଦୁଷ୍କର୍ମ କରିଥିବା ଅଭିଯୁକ୍ତର ଆତ୍ମହତ୍ୟା

ଓଡ଼ଗାଁ ୦୮/୦୭ (ଆନିସ) : ଓଡ଼ଗାଁ ଆଦର୍ଶ ଥାନା ଅଞ୍ଚଳର ଜଣେ ୧୧ ବର୍ଷୀୟ ଜଣେ ନାବାଳିକାକୁ ଦୁଷ୍କର୍ମ କରିଥିବା ଅଭିଯୁକ୍ତ ବାଣ୍ଟପୁର ଗ୍ରାମର ଚଇ ପ୍ରଧାନ (୨୪) ଆତ୍ମହତ୍ୟା କରିଥିବା ଜଣାଯାଇଛି। ନାବାଳିକା ଦୁଷ୍କର୍ମ ଘଟଣା ନେଇ ୦୭ ତାରିଖ ମଙ୍ଗଳବାର ଓଡ଼ଗାଁ ଥାନାରେ ଅଭିଯୋଗ ହେବା ପରେ ଓଡ଼ଗାଁ ପୋଲିସ ୨୦୧/୨୬ରେ ଦୁଷ୍କର୍ମ ମାମଲା ରୁଜୁ କରି କାଳ ବିଳମ୍ବ ନକରି ଘଟଣାର ତଦନ୍ତ ଆରମ୍ଭ କରିଥିଲେ।ତଦନୁଯାୟୀ ମାଜିଷ୍ଟ୍ରେଟଙ୍କ ସମ୍ମୁଖରେ ନାବାଳିକାର ବୟାନ ରେକର୍ଡ କରାଯାଇ ପରେ ମେଡିକାଲ ଚେକ୍ଅପ କରାଯାଇଛି। ଅପରପକ୍ଷରେ ଫରେନସିକ୍? ବୈଜ୍ଞାନିକ ଦଳ ନାବାଳିକାକୁ ଦୁଷ୍କର୍ମ କରାଯାଇଥିବା ଘଟଣା ସ୍ଥଳ ଏବଂ ଘରକୁ ଯାଇ ଅପରାଧିକ ତଦନ୍ତରେ ବୈଜ୍ଞାନିକ ପଦ୍ଧତି ଓ କୌଶଳ ପ୍ରୟୋଗ ଦ୍ୱାରା ପ୍ରମାଣ ସଂଗ୍ରହ କରି ଫେରିଛନ୍ତି।ଶରଣକୁଳ ଏସଡିପିଓ ଦୀପ୍ତିକାନ୍ତ ପ୍ରଧାନ,ଓଡ଼ଗାଁ ଥାନା ଆଇଆଇସି ସତ୍ୟନାରାୟଣ ବାରିକ,ଏସ୍ଆଇ ଚକ୍ରଧର ସିଂ ପ୍ରମୁଖ ପୋଲିସ ଅଧିକାରୀ ତଦନ୍ତ ପ୍ରକ୍ରିୟାରେ ସଂଶ୍ଳିଷ୍ଟ ରହିଥିବା ବେଳେ ବୁଧବାର ମଧ୍ୟାହ୍ନ ବେଳେ ଦୁଷ୍କର୍ମ ଅଭିଯୁକ୍ତ ଯୁବକ ଚଇ ପ୍ରଧାନ ଆତ୍ମହତ୍ୟା କରିଥିବା ନେଇ ଓଡ଼ଗାଁ ପୋଲିସ ଜାଣିବାକୁ ପାଇଲେ। ଏବଂ ଘଟଣା ସମ୍ପର୍କରେ ସ୍ପଷ୍ଟ ହେବା ପରେ ଗଞ୍ଜାମ ଜିଲ୍ଲା ବୁଗୁଡ଼ା ଥାନା ଅନ୍ତର୍ଗତ ଭଉଣୀ ଘର ମୋଟାବାରୀ ଗାଁରେ ଚଇ ଆତ୍ମହତ୍ୟା କରିଥିବା ଜଣାପଡ଼ିଥିଲା।ଏ ନେଇ ବୁଗୁଡ଼ା ଥାନାରେ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ଶବ ଜବତ କରାଯାଇଥିଲା। ନାବାଳିକା ପରିବାର ପକ୍ଷରୁ ଅଭିଯୋଗ ଅନୁସାରେ ଗତ ସୋମବାର ମଧ୍ୟାହ୍ନରେ ଘରେ ନାବାଳିକା ଏକା ଥିବା ଜାଣି ଅଭିଯୁକ୍ତ ତାକୁ ଜବରଦସ୍ତ ଘର ପଛପାଖକୁ ଉଠାଇ ନେଇ ତା ସହିତ ଖରାପ ଆଚରଣ କରିଥିଲା। ବାପା ଓ ମାଆ ଘରକୁ ଫେରିବା ପରେ ନାବାଳିକା ତା ସହିତ ଘଟିଥିବା ଘଟଣା ସମ୍ପର୍କରେ ମାଆଙ୍କୁ କହିଥିଲା।ଏ ସମ୍ପର୍କରେ ମଙ୍ଗଳବାର ଓଡ଼ଗାଁ ଥାନାରେ ଅଭିଯୋଗ ହେଲା।

# କଫ ସିରାପ ସମେତ ଚୋରା ବିଦେଶୀ ମଦ ଜବତ ୨ କୋର୍ଟ ଚାଲାଣ

କେନ୍ଦ୍ରାପଡ଼ା,୮।୭ (ଆନିସ): କେନ୍ଦ୍ରାପଡ଼ା ଜିଲ୍ଲାପାଳ ଶ୍ରୀ ରଘୁରାମ ଆୟରଙ୍କ ନିର୍ଦ୍ଦେଶକ୍ରମେ ଏବଂ ଅବକାରୀ ଅଧୀକ୍ଷକ ଶ୍ରୀ .

ବିପ୍ର ଚରଣ ମଣ୍ଡଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କେନ୍ଦ୍ରାପଡ଼ା ଜିଲ୍ଲାର ଡେରାବିଶ ଓ ମାର୍ଶାଘାଇ ଥାନା ଅଞ୍ଚଳର ବିଭିନ୍ନ ସ୍ଥାନରେ ଅବକାରୀ ବିଭାଗ ପକ୍ଷରୁ ସ୍ୱତନ୍ତ୍ର ଚଢ଼ାଉ କରାଯାଇଥିଲା। ଏହି ଚଢ଼ାଉ ସମୟରେ ମନ୍ତିରୀ ଗ୍ରାମର ପୁଲକ କୁମାର ସ୍ୱାଇଁ (ବୟସ ୩୮ ବର୍ଷ) ଙ୍କ ନିକଟରୁ ୧୦୦ ମିଲି ଲିଟର ବିଶିଷ୍ଟ ୬୨ ଟି କଫ ସିରାପ ବୋତଲ ଏବଂ ଗୋଟିଏ ମୋଟର ସାଇକେଲ ଜବତ କରାଯାଇଥିଲା। ସେହିପରି ଆମ୍ବୁରା ଗ୍ରାମର ପ୍ରଦୀପ ସେନାପତି (ବୟସ ୩୮ ବର୍ଷ) ଙ୍କ ନିକଟରୁ ୨୯ ଲିଟର ଚୋରା ବିଦେଶୀ ମଦ ଓ ଗୋଟିଏ ମୋଟର ସାଇକେଲ ଜବତ କରାଯାଇଥିଲା । ଉଭୟ ଅଭିଯୁକ୍ତଙ୍କୁ ଗିରଫ କରାଯାଇ ଆଇନାନୁସାରେ ମାମଲା ରୁଜୁ କରି କୋର୍ଟ ଚାଲାଣ କରାଯାଇଛି । ଏହି ଚଢ଼ାଉରେ ଅବକାରୀ ଉପ-ନିରୀକ୍ଷକ ଶ୍ରୀ ପ୍ରିୟଦର୍ଶୀ ମାନସ ରଞ୍ଜନ ମିଶ୍ର ଏବଂ ଅବକାରୀ ବିଭାଗର ଅନ୍ୟାନ୍ୟ କର୍ମଚାରୀମାନେ ସାମିଲ ହୋଇଥିଲେ।

# ପଟ୍ଟାମୁଣ୍ଡାଇ ମଡେଲ ପୋଲିସ ଷ୍ଟେସନ ତରଫରୁ ନିଶା ମୁକ୍ତ ଓଡିଶା ଅଭିଯାନ

ପଟ୍ଟାମୁଣ୍ଡାଇ, ୫।୭ (ଆନିସ): ପଟ୍ଟାମୁଣ୍ଡାଇ ମଡେଲ ପୋଲିସ ଷ୍ଟେସନ ତରଫରୁ ନିଶା ମୁକ୍ତ ଓଡିଶା ଅଭିଯାନ କାର୍ଯ୍ୟକ୍ରମ ରେ ମଡେଲ ପୋଲିସ ଷ୍ଟେସନ ର ଲୋକପ୍ରିୟ ଆଇଆଇସି ଶ୍ରୀମତୀ ବନ୍ଦନା ପାତ୍ର ନିଶା ମୁକ୍ତ ଓଡିଶା ଅଭିଯାନ ଉପରେ ତାଙ୍କ ବକ୍ତବ୍ୟ ରଖି କହିଲେ ଯଦି ସମାଜ ନିଶାମୁକ୍ତ ହେବ ତାହା ହେଲେ ଏକ ସୁସ୍ଥ ସମାଜ ଗଠନ ହୋଇ ପାରିବ।ବର୍ତ୍ତମାନ ନିଶା ଯୁବ ସମାଜ କୁ ନଷ୍ଟ କରୁଛି।ଯଦି ଆମେମାନେ ଏକାଠି ହୋଇ ନିଶା ବିରୁଦ୍ଧରେ ନ ଲଢ଼ିବା ଆଗାମୀ ଦିନ ରେ ଯୁବ ସମାଜ ନିଶା ଗ୍ରସ୍ତ ହୋଇ ନଷ୍ଟ ଆଡ଼କୁ ଗତି କରିବ।ପଟ୍ଟାମୁଣ୍ଡାଇ ର ଲୋକ ପ୍ରିୟ ଆଇଆଇସି ଶ୍ରୀମତୀ ପାତ୍ର ସମସ୍ତ ଉପସ୍ଥିତ ଥିବା ଜନସାଧାରଣ ଓ ସାମ୍ବାଦିକ ମାନଙ୍କୁ ବହୁ ଉପଦେଶ ଦେଇ ନିଶା ଉପରେ ସଚେତନ ବାର୍ତ୍ତା ଦେଇ ଥିଲେ। ଏହି ଅଭିଯାନ ସଭା ରେ ଉପସ୍ଥିତ ଥିଲେ ଥାନା ର ଦୁଇ ଏସ ଆଇ ସୁମନ୍ତ ସେଠୀ ,କୈଳାଶ ଚନ୍ଦ୍ର ପରିଡ଼ା ପ୍ରମୁଖ ଉପସ୍ଥିତ ଥାଇ ନିଶାମୁକ୍ତ ଉପରେ ସେମାନଙ୍କ ବକ୍ତବ୍ୟ ରଖିଥିଲେ। ଏହି ସମୟରେ ବହୁ ସାମ୍ବାଦିକ ଓ ଜନସାଧାରଣ ଉପସ୍ଥିତି ରହି ନିଶାରୁ ନିବୃତ୍ତ ରହିବାପାଇଁ ସଫତପାଠ କରିଥିଲେ।

# ରଣିପଥର ଜଙ୍ଗଲରେ ୩ହାତୀ, ଲୋକେ ଭୟଭୀତ

ଫୁଲବାଣୀ, ୮/୦୭( ଆନିସ) : କଂଧମାଳ ଜିଲ୍ଲା ଫୁଲବାଣୀ ଜଙ୍ଗଲ ବିଭାଗ ଡ଼ିଭିଜନ ଅନ୍ତର୍ଗତ ରାଣୀ ପଥର ଜଙ୍ଗଲ ରେ ତିନିଟି ହାତୀ ବୁଲୁଥିବାରୁ ଲୋକେ ଭୟଭୀତ ଅବସ୍ଥାରେ ଅଛନ୍ତି ତେବେ ହାତୀ ପଲ ଏଯାଏଁ କାହାରି କ୍ଷତି କରିନଥିବା ଜଣା ପଡ଼ିଛି ତେବେ ବନ ବିଭାଗ ପକ୍ଷରୁ ହାତୀ ଙ୍କ ଗତିବିଧି ଉପରେ ସତର୍କ ଦୃଷ୍ଟି ରଖା ଯାଇଥିବା ରେଞ୍ଜର ମାନସ ସାହୁ କହିଛନ୍ତି ରେଞ୍ଜର ମାନସ ରଞ୍ଜନ ସାହୁ ଙ୍କ ନେତୃତ୍ୱ ରେ ବନ ବିଭାଗ କର୍ମଚାରୀ ଅନ୍ତରିକତା ର ସହ ହାତୀ ପଲ ଙ୍କୁ ଘଉଡ଼ାଇବା ପାଇଁ ଉଦ୍ୟମ କରୁଥିବା ଦେଖାଯାଉଛି ଗ୍ରାମବାସୀ ଜଙ୍ଗଲ କୁ ନ ଯିବା, ହାତୀ ପଲ ଙ୍କୁ ଉତ୍ୟକ୍ତ ନ କରିବା ପାଇଁ ରେଞ୍ଜର ସାହୁ ପରାମର୍ଶ ଦେଇ ଛନ୍ତି ଖାଦ୍ୟ ଅନ୍ୱେଷଣ ରେ ହା ତୀ ପଲ ନିକଟବର୍ତ୍ତୀ ଜିଲାରୁ ଚାଲି ଆସିଥିବା ଶୁଣିବାକୁ ମିଳୁଛି ।

# ସବୁଜ ଯୁଗର କାବ୍ୟ ଚେତନା - ସାହିତ୍ୟର ଆଲୋଚନାଚକ୍ର

ଖୋର୍ଦ୍ଧା, ୫।୭ (ଆନିସ): ରବିବାର ଦିନ ଆମରି ସତ୍ୟ ବିକାଶ ପରିଷଦ ,ଜଟଣୀ ତରଫରୁ ଏକ ଆଲୋଚନା ଚକ୍ର ଶ୍ରୀଯୁକ୍ତ ଜବାହର ଲାଲ ସୁବୁଦ୍ଧିଙ୍କ ସଭାପତିତ୍ୱରେ ବଡତୋଟାଠାରେ ଅନୁଷ୍ଠିତ ହୋଇଯାଇଛି। ଆଲୋଚ୍ୟ ବିଷୟବସ୍ତୁ ସବୁଜ ଯୁଗର କାବ୍ୟ ଚେତନା। ମୁଖ୍ୟ ବକ୍ତା ଭାବେ ଯୋଗଦେଇ ବେଗୁନିଆ ମହାବିଦ୍ୟାଳୟ ଅଧ୍ୟାପକ ଡ: ସୋମନାଥ ବିଷୋୟୀ କହିଲେ ସବୁଜ ଯୁଗର କବିତା ନୂତନ ସାହିତ୍ୟର ସୃଷ୍ଟି, ନୂତନ ଚେତନା ଜାଗ୍ରତ କରିବା ଓ ନବୀନ ତରୁଣ ମାନଙ୍କୁ ଉଜ୍ଜୀବିତ କରିବାରେ ଅଗ୍ରଣୀ ଥିଲା। ମୁଖ୍ୟ ଅତିଥି ଭାବେ ଯୋଗଦାନ କରି ଡ: ଶଶାଙ୍କ ଶେଖର ରଥ କବିର ଚେତନା ଏକ ଯୁଗର ଚେତନା। ସବୁଜ ସାହିତ୍ୟ ସମାଜକୁ ଓ ଯୁବକମାନଙ୍କୁ ଉନ୍ନତ ମାର୍ଗ ଦର୍ଶକ ବୋଲି କହିଥିଲେ । ସମ୍ମାନୀତ ଅତିଥି ଆମରି ସତ୍ୟ ପ୍ରତିଷ୍ଠାତା ଡ: ପ୍ରମୋଦ ଚନ୍ଦ୍ର ଦାଶ ଓଡିଆ କାବ୍ୟ ସାହିତ୍ୟ ଆଲୋଚନା କରିବାଦ୍ୱାରା ମାତୃଭାଷା ଓ ସାହିତ୍ୟର ଅଭିବୃଦ୍ଧି ହୋଇପାରିବ ବୋଲି ମତପ୍ରକାଶ କରିଥିଲେ। ଆଦି ନାରାୟଣ ଖଣ୍ଡୁଆଳ,ରାମ ଶଙ୍କର, ସାରଙ୍ଗଧର ବଳିଆରସିଂହ, ସୁଦର୍ଶନ ମହାପାତ୍ର, ଶକ୍ତିଧର ମହାପାତ୍ର, ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ପଣ୍ଡିତ ପଦ୍ମନାଭ ପାଣିଗ୍ରାହୀ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। ଶ୍ରୀ ବିଜୟାନନ୍ଦ ପଟ୍ଟନାୟକ ସ୍ୱାଗତ ଭାଷଣ ଦେଇଥିଲେ। ଉକ୍ତ ସଭାରେ ଆୟୋଜକ ଶ୍ରୀ ପ୍ରତାପ କୁମାର ବାରିକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ବିଷ୍ଣୁ ଚରଣ ସ୍ୱାଇଁ, ଅର୍ଜୁନ ବାରିକ, ପ୍ରତାପ କୁମାର ବାରିକ ଓ ବିଜୟାନନ୍ଦ ପଟ୍ଟନାୟକ ଆୟୋଜନ ଓ ପରିଚାଳନା କରିଥିଲେ। ପ୍ରଥମ ପର୍ଯ୍ୟାୟରେ ଡ: ସୁକାନ୍ତି ମହାପାତ୍ରଙ୍କ ସଭାପତିତ୍ୱ ଓ ବ୍ରଜବନ୍ଧୁ ନାୟକ, ପଦ୍ମଲୋଚନ ସାହୁଙ୍କ ସଂଯୋଜନାରେ କବିତା ପାଠ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ପ୍ରଭାସ ମଙ୍ଗରାଜ, ରବୀନ୍ଦ୍ର ଖଣ୍ଡୁଆଳ, ଦେବନାଥ ଦାଶ, ଜଗନ୍ନାଥ ନାୟକ , ସାରଙ୍ଗ ଧର ବେହେରା ,ଧାରିତ୍ରି ମାହାକୁଡ , ଅଙ୍କିତା ଶର୍ମା ପ୍ରଭୃତି କବି, କବୟିତ୍ରୀ ମାନେ ସ୍ବରଚିତ କବିତା ପାଠ କରିଥିଲେ। ଶ୍ରୀ ପ୍ରତାପ କୁମାର ବାରିକ ଧନ୍ୟବାଦ ଅର୍ପଣ କରିଥିଲେ।

## ଦାଦନ ଦଲାଲ ସାବଧାନ!

# ଶ୍ରମିକଙ୍କୁ ଲୋଭ ଦେଖାଇ ବାହାରକୁ ପଠାଇଲେ ଛାଡ଼ ନାହିଁ: ଶ୍ରମମନ୍ତ୍ରୀ

ଭୁବନେଶ୍ୱର, ୮।୭ଓଡ଼ିଶାରେ ବର୍ଷ ବର୍ଷ ଧରି ଦାଦନ ସମସ୍ୟା ଏକ ଗୁରୁତର ସାମାଜିକ ଓ ଆର୍ଥିକ ସମସ୍ୟା ଭାବେ ରହିଆସିଛି। ବିଶେଷକରି ପଶ୍ଚିମ ଓ ଦକ୍ଷିଣ ଓଡ଼ିଶାର ଗରିବ ପରିବାରଗୁଡ଼ିକ ଦଲାଲଙ୍କ ପ୍ରଲୋଭନରେ ପଡ଼ି ନିଜ ଜୀବନ ଓ ଜୀବିକାକୁ ବିପଦରେ ପକାଇଛନ୍ତି। କେତେବେଳେ କମ୍ ମଜୁରି, କେତେବେଳେ ନିର୍ଯାତନା, ତ କେତେବେଳେ ମୃତ୍ୟୁ ଭଳି ଘଟଣା ସାମ୍ନାକୁ ଆସିଛି। ଏଭଳି ପରିସ୍ଥିତିରେ ରାଜ୍ୟ ସରକାର ଦାଦନ ପ୍ରଥାକୁ ସମ୍ପୂର୍ଣ୍ଣ ରୋକିବା ପାଇଁ କଡ଼ା ପଦକ୍ଷେପ ନେବାକୁ ଘୋଷଣା କରିଛନ୍ତି। ଶ୍ରମମନ୍ତ୍ରୀ ସ୍ପଷ୍ଟ ଭାବେ ଦାଦନ ଦଲାଲଙ୍କୁ ଚେତାବନୀ ଦେଇ କହିଛନ୍ତି ଯେ, ଲୋଭ ଦେଖାଇ ନାବାଳିକା କିମ୍ବା ଶ୍ରମିକଙ୍କୁ ବାହାର ରାଜ୍ୟକୁ ପଠାଇବାକୁ ଉଦ୍ୟମ କଲେ ଆଉ କୌଣସି ଛାଡ଼ ମିଳିବ ନାହିଁ। ବିନା ପଞ୍ଜୀକରଣରେ ଶ୍ରମିକ ସ୍ଥାନାନ୍ତର କରୁଥିବା ଦଲାଲ କିମ୍ବା ସଂସ୍ଥାଙ୍କ ବିରୋଧରେ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯିବ। ସରକାର ଏହି କ୍ଷେତ୍ରରେ ଜିରୋ ଟଲେରାନ୍ସ ନୀତି ଆପଣାଇଥିବାରୁ ଏବେ ଦାଦନ ଦଲାଲଙ୍କ ପାଇଁ ସ୍ଥିତି କଠିନ ହେବାକୁ ଯାଉଛି। କେବଳ ଚେତାବନୀରେ ସୀମିତ ନରହି ସରକାର ଏଥିପାଇଁ ପ୍ରଶାସନିକ ବ୍ୟବସ୍ଥାକୁ ମଧ୍ୟ ସକ୍ରିୟ କରିଛନ୍ତି। ରାଜ୍ୟର ସମସ୍ତ ସରପଞ୍ଚ ଓ ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କୁ ଶ୍ରମ ବିଭାଗ ପକ୍ଷରୁ ସ୍ୱତନ୍ତ୍ର ନିର୍ଦ୍ଦେଶ ଦିଆଯାଇଛି। ନିଜ ଅଞ୍ଚଳରୁ ବାହାର ରାଜ୍ୟକୁ ଯାଉଥିବା ପ୍ରତ୍ୟେକ ଶ୍ରମିକଙ୍କ ନାମ, ଠିକଣା, କେଉଁ ରାଜ୍ୟକୁ ଯାଉଛନ୍ତି, କେଉଁ କାମ ପାଇଁ ଯାଉଛନ୍ତି ଏବଂ କେଉଁ ଦଲାଲ କିମ୍ବା ସଂସ୍ଥା ମାଧ୍ୟମରେ ଯାଉଛନ୍ତି ସେ ସମସ୍ତ ତଥ୍ୟ ପଞ୍ଚାୟତ ସ୍ତରରେ ସଂଗ୍ରହ କରାଯିବ। ଏହା ଫଳରେ ବାହାର ରାଜ୍ୟରେ ଶ୍ରମିକଙ୍କ ସହ



କୌଣସି ଅଘଟଣ ଘଟିଲେ ସରକାରଙ୍କ ପାଖରେ ସେମାନଙ୍କ ସଠିକ ତଥ୍ୟ ଉପଲବ୍ଧ ରହିବ ଏବଂ ଉଦ୍ଧାର କିମ୍ବା ସହାୟତା ପ୍ରଦାନ କରିବା ସହଜ ହେବ। ରାଜ୍ୟବ୍ୟାପୀ ଆରମ୍ଭ ହେବ ଗ୍ରାଉଣ୍ଡ ସର୍ଭେ । ଦାଦନ ପ୍ରଥାର ପ୍ରକୃତ ଚିତ୍ର ଜାଣିବା ପାଇଁ ରାଜ୍ୟ ସରକାର ଘରେ ଘରେ ସର୍ଭେ କରିବାକୁ ଯୋଜନା କରିଛନ୍ତି। ବ୍ଲକ ବିକାଶ ଅଧିକାରୀଙ୍କୁ ସ୍ୱତନ୍ତ୍ର ସର୍ଭେ ଫର୍ମ ଦିଆଯାଇଛି। ଖୁବଶୀଘ୍ର ଏହି ସର୍ଭେ ଆରମ୍ଭ ହେବ ଏବଂ କେଉଁ ଅଞ୍ଚଳରୁ ଅଧିକ ଶ୍ରମିକ ବାହାରକୁ ଯାଉଛନ୍ତି, ସେମାନଙ୍କ ସାମାଜିକ ଓ ଆର୍ଥିକ ସ୍ଥିତି କଣ, ସେସବୁ ତଥ୍ୟ ସଂଗ୍ରହ କରାଯିବ। ଏହି ସର୍ଭେ ଆଧାରରେ ସରକାର ସରକାର କେବଳ ରାଜ୍ୟରୁ ବାହାରକୁ ଯାଉଥିବା ଶ୍ରମିକଙ୍କ ଉପରେ ନୁହେଁ, ବରଂ ବର୍ତ୍ତମାନ ଅନ୍ୟ ରାଜ୍ୟରେ କାମ କରୁଥିବା ଓଡ଼ିଆ ଶ୍ରମିକଙ୍କ ତଥ୍ୟ ମଧ୍ୟ ସଂଗ୍ରହ କରିବେ। ଯେଉଁ ଶ୍ରମିକମାନେ ଫେରି ଓଡ଼ିଶାରେ କାମ କରିବାକୁ ଇଚ୍ଛା କରିବେ, ସେମାନଙ୍କ ଦକ୍ଷତା ଅନୁଯାୟୀ ନିଜ ଜିଲ୍ଲାରେ ରୋଜଗାରର ସୁଯୋଗ ସୃଷ୍ଟି କରିବାକୁ ସରକାର ପଦକ୍ଷେପ ନେବେ।

ଏହା ଦ୍ୱାରା ବାଧ ହୋଇ ବାହାରକୁ ଦାଦନ ଖଟିବାର ପ୍ରବୃତ୍ତି କମିପାରେ। ବିଶେଷଜ୍ଞଙ୍କ ମତରେ କେବଳ ଦଲାଲଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେଲେ ଦାଦନ ଭବିଷ୍ୟତରେ ଦାଦନ ପ୍ରବଣ ଅଞ୍ଚଳଗୁଡ଼ିକରେ ସ୍ୱତନ୍ତ୍ର ରୋଜଗାର ଯୋଜନା ଓ କୌଶଳ ବିକାଶ କାର୍ଯ୍ୟକ୍ରମ ଆରମ୍ଭ କରିପାରନ୍ତି।" ପ୍ରଥା ବନ୍ଦ ହେବ ନାହିଁ। ଏହା ପଛରେ ଦାରିଦ୍ର୍ୟ, ବେକାରି, କୃଷି ଉପରେ ଅତ୍ୟଧିକ ନିର୍ଭରଶୀଳତା ଏବଂ ଗ୍ରାମାଞ୍ଚଳରେ ନିୟମିତ ରୋଜଗାରର ଅଭାବ ଭଳି ଅନେକ କାରଣ ରହିଛି। ଯଦି ରାଜ୍ୟ ଭିତରେ ଶିଳ୍ପ, କ୍ଷୁଦ୍ର ଉଦ୍ୟୋଗ, ନିର୍ମାଣ ଓ କୃଷିଭିତ୍ତିକ ରୋଜଗାରର ସୁଯୋଗ ବଢ଼ିବ, ତେବେ ଦାଦନ ସମସ୍ୟା ସ୍ୱାଭାବିକ ଭାବେ କମିବ। ପ୍ରତିବର୍ଷ ବଲାଙ୍ଗିର, ନୂଆପଡ଼ା, କଳାହାଣ୍ଡି, ବରଗଡ଼, ସୋନପୁର, ନବରଙ୍ଗପୁର, କୋରାପୁଟ, ରାୟଗଡ଼ା ସମେତ ଅନେକ ଜିଲ୍ଲାରୁ ହଜାର ହଜାର ଶ୍ରମିକ ଆନ୍ଧ୍ରପ୍ରଦେଶ, ତେଲେଙ୍ଗାନା, ତାମିଲନାଡୁ, କର୍ଣ୍ଣାଟକ, ଗୁଜରାଟ ଓ କେରଳ ଭଳି ରାଜ୍ୟକୁ କାମ ପାଇଁ ଯାଆନ୍ତି। ପ୍ରତ୍ୟେକ ବର୍ଷ ଶ୍ରମିକଙ୍କ ମୃତ୍ୟୁ, ନିଖୋଜ ଘଟଣା, ନିର୍ଯାତନା କିମ୍ବା ମଜୁରି ନମିଳିବା ଭଳି ଘଟଣା ସରକାରଙ୍କୁ ଅଡୁଆରେ ପକାଇଥାଏ। ଏହି କାରଣରୁ ଦାଦନ ପ୍ରଥା ରାଜ୍ୟରେ ଦୀର୍ଘଦିନ ଧରି ଏକ ସମ୍ବେଦନଶୀଳ ରାଜନୈତିକ ପ୍ରସଙ୍ଗ ହୋଇ ରହିଛି। ଦାଦନ ପ୍ରଥାକୁ ନେଇ ସରକାରଙ୍କ ଏହି ନୂଆ ଆଭିମୁଖ୍ୟ କେବଳ ଦଲାଲଙ୍କ ବିରୋଧରେ କଡ଼ା ଆକ୍ସନରେ ସୀମିତ ନୁହେଁ, ବରଂ ଶ୍ରମିକଙ୍କ ସୁରକ୍ଷା, ସଠିକ୍ ତଥ୍ୟ ସଂଗ୍ରହ ଏବଂ ରାଜ୍ୟ ଭିତରେ ରୋଜଗାର ସୃଷ୍ଟିକୁ ମଧ୍ୟ ଗୁରୁତ୍ୱ ଦେଇଛି। ତେବେ ଏହି ଘୋଷଣା କେବଳ କାଗଜପତ୍ରରେ ସୀମିତ ରହିବ ନା ବାସ୍ତବରେ ଦାଦନ ଦଲାଲଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଓ ଗ୍ରାମାଞ୍ଚଳରେ ସ୍ଥାୟୀ ରୋଜଗାର ସୃଷ୍ଟି ହେବତାହା ଉପରେ ସମସ୍ତଙ୍କ ନଜର ରହିଛି।

# ଯାଜପୁରରେ ଭିନ୍ନକ୍ଷମ ବ୍ୟକ୍ତିଙ୍କ ଅଧିକାର ଅଧିନିୟମ ସମ୍ପର୍କିତ ସଚେତନତା ଶିବିର

ଯାଜପୁର ,୮। ୭(ଆନିସ): ଭିନ୍ନକ୍ଷମ ବ୍ୟକ୍ତିଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବା ଏବଂ ସେମାନଙ୍କ ଆଇନଗତ ଅଧିକାରର ସୁରକ୍ଷା ପାଇଁ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ, ଯାଜପୁର ଓ ଜିଲ୍ଲା ପ୍ରଶାସନ ପକ୍ଷରୁ ଶନିବାର ଏକ ସଚେତନତା ଓ ସମ୍ବେଦନଶୀଳତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗୌତମ ବୁଦ୍ଧ ସଂସ୍କୃତି ଭବନ, ଯାଜପୁର ଠାରେ ଆୟୋଜିତ ଏହି ସ୍ୱେଚ୍ଛାସେବୀ ଓ ଜିଲ୍ଲା ସ୍ତରୀୟ କାର୍ଯ୍ୟକ୍ରମରେ ଭିନ୍ନକ୍ଷମ ବ୍ୟକ୍ତିଙ୍କ ଅଧିକାର ଅଧିନିୟମ, ୨୦୧୬ ( , ୨୦୧୬) ର ବିଭିନ୍ନ ବ୍ୟବସ୍ଥା ଉପରେ ବିସ୍ତୃତ ଆଲୋଚନା କରାଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଶ୍ରୀ ଅମ୍ବର କୁମାର କର ଯୋଗଦେଇ ଏହାର ଅଧ୍ୟକ୍ଷତା କରିଥିଲେ। ସଭାକୁ ସମ୍ବୋଧିତ କରି ଜିଲ୍ଲାପାଳ ଶ୍ରୀ ଅମ୍ବର କୁମାର କର କହିଥିଲେ ଯେ, ଭିନ୍ନକ୍ଷମ ବ୍ୟକ୍ତିମାନେ ସମାଜର ଅବିଚ୍ଛେଦ୍ୟ




ଅଙ୍ଗ। ସେମାନଙ୍କ ପାଇଁ ସମାନ ସୁଯୋଗ ଓ ଏକ ବାଧାମୁକ୍ତ ସୁଗମ ପରିବେଶ ସୃଷ୍ଟି କରିବା ପ୍ରଶାସନର ମୁଖ୍ୟ ଲକ୍ଷ୍ୟ। ସରକାରଙ୍କ ବିଭିନ୍ନ କଲ୍ୟାଣକାରୀ ଯୋଜନାର ସଫଳ ରୂପାୟନ କରି ସେମାନଙ୍କ ଆର୍ଥିକ ଓ ସାମାଜିକ ବିକାଶକୁ ତ୍ୱରାନ୍ୱିତ କରିବା ଉପରେ ସେ ସମସ୍ତ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ଏଥି ସହିତ ଜିଲ୍ଲାର ପ୍ରତ୍ୟେକ ଭିନ୍ନକ୍ଷମ ବ୍ୟକ୍ତିଙ୍କ ପାଖରେ ଯେପରି ସରକାରୀ ସୁବିଧା ପହଞ୍ଚିପାରିବ, ସେଥିପାଇଁ ସମସ୍ତ ବିଭାଗ ମିଳିତ ଓ ସମନ୍ୱିତ ପ୍ରୟାସ କରିବା ଆବଶ୍ୟକ ବୋଲି ଜିଲ୍ଲାପାଳ ପ୍ରକାଶ କରିଥିଲେ।

ଏହି ସଚେତନତା ସଭାରେ ଭିନ୍ନକ୍ଷମ ବ୍ୟକ୍ତିଙ୍କ ରାଜ୍ୟ କମିଶନର ଶ୍ରୀମତୀ ବ୍ରତତୀ ହରିଚନ୍ଦନ ଯୋଗଦେଇ ଭିନ୍ନକ୍ଷମମାନଙ୍କ ସଶକ୍ତିକରଣ ଉପରେ ସ୍ୱତନ୍ତ୍ର ଆଲୋକପାତ କରିଥିଲେ। ସେ ନିଜ ବକ୍ତବ୍ୟରେ କହିଥିଲେ, ଭିନ୍ନକ୍ଷମ ବ୍ୟକ୍ତିଙ୍କୁ ସମାଜରେ ସମାନ ମର୍ଯ୍ୟାଦା ଓ ଅଧିକାର ଦେବା ଆମ ସମସ୍ତଙ୍କର ସାମାଜିକ ତଥା ସାମ୍ବିଧାନିକ ଦାୟିତ୍ୱ। ୨୦୧୬ ଅଧିନିୟମ କେବଳ କାଗଜପତ୍ରରେ ସୀମିତ ନରହି ଏହାର ପ୍ରତିଟି ବ୍ୟବସ୍ଥା ଯେପରି ତୃଣମୂଳ ସ୍ତରରେ କାର୍ଯ୍ୟକାରୀ ହେବ, ସେଥିପାଇଁ କମିଶନ ଦୃଢ଼ ପଦକ୍ଷେପ ନେଉଛନ୍ତି। ଭିନ୍ନକ୍ଷମତା କୌଣସି ଅକ୍ଷମତା ନୁହେଁ, ସେମାନଙ୍କ ପ୍ରତିଭାକୁ ଚିହ୍ନି ସୁଯୋଗ ଦେଲେ ସେମାନେ ସମାଜ ଗଠନରେ ବଡ଼ ଭୂମିକା ଗ୍ରହଣ କରିପାରିବେ।

ଏହି ଅବସରରେ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଅତିରିକ୍ତ ଜିଲ୍ଲାପାଳ, ଯାଜପୁର ଶ୍ରୀ ଯୁଧିଷ୍ଠିର ନାଏକ ନିଜର ବକ୍ତବ୍ୟ ରଖି କହିଥିଲେ ଭିନ୍ନକ୍ଷମ ବ୍ୟକ୍ତିଙ୍କ ପ୍ରତି କେବଳ ସହାନୁଭୂତି ଦେଖାଇଲେ ହେବନାହିଁ, ବରଂ ସେମାନଙ୍କୁ ସମ୍ବେଦନଶୀଳତାର ସହ ସମ୍ମାନ ଓ ଅଧିକାର ଦେବାକୁ ହେବ। ଆଇନଗତ ଭାବେ ସେମାନେ ଯେଉଁ ସବୁ ସୁବିଧା ପାଇବା କଥା, ତାହା ସେମାନଙ୍କର ଅଧିକାର। ସମାଜରେ ଏକ ସମାବେଶୀ ବାତାବରଣ ତିଆରି କରିବା ପାଇଁ ପ୍ରଶାସନିକ ସ୍ତରରେ ସମସ୍ତ ପଦକ୍ଷେପ ନିଆଯାଉଛି ଏବଂ କୌଣସି ବି ଭିନ୍ନକ୍ଷମ ବ୍ୟକ୍ତି ଯେପରି ନିଜର ହକ୍‌ରୁ ବଞ୍ଚିତ ନ ହେବେ, ତାହା ସୁନିଶ୍ଚିତ କରାଯିବ। ଏହି ଅବସରରେ କାର୍ଯ୍ୟକ୍ରମରେ ମୁଖ୍ୟ ରିସୋର୍ସ ପର୍ସନ ଭାବେ ଯୋଗଦେଇ ଶ୍ରୀ ଆର. କେ. ଶର୍ମା ଉପସ୍ଥିତ ସମସ୍ତ ଅଧିକାରୀ ଓ ଜନସାଧାରଣଙ୍କୁ , ୨୦୧୬ ର ଜଟିଳ ଆଇନଗତ ଦିଗଗୁଡ଼ିକୁ ଅତି ସରଳ ଭାଷାରେ ବୁଝାଇଥିଲେ।ଏହି ଶିବିରରେ ଭିନ୍ନକ୍ଷମ ବ୍ୟକ୍ତିଙ୍କ ଆଇନଗତ ଅଧିକାର, ସୁରକ୍ଷା ଏବଂ ସେମାନଙ୍କ ସଶକ୍ତିକରଣ ଦିଗରେ ବିଭିନ୍ନ ବିଭାଗର ଭୂମିକା ଉପରେ ପୁଙ୍ଖାନୁପୁଙ୍ଖ ସମୀକ୍ଷା ହୋଇଥିଲା।

ଅନ୍ୟମାନଙ୍କ ମଧ୍ୟରେ ଏହି କାର୍ଯ୍ୟକ୍ରମରେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ, ଶ୍ରୀମତୀ ଜାନକୀ ହେମ୍ବ୍ରମ୍, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଶ୍ରୀମତୀ ପାର୍ବତୀ ସାହୁ, ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ଶ୍ରୀ ପ୍ରଶାନ୍ତ କୁମାର ମାଝୀ, ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀ, ଜିଲ୍ଲାର ବୁଦ୍ଧିଜୀବୀ, ଗଣମାଧ୍ୟମ ପ୍ରତିନିଧି ଏବଂ ବହୁ ସଂଖ୍ୟାରେ ଭିନ୍ନକ୍ଷମ ବ୍ୟକ୍ତି ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ବାବୁଙ୍କ ଘରୁ ମିଳିଲା ୧୩ କେଜି ସୁନା, ୯ କେଜି ରୁପା ଓ ନଗଦ ୧.୬୨ କୋଟି ଟଙ୍କା

ଭୁବନେଶ୍ୱର, ୮।୭: ସହାୟକ ଆଞ୍ଚଳିକ ପରିବହନ ଅଫିସର(ଏଆରଟିଓ) ଭାବେ କାମ କରୁଥିଲେ। ହେଲେ ଲୋକଙ୍କ କାମ କରିବା ବଦଳରେ ନିଜ ପକେଟରେ ମନଇଚ୍ଛା ଟଙ୍କା ପୂରାଉଥିଲେ। ଏବେ ଅବସର ପରେ ବାବୁଙ୍କ ଗୁମର ଖୋଲି ଯାଇଛି। ବାବୁଙ୍କ ସମ୍ପତ୍ତି ଉପରେ ସନ୍ଦେହ କରି ବୁଧବାର ଭିଜିଲାନ୍ସ କରିଥିଲା ରେଡ୍। ଆଉ ରେଡ ବେଳେ ବାବୁଙ୍କ ଆର୍ଥିକ ସାମ୍ରାଜ୍ୟ ଦେଖି ଭିଜିଲାନ୍ସ ଠାରୁ ଆରମ୍ଭ କରି ସାଧାରଣ ଲୋକ ଚକିତ ହୋଇ ଯାଇଛନ୍ତି। କାରଣ ଏକଦା ଆଗ୍ରାରେ ଏଆରଟିଓ ଭାବେ କାମ କରୁଥିବା ଲଳିତ କୁମାର ସାହିବଙ୍କ ଲକ୍ଷ୍ନୌ ସ୍ଥିତ ଘରୁ ମିଳିଛି ପୁଳାପୁଳା ସୁନା, ରୁପା ଓ ବିଡ଼ାବିଡ଼ା ନଗଦ ଟଙ୍କା। ତାଙ୍କ ଠିକଣାରୁ ମୋଟ ୩୫ କୋଟି ଟଙ୍କାର ସମ୍ପତ୍ତି ମିଳିଛି।

ଭିଜିଲାନ୍ସ ଯାଞ୍ଚ ବେଳେ ଲଳିତ କୁମାରଙ୍କ ଅଲୀଗଞ୍ଜର ଚନ୍ଦ୍ରଲୋକ ସ୍ଥିତ ଆଲିଶାନ ବଙ୍ଗଳାରୁ ୧୩ କେଜିର ସୁନା ଇଟା, ବିସ୍କୁଟ, ଅଳଙ୍କାର, ୯ କେଜିର ରୁପା ବିସ୍କୁଟ ଓ କିଛି ହୀରା ମିଳିଛି। ସେହିପରି ଅଧିକାରୀମାନେ ଘର ଭିତରେ ଗୁପ୍ତ ଭାବେ ବିଭିନ୍ନ ସ୍ଥାନରେ ଥିବା ନଗଦ ୧.୬୨ କୋଟି ଟଙ୍କା ମଧ୍ୟ ଜବତ କରିଛନ୍ତି। ଏହାବାଦ ଲକ୍ଷ୍ନୌ, ବାରାବାଙ୍କି, ରାଏବରେଲୀ ଓ ନୋଏଡାରେ ଥିବା ଲଳିତ କୁମାରଙ୍କ ଅନେକ ଘର, ପ୍ଲଟ, ଫ୍ଲାଟ ଓ ଚାଷ ଜମି ମଧ୍ୟ ମିଳିଛି। ସେହିପରି ଦୁଇଟି ଦାମୀ କାର, ବନ୍ଧୁକ ଓ ଏକ କୋଟି ଟଙ୍କାର ବ୍ୟାଙ୍କ ଜମା ଏବଂ ନିବେଶ ସମ୍ପର୍କିତ କାଗଜ ପତ୍ର ମଧ୍ୟ ତାଙ୍କ ଠିକଣାରୁ ଅଧିକାରୀମାନେ ପାଇଛନ୍ତି। ଜବତ ହୋଇଥିବା ସୁନା, ହୀରା ଓ ରୁପାର ମୂଲ୍ୟ ପ୍ରାୟ ୨୦ କୋଟି ଟଙ୍କା ହେବ ବୋଲି ଅଧିକାରୀମାନେ କହିଛନ୍ତି।

ଅଧିକାରୀଙ୍କ କହିବା କଥା ଯେ ଦୁର୍ନୀତି ନିବାରଣ ଆଇନ ଅନୁସାରେ ଲଳିତ କୁମାରଙ୍କ ନାଁରେ ୨୦୨୪ରେ ମାମଲା ହୋଇଥିଲା। ସେବେଠାରୁ ତାଙ୍କ ବିରୋଧରେ ତଦନ୍ତ ଚାଲିଥିବା ବେଳେ ଚଳିତ ବର୍ଷ ଜୁଲାଇ ୭ ଓ ୮ରେ ଦୁଇ ଦିନ ଧରି ଭିଜିଲାନ୍ସ ରେଡ କରିବା ପରେ ଏଭଳି ସମ୍ପତ୍ତିର ସୁରାକ ମିଳିଛି।

# ଯାଜପୁରରେ ଭିନ୍ନକ୍ଷମ ବ୍ୟକ୍ତିଙ୍କ ଅଧିକାର ଅଧିନିୟମ ସମ୍ପର୍କିତ ସଚେତନତା

ଯାଜପୁର ,୮। ୭(ଆନିସ): ଭିନ୍ନକ୍ଷମ ବ୍ୟକ୍ତିଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବା ଏବଂ ସେମାନଙ୍କ ଆଇନଗତ ଅଧିକାରର ସୁରକ୍ଷା ପାଇଁ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ, ଯାଜପୁର ଓ ଜିଲ୍ଲା ପ୍ରଶାସନ ପକ୍ଷରୁ ଶନିବାର ଏକ ସଚେତନତା ଓ ସମ୍ବେଦନଶୀଳତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗୌତମ ବୁଦ୍ଧ ସଂସ୍କୃତି ଭବନ, ଯାଜପୁର ଠାରେ ଆୟୋଜିତ ଏହି ସ୍ୱେଚ୍ଛାସେବୀ ଓ ଜିଲ୍ଲା ସ୍ତରୀୟ କାର୍ଯ୍ୟକ୍ରମରେ ଭିନ୍ନକ୍ଷମ ବ୍ୟକ୍ତିଙ୍କ ଅଧିକାର ଅଧିନିୟମ, ୨୦୧୬ ( , ୨୦୧୬) ର ବିଭିନ୍ନ ବ୍ୟବସ୍ଥା ଉପରେ ବିସ୍ତୃତ ଆଲୋଚନା କରାଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଶ୍ରୀ ଅମ୍ବର କୁମାର କର ଯୋଗଦେଇ ଏହାର ଅଧ୍ୟକ୍ଷତା କରିଥିଲେ। ସଭାକୁ ସମ୍ବୋଧିତ କରି ଜିଲ୍ଲାପାଳ ଶ୍ରୀ ଅମ୍ବର କୁମାର କର କହିଥିଲେ ଯେ, ଭିନ୍ନକ୍ଷମ ବ୍ୟକ୍ତିମାନେ ସମାଜର ଅବିଚ୍ଛେଦ୍ୟ ଅଙ୍ଗ। ସେମାନଙ୍କ ପାଇଁ ସମାନ ସୁଯୋଗ ଓ ଏକ ବାଧାମୁକ୍ତ ସୁଗମ ପରିବେଶ ସୃଷ୍ଟି କରିବା ପ୍ରଶାସନର ମୁଖ୍ୟ ଲକ୍ଷ୍ୟ। ସରକାରଙ୍କ ବିଭିନ୍ନ କଲ୍ୟାଣକାରୀ




ଯୋଜନାର ସଫଳ ରୂପାୟନ କରି ସେମାନଙ୍କ ଆର୍ଥିକ ଓ ସାମାଜିକ ବିକାଶକୁ ତ୍ୱରାନ୍ୱିତ କରିବା ଉପରେ ସେ ସମସ୍ତ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ଏଥି ସହିତ ଜିଲ୍ଲାର ପ୍ରତ୍ୟେକ ଭିନ୍ନକ୍ଷମ ବ୍ୟକ୍ତିଙ୍କ ପାଖରେ ଯେପରି ସରକାରୀ ସୁବିଧା ପହଞ୍ଚିପାରିବ, ସେଥିପାଇଁ ସମସ୍ତ ବିଭାଗ ମିଳିତ ଓ ସମନ୍ୱିତ ପ୍ରୟାସ କରିବା ଆବଶ୍ୟକ ବୋଲି ଜିଲ୍ଲାପାଳ ପ୍ରକାଶ କରିଥିଲେ।

ଏହି ସଚେତନତା ସଭାରେ ଭିନ୍ନକ୍ଷମ ବ୍ୟକ୍ତିଙ୍କ ରାଜ୍ୟ କମିଶନର ଶ୍ରୀମତୀ ବ୍ରତତୀ ହରିଚନ୍ଦନ ଯୋଗଦେଇ ଭିନ୍ନକ୍ଷମମାନଙ୍କ ସଶକ୍ତିକରଣ ଉପରେ ସ୍ୱତନ୍ତ୍ର ଆଲୋକପାତ କରିଥିଲେ। ସେ ନିଜ ବକ୍ତବ୍ୟରେ କହିଥିଲେ, ଭିନ୍ନକ୍ଷମ ବ୍ୟକ୍ତିଙ୍କୁ ସମାଜରେ ସମାନ ମର୍ଯ୍ୟାଦା ଓ ଅଧିକାର ଦେବା ଆମ ସମସ୍ତଙ୍କର ସାମାଜିକ ତଥା ସାମ୍ବିଧାନିକ ଦାୟିତ୍ୱ। ୨୦୧୬ ଅଧିନିୟମ କେବଳ କାଗଜପତ୍ରରେ ସୀମିତ ନରହି ଏହାର ପ୍ରତିଟି ବ୍ୟବସ୍ଥା ଯେପରି ତୃଣମୂଳ ସ୍ତରରେ କାର୍ଯ୍ୟକାରୀ ହେବ, ସେଥିପାଇଁ କମିଶନ ଦୃଢ଼ ପଦକ୍ଷେପ ନେଉଛନ୍ତି। ଭିନ୍ନକ୍ଷମତା କୌଣସି ଅକ୍ଷମତା ନୁହେଁ, ସେମାନଙ୍କ ପ୍ରତିଭାକୁ ଚିହ୍ନି ସୁଯୋଗ ଦେଲେ ସେମାନେ ସମାଜ ଗଠନରେ ବଡ଼ ଭୂମିକା ଗ୍ରହଣ କରିପାରିବେ।

ଏହି ଅବସରରେ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଅତିରିକ୍ତ ଜିଲ୍ଲାପାଳ, ଯାଜପୁର ଶ୍ରୀ ଯୁଧିଷ୍ଠିର ନାଏକ ନିଜର ବକ୍ତବ୍ୟ ରଖି କହିଥିଲେ ଭିନ୍ନକ୍ଷମ ବ୍ୟକ୍ତିଙ୍କ ପ୍ରତି କେବଳ ସହାନୁଭୂତି ଦେଖାଇଲେ ହେବନାହିଁ, ବରଂ ସେମାନଙ୍କୁ ସମ୍ବେଦନଶୀଳତାର ସହ ସମ୍ମାନ ଓ ଅଧିକାର ଦେବାକୁ ହେବ। ଆଇନଗତ ଭାବେ ସେମାନେ ଯେଉଁ ସବୁ ସୁବିଧା ପାଇବା କଥା, ତାହା ସେମାନଙ୍କର ଅଧିକାର। ସମାଜରେ ଏକ ସମାବେଶୀ ବାତାବରଣ ତିଆରି କରିବା ପାଇଁ ପ୍ରଶାସନିକ ସ୍ତରରେ ସମସ୍ତ ପଦକ୍ଷେପ ନିଆଯାଉଛି ଏବଂ କୌଣସି ବି ଭିନ୍ନକ୍ଷମ ବ୍ୟକ୍ତି ଯେପରି ନିଜର ହକ୍‌ରୁ ବଞ୍ଚିତ ନ ହେବେ, ତାହା ସୁନିଶ୍ଚିତ କରାଯିବ। ଏହି ଅବସରରେ କାର୍ଯ୍ୟକ୍ରମରେ ମୁଖ୍ୟ ରିସୋର୍ସ ପର୍ସନ ଭାବେ ଯୋଗଦେଇ ଶ୍ରୀ ଆର. କେ. ଶର୍ମା ଉପସ୍ଥିତ ସମସ୍ତ ଅଧିକାରୀ ଓ ଜନସାଧାରଣଙ୍କୁ , ୨୦୧୬ ର ଜଟିଳ ଆଇନଗତ ଦିଗଗୁଡ଼ିକୁ ଅତି ସରଳ ଭାଷାରେ ବୁଝାଇଥିଲେ।ଏହି ଶିବିରରେ ଭିନ୍ନକ୍ଷମ ବ୍ୟକ୍ତିଙ୍କ ଆଇନଗତ ଅଧିକାର, ସୁରକ୍ଷା ଏବଂ ସେମାନଙ୍କ ସଶକ୍ତିକରଣ ଦିଗରେ ବିଭିନ୍ନ ବିଭାଗର ଭୂମିକା ଉପରେ ପୁଙ୍ଖାନୁପୁଙ୍ଖ ସମୀକ୍ଷା ହୋଇଥିଲା।

ଅନ୍ୟମାନଙ୍କ ମଧ୍ୟରେ ଏହି କାର୍ଯ୍ୟକ୍ରମରେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ, ଶ୍ରୀମତୀ ଜାନକୀ ହେମ୍ବ୍ରମ୍, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଶ୍ରୀମତୀ ପାର୍ବତୀ ସାହୁ, ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ଶ୍ରୀ ପ୍ରଶାନ୍ତ କୁମାର ମାଝୀ, ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀ, ଜିଲ୍ଲାର ବୁଦ୍ଧିଜୀବୀ, ଗଣମାଧ୍ୟମ ପ୍ରତିନିଧି ଏବଂ ବହୁ ସଂଖ୍ୟାରେ ଭିନ୍ନକ୍ଷମ ବ୍ୟକ୍ତି ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ଭୁବନେଶ୍ୱର କୋର୍ଟରେ ପୁଣି ବୋମା ଆତଙ୍କ

ଭୁବନେଶ୍ୱର: ଭୁବନେଶ୍ୱର କୋର୍ଟରେ ପୁଣି ବୋମା ଆତଙ୍କ ଦେଖିବାକୁ ମିଳିଛି । ଆଜି (ବୁଧବାର) ଇ-ମେଲ ଯୋଗେ କୋର୍ଟକୁ ବୋମାରେ ଉଡ଼ାଇଦେବାକୁ ଧମକ ମିଳିବା ପରେ ଏଭଳି ସ୍ଥିତି ଉପୁଜିଛି । ଖବର ମିଳିବା ପରେ ଭୁବନେଶ୍ୱର କୋର୍ଟ କମ୍ପ୍ଲେକ୍ସରେ ଚାଞ୍ଚଲ୍ୟ ଖେଳିଯାଇଛି । ପୋଲିସ ସମେତ ଡଗ୍ ସ୍କ୍ୱାର୍ଡ, ବୋମା ନିଷ୍କ୍ରିୟକାରୀ ଟିମ୍ କୋର୍ଟରେ ପହଞ୍ଚି ଯାଞ୍ଚ କରିଥିଲେ । ତେବେ ପୂର୍ବରୁ ଗତ ମାର୍ଚ୍ଚ ମାସରେ ମଧ୍ୟ ଏପରି ଧମକପୂର୍ଣ୍ଣ ଇ-ମେଲ୍ ଆସିଥିଲା । ପରିବାର ଅଦାଲତ କୋର୍ଟକୁ ଏହି ଧମକପୂର୍ଣ୍ଣ ଇ-ମେଲ ଆସିଥିଲା । ଏନେଇ ତୁରନ୍ତ କୋର୍ଟ ପକ୍ଷରୁ ପୋଲିସକୁ ଖବର ଦିଆଯାଇଥିଲା। ମଧ୍ୟାହ୍ନରେ ବଡ଼ଗଡ଼ ଥାନା ଟିମ୍ ଭୁବନେଶ୍ୱର କୋର୍ଟ କମ୍ପ୍ଲେକ୍ସରେ ଯାଞ୍ଚ ଆରମ୍ଭ କରିଥିଲା । ଏଥିସହ ସନ୍ଧାନୀ କୁକୁର ଟିମ୍ ଆସି ଯାଞ୍ଚ କରିଥିଲା । କୋର୍ଟର ଲିଫ୍ଟ, ପାର୍କିଂ ସ୍ଥଳ ସମେତ ବିଭିନ୍ନ ସମ୍ବେଦନଶୀଳ ସ୍ଥାନ ଆଦିକୁ ଭଲଭାବେ ଯାଞ୍ଚ କରାଯାଇଥିଲା । ୪ଟି ମହଲାର ବିଭିନ୍ନ ସ୍ଥାନରେ ମେଟାଲ ଡ଼ିଟେକ୍ଟର ସାହାଯ୍ୟରେ ସ୍କାନ ମଧ୍ୟ କରାଯାଇଥିଲା । ଏଥିପାଇଁ କୋର୍ଟ ଭିତରେ ଭୟର ବାତାବରଣ ଖେଳିଯାଇଥିଲା । ହେଲେ କୋର୍ଟ କାମରେ କୌଣସି ବାଧା ଉପୁଜିନଥିଲା । ଏକ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଯାଞ୍ଚ କରାଯିବାପରେ ଏହା ଗୁଜବ ବୋଲି ଜଣାପଡିଥିଲା । ତେବେ କିଏ ଓ କାହିଁକି ମିଥ୍ୟା ଇ-ମେଲ୍ ପଠାଇ ଏଭଳି ଆତଙ୍କ ସୃଷ୍ଟି କଲେ ତାକୁ ନେଇ ପୋଲିସ ପକ୍ଷରୁ ଅଧିକ ଖୋଳତାଡ଼ ଜାରି ରହିଛି । ଏନେଇ ତଦନ୍ତ କରାଯିବ ବୋଲି ବଡ଼ଗଡ଼ ଥାନାଧିକାରୀ ତୃପ୍ତି ରଞ୍ଜନ ନାୟକ କହିଛନ୍ତି । ଗତ ମାର୍ଚ୍ଚ ୧୨ରେ ଭୁବନେଶ୍ୱର କୋର୍ଟକୁ ମଧ୍ୟ ଏଭଳି ଧମକପୂର୍ଣ୍ଣ ଇ-ମେଲ ଆସିଥିଲା । ଜିଲ୍ଲା ଓ ଦୌରାଜଜଙ୍କ ଇ-ମେଲରେ ଏହି ଚେତାବନୀପୂର୍ଣ୍ଣ ମେଲ ଆସିଥିଲା । ଏହାପରେ କୋର୍ଟ କମ୍ପ୍ଲେକ୍ସ ଭିତରେ ଡଗ୍ ସ୍କ୍ୱାର୍ଡ ଦ୍ୱାରା ତନ୍ନତନ୍ନ କରି ଯାଞ୍ଚ କରାଯାଇଥିଲା। ହେଲେ ଯାଞ୍ଚ ପରେ ଏହା ଏକ ଗୁଜବ ବୋଲି ସ୍ପଷ୍ଟ ହୋଇଥିଲା । ରାଜ୍ୟର ବିଭିନ୍ନ କୋର୍ଟ ଏବଂ ଅନ୍ୟାନ୍ୟ ସମ୍ବେଦନଶୀଳ ପ୍ରତିଷ୍ଠାନକୁ ମଧ୍ୟ ବାରମ୍ବାର ଏଭଳି ବୋମା ଧମକ ମିଳୁଛି । ଯାହାକୁ ନେଇ ବିଭିନ୍ନ ମହଲରେ ଚିନ୍ତା ସୃଷ୍ଟି ହୋଇଛି ।

ପୂର୍ବରୁ ଅନେକ ଥର ରାଜ୍ୟର ବିଭିନ୍ନ ଜିଲ୍ଲାର କୋର୍ଟ, ଏୟାରପୋର୍ଟ ଏବଂ ଏକାଧିକ ସମ୍ବେଦନଶୀଳ ସ୍ଥାନକୁ ବୋମାରେ ଉଡାଇ ଦେବାକୁ ଧମକ ଆସିଥିଲା । ଗତ ମାର୍ଚ୍ଚ ୯ରେ ପୁରୀ କୋର୍ଟକୁ ମଧ୍ୟ ଏଭଳି ମେଲ୍ ଆସିଥିଲା । ଯାଞ୍ଚ ପରେ ଗୁଜବ ବୋଲି ଜଣାପଡିଥିଲା । ଗତ ଜାନୁଆରୀ ୮ରେ କଟକ ହାଇକୋର୍ଟ ସମେତ ସମ୍ବଲପୁର, ଦେବଗଡ଼ ଜିଲ୍ଲା କୋର୍ଟକୁ ମଧ୍ୟ ବୋମା ଧମକ ମିଳିଥିଲା ।

# କେନ୍ଦୁଝରରେ ଡେଭେଲପମେଣ୍ଟ ଟ୍ରଷ୍ଟର ବନ ମହୋତ୍ସବ ଅଭିଯାନ

କେନ୍ଦୁଝର, ୮।୭ (ଆନିସ): ଗତ ଶନିବାର ଦିନ କେନ୍ଦୁଝର ଡେଭେଲପମେଣ୍ଟ ଟ୍ରଷ୍ଟ ଏବଂ ଓଡିଶା ସରକାର ଙ୍କ ଜଳବାୟୁ ପରିବର୍ତ୍ତନ ଓ ବନବିଭାଗ ର ମିଳିତ ସହଯୋଗ ରେ କେନ୍ଦୁଝର ବନ ଖଣ୍ଡ ଅଧିକାରୀ ଶ୍ରୀ ଧନରାଜ ଏଚ. ଡି. ଙ୍କ ମାର୍ଗଦର୍ଶନ ରେ କେନ୍ଦୁଝର ସଦର ରେଞ୍ଜ ରେ ଅରମ୍ଭ ହୋଇଛି କେ. ଡି. ଟ୍ରଷ୍ଟ ର ସମ୍ପାଦକ ପରିବେଶ ବିତ ତଥା ବୃକ୍ଷ ପ୍ରେମୀ ଶ୍ରୀ ଭକ୍ତ ବତ୍ସଳ ମହାନ୍ତି ଙ୍କ ସଂଯୋଜନା ରେ ଆରମ୍ଭ ହୋଇଥିବା ବନ ମହୋତ୍ସବ ଅଭିଯାନ ରେ ସାମିଲ ହୋଇଛନ୍ତି ଗାୟତ୍ରୀ ପରିବାର ଓ ସମ ଧର୍ମୀ ଅନୁଷ୍ଠାନ ସମୂହ କେନ୍ଦୁଝର ବନାଞ୍ଚଳ ଅଧିକାରୀ ଶ୍ରୀ ଅଜିତ କୁମାର ଦାସ ସଦର ରେଞ୍ଜ ଅଧିନସ୍ଥ ରଘୁନାଥ ପୁର,ଡିମ୍ବୋ, ମଇଦାନ କେଲ ଓ ନେଲୁଙ୍ଗ ପଞ୍ଚାୟତ ର ବିଭିନ ହାତୀ-ମଣିଷ ଲଢେଇ ପ୍ରପୀଡ଼ିତ ଗ୍ରାମ ମାନଙ୍କ ରେ ଦଶ ହଜାର ବୃକ୍ଷ ରୋପଣ କରିବାକୁ କେ.ଡ଼ି ଟ୍ରଷ୍ଟ ସହିତ ରଣନୀତି ପ୍ରସ୍ତୁତ କରିଛନ୍ତି ଜ୍ଞାନ ଗଙ୍ଗା ଅଭିଯାନ ଓ ଗାୟତ୍ରୀ ପରିବାରର ପରିବେଶ



ବିତ ଶ୍ରୀ ରମେଶ ମିଶ୍ର ଆମ୍ବ, ପଣସ, ସାପେଇଟା, ଜାମୁ, ଜାମୁରୁଳ, ଅଁଳା, ବାହାଡା, ପେସ୍ତା ବାଦାମ, ଯେଉଟ, ଲେମ୍ବୁ, କମଳା, ଡାଳିମ୍ବ ପରି ଫଳ ଚାରା ସହିତ ଶାଳ, ପିଆଶାଳ, ଶାଗୁଆନ, ଡ଼ିମିରି, କୃଷ୍ଣ ଚୁଡା, ରାଧାଚୂଡ଼ା, ଲିମ୍ବ, ମହାଲିମ୍ବ, ଗମ୍ଭାରୀ, ଓସ୍ତ ଓ ବାଉଁଶ ଭଳି ଜାଳିଣି ପନ୍ଦର ହଜାର ଚାରା ତାଙ୍କ ନର୍ସରୀ ରୁ ମାଗଣାରେ ଯୋଗାଇ ଦେବାକୁ ନିର୍ଭର ପ୍ରତିଶୃତି ପ୍ରଦାନ କରିଛନ୍ତି ଓ ଆଜିର ଦିନରେ ୧୦୦୦ ଫଳନ୍ତି ଚାରା ମାଗଣାରେ ଯୋଗାଇଛନ୍ତି କେନ୍ଦୁଝର ଡେଭଲପମେଣ୍ଟ ଟ୍ରଷ୍ଟ ର କାର୍ଯ୍ୟକ୍ରମ ପରାମର୍ଶ ଦାତା ଡକ୍ଟର ବିଦ୍ୟାଧର ବେହେରା ଙ୍କ ନେତୃତ୍ୱରେ ଅଭିଯାନ କୁ କ୍ରିୟାଶୀଳ କରିବା ପାଇଁ ଏକ ଟାସ୍କ ଫୋର୍ସ ଗଠନ କରାଯାଇଛି ଟ୍ରଷ୍ଟି ମୁର୍ଗାବତୀ ବେହେରା,ବେଣୁଧର ମହାନ୍ତ,ଶ୍ରୀ କୈଳାସ ନାଏଙ୍କ, ରଂଜିତା ମହାନ୍ତ, ଡାକ୍ତର ସଂଜୀବ କୁମାର ହୋତ ଏବଂ କ୍ଷେତ୍ରୀୟ କର୍ମୀ ଭାଗିରଥି ମହାନ୍ତି, କଳ୍ପନା ନାଏକ, ହୈମ ବତୀ ମହାନ୍ତ ଟାସ୍କ ଫର୍ସ ର ସଦସ୍ୟ ସଦସ୍ୟା ଅଛନ୍ତି ଅଭିଯାନ କୁ ସଫଳ କରିବା ପାଇଁ ସମଧର୍ମୀ ଅନୁଷ୍ଠାନ ସ୍ୱସ୍ତି ଫାଉଣ୍ଡେସନ, ଅନ୍ତରିକ୍ଷ ଫାଉଣ୍ଡେସନ, ପ୍ରଗତି ଫାଉଣ୍ଡେସନ, ବନ ସୁରକ୍ଷା ସମିତି ଓ ପଞ୍ଚାୟତ ସ୍ତରୀୟ ମିଶନ ଶକ୍ତିର ଫେଡେରେସନ ମଙ୍ଗୁଆଳ ସାଜିଛନ୍ତି ବୋଲି ସମ୍ପାଦକ ଶ୍ରୀ ମହାନ୍ତି ଜଣାଇଛନ୍ତି ।

# ୨୮୩ କୋଟିର ଖଣି ରୟାଲଟି କେଉଁଠି ଗଲା?

## ତହସିଲଦାରଙ୍କ ଖାତାରେ ସରକାରୀ ଟଙ୍କା

## ମୁହାଁମୁହିଁ ରାଜସ୍ୱ-ପଞ୍ଚାୟତିରାଜ ବିଭାଗ

- ଆକାଉଣ୍ଟ ଫ୍ରିଜ୍ ସହ ଯାଞ୍ଚ ନିର୍ଦ୍ଦେଶ
- ବଢ଼ିଲା ବିଭାଗୀୟ ବିବାଦ
- ବଡ଼ ଆର୍ଥିକ ଅନିୟମିତତା, ଦୁର୍ନୀତି ସନ୍ଦେହ



ଭୁବନେଶ୍ୱର, ୮।୭: ରାଜ୍ୟରେ ଖଣିଜ ରୟାଲଟି ଆଦାୟକୁ ନେଇ ସାମ୍ନାକୁ ଆସିଛି ଏକ ବଡ଼ ଆର୍ଥିକ ଅନିୟମିତତା। ୨୦୨୩-୨୪ରୁ ୨୦୨୫-୨୬ ମଧ୍ୟରେ ପଞ୍ଚାୟତିରାଜ ବିଭାଗ ଅଧୀନରେ ସଂଗୃହୀତ ୨୮୩ କୋଟି ଟଙ୍କାର ଲଘୁ ଖଣିଜ ରୟାଲଟି ସରକାରୀ ଟ୍ରେଜେରୀରେ ଜମା ନ ହୋଇ ବିଭିନ୍ନ ତହସିଲଦାରଙ୍କ ବ୍ୟାଙ୍କ ଖାତାରେ ରଖାଯାଇଥିବା ଅଡିଟ୍‌ରେ ଧରାପଡ଼ିଛି। ଏହି ଘଟଣା ପରେ ରାଜ୍ୟ ସରକାରଙ୍କ ରାଜସ୍ୱ ଓ ପଞ୍ଚାୟତିରାଜ ବିଭାଗ ମଧ୍ୟରେ ତୀବ୍ର ମତଭେଦ ସୃଷ୍ଟି ହୋଇଛି। ସୂଚନା ଅନୁଯାୟୀ, ସରକାରଙ୍କ ପାଖକୁ ସିଧାସଳଖ ଯିବାକୁ ଥିବା ରାଜସ୍ୱ ଦୀର୍ଘ ସମୟ ଧରି ତହସିଲଦାରଙ୍କ ବ୍ୟାଙ୍କ ଖାତାରେ ଜମା ରହିଥିଲା। ଏହାକୁ ନେଇ ଏବେ ପ୍ରଶ୍ନ ଉଠିଛିକେଉଁ ନିୟମରେ ଏହି ଅର୍ଥ ସରକାରୀ ଖାତାକୁ ନ ଯାଇ ଅନ୍ୟ ଖାତାରେ ରଖାଗଲା କାହାର ଅନୁମତିରେ ଏଭଳି ପ୍ରକ୍ରିୟା ଚାଲିଥିଲା ଏବଂ ଏହି ବିପୁଳ ପରିମାଣର ଟଙ୍କାର ସୁଧ କିମ୍ବା ଅନ୍ୟାନ୍ୟ ଆର୍ଥିକ ଲାଭ କିଏ ପାଇଲା ପଞ୍ଚାୟତିରାଜ ବିଭାଗର ସ୍ୱତନ୍ତ୍ର ସଚିବ ସୂର୍ଯ୍ୟନାରାୟଣ ଦାସ ରାଜସ୍ୱ ବିଭାଗର ଅତିରିକ୍ତ ମୁଖ୍ୟ ସଚିବଙ୍କୁ ଲେଖିଥିବା ଚିଠିରେ ସମ୍ପୃକ୍ତ ତହସିଲଦାରଙ୍କ ବ୍ୟାଙ୍କ ଆକାଉଣ୍ଟକୁ ତୁରନ୍ତ ଫ୍ରିଜ୍ କରିବା, ସମ୍ପୂର୍ଣ୍ଣ ଯାଞ୍ଚ କରିବା ଏବଂ ରିପୋର୍ଟ ଦେବାକୁ କହିଛନ୍ତି। ଜିଲ୍ଲାପାଳମାନଙ୍କୁ ମଧ୍ୟ ଘଟଣାର ତଦନ୍ତ କରି ଦାୟୀ ଅଧିକାରୀଙ୍କ ବିରୋଧରେ ପଦକ୍ଷେପ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଅଡିଟ୍ ରିପୋର୍ଟରେ ସ୍ପଷ୍ଟ କରାଯାଇଛି ଯେ, ସରକାରୀ ନିୟମ ଅନୁଯାୟୀ ସଂଗୃହୀତ ରାଜସ୍ୱ ବିଳମ୍ବ ନକରି ସରକାରୀ ଟ୍ରେଜେରୀରେ ଜମା କରିବା ବାଧ୍ୟତାମୂଳକ। କିନ୍ତୁ ଏହି ନିୟମକୁ ଉଲ୍ଲଂଘନ କରି ଦୀର୍ଘ ସମୟ ଧରି ରୟାଲଟି ଟଙ୍କା ତହସିଲଦାରଙ୍କ ବ୍ୟାଙ୍କ ଖାତାରେ ରଖାଯାଇଥିଲା। ଏହା କେବଳ ପ୍ରଶାସନିକ ତ୍ରୁଟି ନା ଏହା ପଛରେ କୌଣସି ସଂଗଠିତ ଆର୍ଥିକ ଅନିୟମିତତା ରହିଛି, ତାହାକୁ ନେଇ ଏବେ ଚର୍ଚ୍ଚା ଜୋର ଧରିଛି। ଘଟଣା ସାମ୍ନାକୁ ଆସିବା ପରେ ବିରୋଧୀ ଦଳ ମଧ୍ୟ ସରକାରଙ୍କୁ ଘେରିବା ଆରମ୍ଭ କରିଛି। ସରକାରୀ ଟଙ୍କାର ପରିଚାଳନାରେ ସ୍ୱଚ୍ଛତା ରହିଛି କି ନା ଏହା ପଛରେ ବଡ଼ ଧରଣର ଦୁର୍ନୀତିର ଗନ୍ଧ ରହିଛି ଏଭଳି ପ୍ରଶ୍ନ ଉଠିଛି। ଯଦି ଅଡିଟ୍ ନ ହୋଇଥାନ୍ତା, ତେବେ ଏହି ବିପୁଳ ପରିମାଣର ଅର୍ଥ କେବେ ସରକାରଙ୍କ ନଜରକୁ ଆସିଥାନ୍ତା କି ନାହିଁ, ତାହାକୁ ନେଇ ମଧ୍ୟ ସନ୍ଦେହ ପ୍ରକାଶ ପାଉଛି।

ଏହି ବିବାଦ ପରେ ସରକାର ନୂଆ ନିର୍ଦ୍ଦେଶ ଜାରି କରି କହିଛନ୍ତି ଯେ, ଆଗାମୀ ଦିନରେ ସମସ୍ତ ଲଘୁ ଖଣିଜ ରୟାଲଟି କେବଳ ସାଇବର ଟ୍ରେଜେରୀ ମାଧ୍ୟମରେ ସିଧାସଳଖ ସରକାରୀ ଖାତାରେ ଜମା କରାଯିବ। ତେବେ ଏହି ୨୮୩ କୋଟି ଟଙ୍କା ମାମଲାରେ କାହା ବିରୋଧରେ କେମିତି କାର୍ଯ୍ୟାନୁଷ୍ଠାନ ହେବ ଏବଂ ପ୍ରକୃତ ସତ୍ୟ କେବେ ସାମ୍ନାକୁ ଆସିବ, ସେଥିପାଇଁ ଏବେ ସମସ୍ତଙ୍କ ନଜର ରହିଛି।

# ଗୁମୁଡୁମାହା ଗ୍ରାମବାସୀଙ୍କ ପାଇଁ ଏକ ଅଭିଶପ୍ତ ରାତିର ଗାଥା

## ନ୍ୟାୟ କେବେ ମିଳିବ?

ବାଲିଗୁଡ଼ା,୮।୭ (ଆନିସ): ଆଜିକୁ ଠିକ୍ ୧୦ ବର୍ଷ ତଳେ, ୨୦୧୬ ମସିହା ଜୁଲାଇ ୮ ତାରିଖ କନ୍ଧମାଳ ଜିଲ୍ଲାର ଗୁମୁଡୁମାହା ଗ୍ରାମବାସୀଙ୍କ ପାଇଁ ରାତିଟି ଥିଲା ଏକ ଅଭିଶପ୍ତ ରାତି, ତଥା କାଳ ରାତ୍ରି ବାଲିଗୁଡ଼ାରୁ ଦୈନନ୍ଦିନ ଆବଶ୍ୟକୀୟ ସାମଗ୍ରୀ କିଣି ଯାତ୍ରୀବାହି ଅଟୋ ଯୋଗେ ନିଜ ଗାଁକୁ ଫେରୁଥିବା ନିରୀହ ଆଦିବାସୀଙ୍କ ଉପରେ ମାଡ଼ି ଆସିଥିଲା ମୃତ୍ୟୁ ରାତି ପ୍ରାୟ ୮ଟା, ଝିପି ଝିପି ବର୍ଷା ଓ ଘନ ଅନ୍ଧକାର ଭିତରେ କାଦୁଅରେ ଫସିଯାଇଥିଲା ଅଟୋ ଆଉ ସେହି ସମୟରେ ଯବାନଙ୍କ ଅତର୍କିତ ଗୁଳିଚାଳନା କେବଳ କିଛି ଜୀବନ ନେଇନଥିଲା, ବଦଳାଇ ଦେଇଥିଲା ଅନେକ ପରିବାରର ଭାଗ୍ୟ । ଏହି ଘଟଣାରେ ନିଷ୍ପାପ ଶିଶୁ ଗିହେଜ ଦିଗାଳଙ୍କ ସମେତ କୁକାଲା ଦିଗାଳ, ମିଡ଼ିଆଲି ମଲ୍ଲିକ, କିମରି ମଲ୍ଲିକ ଏବଂ ବିଡିମ୍ବଲି ମଲ୍ଲିକଙ୍କ ପରି ନିରୀହ ଗ୍ରାମବାସୀଙ୍କ ଜୀବନ ପ୍ରଦୀପ ଅକାଳରେ ଲିଭିଯାଇଥିଲା ଗୋଟିଏ ରାତିରେ ଅନେକ କୋଳ ଶୂନ୍ୟ ହେଲା, କାହାର ସିନ୍ଦୂର ପୋଛି ହୋଇଗଲା, ତ ଆଉ କାହାର ସଂସାର ଉଜୁଡ଼ି ଗଲା । ଗୁମୁଡୁମାହା ଗୁଳିକାଣ୍ଡ ପରେ ସରକାରୀ ସ୍ତରରେ ବିଭିନ୍ନ ପ୍ରତିଶ୍ରୁତି ଦିଆଯାଇଥିଲା ପରବର୍ତ୍ତୀ ସମୟରେ ଅଞ୍ଚଳରେ ରାସ୍ତାଘାଟର ବିକାଶ ହେଲା, ଘରେ ଘରେ ବିଜୁଳି ଆଲୁଅ ପହଞ୍ଚିଲା। କିନ୍ତୁ ଭୌଗୋଳିକ ଓ ଭିତ୍ତିଭୂମିଗତ ବିକାଶ ସତ୍ତ୍ୱେ, ଆଜି ବି ଗୁମୁଡୁମାହା ବାସୀଙ୍କ ମନରେ ଘାରିଛି ସେହି ଗୋଟିଏ ପ୍ରଶ୍ନ, ଆମକୁ ନ୍ୟାୟ କେବେ ମିଳିବ ? ଘଟଣାର ତଦନ୍ତ ପାଇଁ ଗଠିତ ତତ୍କାଳୀନ ଜିଲ୍ଲା ଜଜ ଆଜମଲ ଙ୍କ ଅଧ୍ୟକ୍ଷତାରେ କମିଶନ ୧୦୪ ପୃଷ୍ଠାର ଏକ ରିପୋର୍ଟ ପ୍ରଦାନ କରିଥିଲେ, ତେବେ ୧୦ ବର୍ଷ ବିତିଯାଇଥିଲେ ମଧ୍ୟ ଏହି ରିପୋର୍ଟ କାହିଁକି ସାର୍ବଜନୀନ



କରାଗଲା ନାହିଁ, ତାହା ଏବେ ଏକ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି ରିପୋର୍ଟର ବିଷୟବସ୍ତୁକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଉଛି । ନ୍ୟାୟ ପାଇବାରେ ବିଳମ୍ବକୁ ନେଇ ଏବେ ଗ୍ରାମବାସୀ କ୍ଷୁବ୍ଧ, ଯଦି ଖୁବ୍ ଶୀଘ୍ର ଏହି କମିଶନ ରିପୋର୍ଟ ସର୍ବସାଧାରଣ ନ କରାଯାଏ ଏବଂ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରାଯାଏ, ତେବେ ଗ୍ରାମବାସୀ ଚରମ ନିଷ୍ପତ୍ତି ନେବାକୁ ଚେତାବନୀ ଦେଇଛନ୍ତି। ୧୦ ବର୍ଷର ଦୀର୍ଘ ଅପେକ୍ଷା ପରେ ଗୁମୁଡୁମାହା ବାସୀ ଏବେ ପ୍ରଶାସନ ଓ ସରକାରଙ୍କ ଆଡ଼କୁ ଅନାଇ ରହିଛନ୍ତି।

Printed, Published & owned by Sri Pramod Kumar Panda, Printed at Dainik Asha, Hilpatna, Brahmapur: Ganjam,
Published from Hillpatana, Brahmapur- 5, Ganjam, Odisha, E-mail: dainikashapress@gmail.com, Ph. (0680) 3560603, 7749999711, 9337892106,
ସମ୍ପାଦକ: ପ୍ରମୋଦ କୁମାର ପଣ୍ଡା
Editor: Pramod Kumar Panda